

ଐତିହାସିକ ଶତକ ପରେ ବ୍ରାଡମ୍ୟାନଙ୍କ ରେକର୍ଡ ଭାଙ୍ଗିଲେ କୋହଲି

ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 241 | ଭାଗ ୩୨ | ସଂଖ୍ୟା ୨୪୧ | Bhubaneswar | Monday 25 November 2024 | Page 8 Rs. 4.00 | ଭୁବନେଶ୍ୱର | ସୋମବାର ୨୫ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ବବିଙ୍କ ଭୟଙ୍କର ଖେଳ

## ଦଳ ପରେ ଏବେ ଲଲଙ୍କୁ ବଳି ପକାଇବାକୁ ଚାଲ୍



ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ): ମା' ବିରାଜାଙ୍କ ପରିକ୍ରମା ପ୍ରକଳ୍ପ ନାଁରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଖେଳିଛନ୍ତି ସାଂଘାତିକ ଖେଳ। ନିଜ ବ୍ୟବସାୟ ପାଇଁ ମା ବିରଜାଙ୍କ ପ୍ରକଳ୍ପକୁ ଢାଲ କରିଥିଲେ ଆଉ ଏହି ଖେଳରେ ବଳି ପଡୁଛନ୍ତି ଭାଇ ଲଲ, ଅନ୍ୟ ପରିବାର ସଦସ୍ୟ ଓ ବିଜେଡି କର୍ମୀ। ନିଜ ରାଜନୈତିକ ସ୍ୱାର୍ଥ ପାଇଁ ବାପା ଅଶୋକ ଦାସ ଡାକ୍ତରଖାନାରେ ପଡ଼ିଥିବା ବେଳେ ତାଙ୍କର ସବୁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ବିଜେଡିରେ ମିଶିଗଲେ। ଆଉ ଗୋଟିଏ ପରେ ଗୋଟିଏ ନେତାଙ୍କ ଗୋଛିକାଟି ବିଜେଡିର ସର୍ବେସର୍ବା ହେଲେ। ନିଜକୁ କ୍ରୀତଦାସ କହି ଦଳକୁ ଖୋଳ କରିଦେଲେ। ଏବେ ପରିବାରକୁ ବୁଡେଇବାକୁ ବସିଛନ୍ତି। ୭୦ ବର୍ଷ ବୟସରେ ମାଙ୍କୁ ନିର୍ବାଚନରେ ଛିଡା କରାଇ ହରାଇଦେଲେ, ଏବେ ସାନ ଭାଇ ଲଲକୁ ଫାଶିଖୁଣ୍ଟରେ ଝୁଲାଇବାକୁ ଲାଗିଛନ୍ତି।

**'ରାଜ୍ୟ ନେତାଙ୍କୁ' ପାଣି ପିଆଇଲେଣି ସ୍ୱାଧୀନ ବିଧାୟକ**

ନିଜକୁ ରାଜ୍ୟ ନେତା ବୋଲାଉଥିବା ବବି ଦାସଙ୍କୁ ଏବେ ଜଣେ ସ୍ୱାଧୀନ ବିଧାୟକ ପାଣି ପିଆଇସାରିଲାଣି। ସ୍ଥିତି ଏମିତି ହେଲାଣି ଯେ, ନିଜର ବ୍ୟବସାୟ ଓ ପତିଆରା କାଏମ ରଖିବାକୁ ଦଳର ସବୁ ନେତାଙ୍କୁ ନ୍ୟୁନ ହେଉଛି ତାଙ୍କ ସପକ୍ଷରେ କହିବାକୁ। ବିଜେଡିର କିଛି ବରିଷ୍ଠ ନେତାମାନେ ଇଚ୍ଛା ନଥିଲେ ବି ସନ୍ୟାସୀଙ୍କ ନିର୍ଦ୍ଦେଶରେ କ୍ରୀତଦାସ ପାଇଁ କହିବାକୁ ବାଧ୍ୟ ହେଉଛନ୍ତି। ହେଲେ ଆନ୍ତରିକତାର ସହ କେହି କହୁନଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, କ୍ଷମତାରେ ଥିବା

➪ପୃଷ୍ଠା-୬

**ବିଧାୟକଙ୍କ ଉପରେ ଆକ୍ରମଣ ଘଟଣା**

### କ୍ରାଇମବ୍ରାଞ୍ଚ କରିବ ତଦନ୍ତ
### ବବିଙ୍କ ପାଇଁ ବଢ଼ିବ ଅଡୁଆ

ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ): ଗତ ୨୦ ତାରିଖ ରାତିରେ ଯାଜପୁର ବରୁଆଁ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଉପରେ ହୋଇଥିବା ଆକ୍ରମଣର ତଦନ୍ତ କରିବ କ୍ରାଇମବ୍ରାଞ୍ଚ।



ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଏଡିଜି କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଭାର ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କୁ ଦେଇଛନ୍ତି। ବିଧାୟକଙ୍କ ଉପରେ କିଏ ଆକ୍ରମଣ କରିଥିଲେ, ପ୍ରଚ୍ଛଦପଟରେ କିଏ ଆକ୍ରମଣକାରୀଙ୍କୁ ଉସକାଉଥିଲା, ଆକ୍ରମଣର ଉଦ୍ଦେଶ୍ୟ ସବୁକିଛିର ଖୋଳତାଡ କରିବ କ୍ରାଇମବ୍ରାଞ୍ଚ। କାରଣ ଏହି ଘଟଣାରେ ବିଧାୟକଙ୍କ ଉପରେ କିଛି ଲୋକ ଠେଙ୍ଗାବାଡି ଧରି ଆକ୍ରମଣ କରିଥିବା ବେଳେ ବିଜେଡି ଅଭିଯୋଗ କରୁଛି ଯେ, ବିଧାୟକ ପୂର୍ବରୁ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ। ଏହି ଘଟଣାରେ ଉଭୟ ପକ୍ଷରୁ ଏକାଧିକ ମାମଲା ହୋଇଛି। ଗତ ତିନି ଦିନ ମଧ୍ୟରେ କିଛି ଲୋକଙ୍କୁ ପୋଲିସ ଗିରଫ କରିଛି, ଆଉ କିଛି ଲୋକ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ପୋଲିସ ଖୋଜୁଥିବା ବେଳେ

➪ପୃଷ୍ଠା-୬

### ତୃତୀୟ ପର୍ଯ୍ୟାୟରେ ୨୦ ଲକ୍ଷ ମହିଳାଙ୍କୁ ସହାୟତା

## ମହିଳାଙ୍କ ସ୍ୱପ୍ନକୁ ବାସ୍ତବ ରୂପଦେବ ସୁଭଦ୍ରା



ସୁନ୍ଦରଗଡ଼/ ଭୁବନେଶ୍ୱର, ୨୪।୧୧ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ରେ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟର ସର୍ବବୃହତ ମହିଳା ସଶକ୍ତୀକରଣ ଯୋଜନା 'ସୁଭଦ୍ରା' ଅଧୀନରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ କିସ୍ତିର ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ୮୦ ଲକ୍ଷ ମହିଳା ୪ ହଜାର କୋଟି ଟଙ୍କାର ସହାୟତା ପାଇଛନ୍ତି। ସୁଭଦ୍ରା ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମା' ଏବଂ ଭଉଣୀମାନେ ଉପକୃତହେବେ। ଏହା ଆମ ରାଜ୍ୟ ପାଇଁ ସବୁଠାରୁ ବଡ ଜନ ହିତକାରୀ ଯୋଜନା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**ମହିଳା ସଶକ୍ତୀକରଣ ନାଁରେ ହେଉଥିଲା ପ୍ରହସନ**

**ଶିଳ୍ପ, କ୍ରୀଡ଼ା, ପର୍ଯ୍ୟଟନ କ୍ଷେତ୍ରରେ ସୁନ୍ଦରଗଡ଼ର ଅବଦାନ ଅତୁଳନୀୟ**

**୧୨୦୧ କୋଟି ଟଙ୍କାର ୯୮୪ ପ୍ରକଳ୍ପ ଶୁଭାରମ୍ଭ**

ସୁନ୍ଦରଗଡ଼ କଲେଜ ନିକଟସ୍ଥ ଯାତରା ପଡ଼ିଆରେ ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ୧୦ ଜଣଙ୍କୁ ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତିର ଡମି ଚେକ୍ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକାଶର ସୁଫଳକୁ ସବୁ ବର୍ଗର ଲୋକ ଅନୁଭବ କରିବା ଉଚିତ। ସୁଭଦ୍ରା ଏ ଦିଗରେ ଏକ ସୁଚିନ୍ତିତ ଓ ସୁନ୍ଦର ପଦକ୍ଷେପ। ପୂର୍ବତନ ରାଜ୍ୟ ସରକାର ୭୦ଲକ୍ଷ ମହିଳାଙ୍କୁ କେବଳ ସୁଧମୁକ୍ତ ଋଣ ଦେଇ ମିଶନ ଶକ୍ତି ନାଁରେ ପ୍ରହସନ ଚଳାଇଥିଲେ। କିନ୍ତୁ ଆମ ସରକାର ମହିଳାମାନଙ୍କୁ ଋଣମୁକ୍ତ ଆର୍ଥିକ ସହାୟତା ପ୍ରଦାନ କରୁଛି। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ବର୍ଷକୁ ଦୁଇଟି କିସ୍ତିରେ ୫ବର୍ଷରେ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପାଇବେ। ଆମ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ କରୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆମ ଓଡିଆ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରତିଛବି। ଓଡ଼ିଶାର ସମସ୍ତ ମା' ଭଉଣୀ ମୋ ପାଇଁ ମା' ସୁଭଦ୍ରାଙ୍କ ସ୍ୱରୂପ। ଓଡ଼ିଶା ସଂସ୍କୃତିରେ ମହିଳାଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବାର ଦୃଷ୍ଟାନ୍ତ ରହିଆସିଛି। ଏହାର ଜୀବନ୍ତ ଉଦାହରଣ ରଜ ପର୍ବ। ଭାରତରେ ଓଡ଼ିଶା ଏକ ମାତ୍ର ରାଜ୍ୟ ଯେଉଁଠାରେ ଧରିତ୍ରୀ ମାତାର ନାରୀତ୍ୱକୁ ସମ୍ମାନ ଜଣାଇ ରଜ ପର୍ବ ପାଳନ କରାଯାଏ। ମୁଖ୍ୟମନ୍ତ୍ରୀ କହିଲେ, ସୁନ୍ଦରଗଡ଼ ହେଉଛି ହକିର ଏକୁଡ଼ିଶାଳ। ଏ ମାଟିରେ ମାଇକେଲ କିଣ୍ଡୋ, ଦିଲ୍ଲୀପ ତିର୍କୀ, ଇଗ୍ନେସ ତିର୍କୀ, ଲାଜରସ ବାର୍ଲା, ଉଇଲିୟମ ଖେସ, ଅମିତ୍ ରୋହିଦାସ, ନିଲମ ସଞ୍ଜୀବ ଖେଶ, ସୁଭଦ୍ରା ପ୍ରଧାନ, ନିଳୀମା କୁଜୁର, ଜ୍ୟୋତି ସୁନୀତା କୁଲ୍ଲୁ, ନମିତା ଟପ୍ପଙ୍କ ଭଳି ଅନେକ ଅନ୍ତର୍ଜାତୀୟ କ୍ରୀଡାବିତ୍ ଜନ୍ମ ନେଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଖଣି, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ସୁନ୍ଦରଗଡ଼ର ଅବଦାନ ଅଧିକ। ସୁନ୍ଦରଗଡ଼ର କଳା, ସଂସ୍କୃତି, ପରମ୍ପରା ଓ ବିଶେଷକରି ଆଦିବାସୀ

➪ପୃଷ୍ଠା-୬

## ଓଡ଼ିଶା ସନ୍ଥ ଓ ବିଦ୍ୱାନଙ୍କ ମାଟି

ଦିଲ୍ଲୀ/ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ପର୍ବକୁ ଆସି ମୁଁ ଖୁବ୍ ଗର୍ବିତ। ଓଡ଼ିଶା ଆରମ୍ଭରୁ ସନ୍ଥ ଓ ବିଦ୍ୱାନଙ୍କ ମାଟି। ଭୀମ ଭୋଇ କହିଥିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ', ଏହା ହିଁ ଓଡ଼ିଶାର ସଂସ୍କୃତି ବୋଲି ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ପର୍ବର ଉଦ୍‌ଯାପନୀ ଦିବସରେ ଯୋଗ ଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଜବାହରଲାଲ ନେହରୁ ଷ୍ଟାଡିୟମରେ ଓଡ଼ିଆ ସମାଜ ଦ୍ୱାରା ପରିଚାଳିତ ତିନିଦିନିଆ ସମାରୋହର ଉଦ୍‌ଯାପନୀ ଦିବସରେ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଆ ସଂସ୍କୃତିର ମହାକୁମ୍ଭ ଓଡ଼ିଶା ପର୍ବ-୨୦୨୪ରେ ଆପଣମାନଙ୍କୁ ଭେଟି ମୁଁ ଆନନ୍ଦିତ। ଏଥର ସ୍ୱଭାବ କବି ଗଂଗାଧର ମେହେରଙ୍କ ଶତବାର୍ଷିକୀ



ଉତ୍ସବ ଅବସରରେ ଶୁଭେଚ୍ଛା ଜଣାଉଛି। ଭକ୍ତ ଦାସିଆ ବାଉରି, ଭକ୍ତ ସାଲବେଗ, ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କୁ ପ୍ରମାଣ ଜଣାଉଛି। ଓଡ଼ିଶା ନିଜର ସାଂସ୍କୃତିକ ବିବିଧତା ଦ୍ୱାରା ଭାରତକୁ

➪ପୃଷ୍ଠା-୬



## ସଭ୍ୟ ସଂଗ୍ରହ ପାଇଁ ଯାଇ କାନମୁଣ୍ଡା ଆଉଁସି ଫେରିଲେ

ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାରେ ସଭ୍ୟ ସଂଗ୍ରହ କରିବାକୁ ଯାଇଥିବା ବିଜେଡିର ଟାଣୁଆ ନେତାମାନେ ତଳିଆ କର୍ମୀଙ୍କ ପ୍ରଶ୍ନବାଣରେ ଘାଇଲା ହୋଇଛନ୍ତି। ସୁନ୍ଦରଗଡରେ କର୍ମୀଙ୍କ କୋପମୂର୍ତ୍ତି ଦେଖି ଖସିଥିବାବେଳେ ରାଉରକେଲା ବୈଠକରେ ଖୋଦ୍ ଜିଲ୍ଲା ବିଜେଡି ନେତାଙ୍କ ଅନୁପସ୍ଥିତି ଏବେ ଦଳର ମାମଲତକାରଙ୍କୁ ଜଟିଳ ସ୍ଥିତିରେ ପକାଇଛି। ବିଜେଡିର ତିନି ତୁଙ୍ଗ ନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ ଓ ଦେବୀ ରଞ୍ଜନ ତ୍ରିପାଠୀ ସୁନ୍ଦରଗଡ ଗସ୍ତ କରିଥିଲେ ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରିବାପାଇଁ। ହେଲେ ସେଠାରେ ପହଞ୍ଚିବା ପରେ କର୍ମୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ

➪ପୃଷ୍ଠା-୬

**କର୍ମୀଙ୍କ ପ୍ରଶ୍ନବାଣରେ ବିଜେଡି ନେତା ଘାଇଲା**

**ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ ନଦେଖି ତାଡିଲେ**

**ଭାଗ ଭାଗ ହେଲାଣି ଦଳ**

## ଟିମ୍‌ରେ ଗଲେନି ପ୍ରଦୀପ



**ବବିଙ୍କ ଋଣ ଶୁଝୁଥିବା ଚର୍ଚ୍ଚା**

ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଯାଜପୁର ଜିଲ୍ଲାର ବିଜେପି ନେତାମାନେ ଭେଟିଛନ୍ତି। ଏଥିରେ ଯାଜପୁର ସଂସାଦଙ୍କ ସହ ସବୁ ବିଜୟୀ ବିଧାୟକ, ପରାଜିତ ପ୍ରାର୍ଥୀ ବି ସାମିଲ ହୋଇଛନ୍ତି । ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ସାହୁ, ବଡଚଣା ବିଧାୟକ ଅମର ନାୟର, ଯାଜପୁରର ବିଜେପି ପ୍ରାର୍ଥୀ ଗୌତମ ରାୟ, ବରିର ବିଜେପି ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଓ ବିଞ୍ଝାରପୁରର ଦଳୀୟ ପ୍ରାର୍ଥୀ ବବିତା ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ଭେଟଘାଟ ବେଳେ ଯାଜପୁର ରାଜନୀତି ନେଇ ଆଲୋଚନା ହୋଇଥିବା ଜଣାପଡିଛି। ହେଲେ ଦୁଇଜଣ ବିଧାୟକ ଏହି ଟିମରେ ଯାଇନାହାଁନ୍ତି। ସେମାନେ ହେଲେ କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ମିଳିଥିବା ସୂଚନା ଅନୁଯାୟୀ

➪ପୃଷ୍ଠା-୬


## ନରସିଂହଙ୍କ ଡବଲ ରୋଲ !


**ଡ୍ୟାନ୍ସ ବାର ବେଳକୁ ଦବଙ୍ଗ**

**ପବ୍ ବେଳକୁ ଅମଙ୍ଗ**

ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ): କିଛିଦିନ ତଳେ ଆମେ ଅବକାରୀ କମିଶନର ନରସିଂହ ଭୋଳଙ୍କ ଆକ୍ସନ ମୋଡ଼ ବିଷୟରେ ଏକ ଖବର ପ୍ରକାଶ କରିଥିଲୁ। ଯେଉଁ ଖବରରେ ଦୁର୍ନୀତିଖୋର ଅଫିସରଙ୍କୁ ନିଲମ୍ବନ ଓ ବହିଷ୍କାର ଭଳି କଥା ଉଲ୍ଲେଖ କରିଥିଲୁ। ଆଜିର ଖବର ରେ କିନ୍ତୁ ଅବକାରୀ ବିଭାଗର ଡବଲ ରୋଲ କଥା ସାମ୍ନାକୁ ଆଣୁଛୁ। ଗୋଟିଏ ପଟେ ମାଫିଆ କର୍ମଚାରୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଛି। ଡ୍ୟାନ୍ସ ବାରରେ ଚାଲୁଥିବା ଦୋନମ୍ବରି କାମ ପଦାକୁ ଆଣି ଅନିର୍ଦ୍ଦିଷ୍ଟ କାଳ ଯାଏଁ ବନ୍ଦ କରାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ପବରେ ଚଢ଼ାଉ ବେଳକୁ ଅବକାରୀ ବିଭାଗ ବଡ଼ବାବୁଙ୍କ ହାତ ଥରୁଛି।

ସହିଦନଗର ଅଞ୍ଚଳରେ ଥିବା ଏକ ବାର ଗତ କିଛିଦିନ ହେଲା ସୂର୍ଯ୍ୟ ଉଦୟ ହେଲା ଯାଏଁ ଚାଲୁଛି। ମଦ ପିଇ ମାତାଲ ହୋଇ ଭୋର ଯାଏଁ ନାଚୁଛନ୍ତି ଯୁବପିଢି। ଅବକାରୀ ବିଭାଗଠାରୁ ଏହି ବାର ୧୨ ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ନେଇଥିବା ବେଳେ ସକାଳ ଯାଏଁ ଖୋଲିବାକୁ ଏହାକୁ କିଏ ନିର୍ଦ୍ଦେଶ ଦେଉଛି, ତାହା ଏବେ




ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି। ପୋଲିସର କହିବା କଥା ହେଉଛି ଯେହେତୁ ଅବକାରୀ ବିଭାଗ ଲାଇସେନ୍ସ ଦେଉଛି, ତଦାରଖ କରିବା ଦାୟିତ୍ୱ ମଧ୍ୟ ଅବକାରୀ ବିଭାଗର। ଯଦି ପୋଲିସକୁ ଅବକାରୀ ବିଭାଗ

➪ପୃଷ୍ଠା-୬

## କ୍ୱାର୍ଟର୍ସ ଭଡ଼ା ଦେଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୪।୧୧(ସଂଚାର ବ୍ୟୁରୋ): ସରକାରୀ କ୍ୱାର୍ଟର୍ସ ଜବରଦଖଲ, ଭଡା ଲଗାଇବା ଉପରେ ସରକାର କଠୋର ହେବେ। ଭଡାକୁ ଲଗାଇଲେ, ଆଲର୍ଟମେଣ୍ଟ ହୋଇଥିବା ବ୍ୟକ୍ତି, ଭଡାରେ ରହୁଥିବା ବ୍ୟକ୍ତି ଉଭୟ ଦୋଷୀ ଭାବେ ବିବେଚିତ ହେବେ। ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନେକ ଜାଗାରେ ସରକାରୀ କ୍ୱାର୍ଟର୍ସ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ଅନେକ ଜାଗାରେ ଲୋକେ କ୍ୱାର୍ଟର୍ସ ମାଡି ବସିଛନ୍ତି । ଏହା ଉପରେ ଜିଏ ବିଭାଗ ଏକ ତାଲିକା ପ୍ରସ୍ତୁତ କରୁଛି ଓ ଏଭଳି ହେଉଥିବା ଜାଗାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଶ୍ରୀ ହରିଚନ୍ଦନ କହିଛନ୍ତି, ବର୍ତ୍ତମାନ ସରକାରୀ କ୍ୱାର୍ଟର୍ସ ଯେମିତି ମିଳିବା କଥା ସେଭଳି ବ୍ୟବସ୍ଥା ହେବ । ଯେଉଁ ଅଞ୍ଚଳରେ ଘର ହେଉଛି ବା ପୁରୁଣା ହୋଇଗଲାଣି ତାକୁ ଭାଙ୍ଗି ନୂଆ ଘର ଭର୍ଟିକାଲ ଆକାରରେ ତିଆରି କରାଯିବ । ଯାହା ଫଳରେ ଗୋଟିଏ ଜାଗାରେ ବହୁତ ଲୋକ ରହିପାରିବେ । ସେ ବାବଦରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

### ଟ୍ରେଣ୍ଡିଂ ନ୍ୟୁଜ୍

ଅବସରପ୍ରାପ୍ତ ବିଚାରପତିମାନେ ସମାଜରେ ସନ୍ଦେହ ସୃଷ୍ଟି ହେବା ଭଳି କୌଣସି କାର୍ଯ୍ୟ କରିବା ଅନୁଚିତ। ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ରହିଥାଏ। ତେଣୁ ଅବସର ପରେ ବିଚାରପତିମାନେ ଏଭଳି କାର୍ଯ୍ୟ କରିବା ଉଚିତ ନୁହେଁ ଯାହା ନ୍ୟାୟିକ ବ୍ୟବସ୍ଥାର ଅଖଣ୍ଡତା ଉପରେ ପ୍ରଶ୍ନ ସୃଷ୍ଟି କରିବ ବୋଲି କହିଲେ ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼।

ସୋମବାରଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେଉଛି। ଏହା ଡିସେମ୍ବର ୨୦ ଯାଏଁ ଚାଲିବ ଏବଂ ଏହି ସମୟ ମଧ୍ୟରେ ୧୬ ବିଲ ଉପସ୍ଥାପନ କରାଯିବ।

ଯମୁନା ଏକ୍ସପ୍ରେସ ହାଇୱେରେ ଘଟିଥିବା ଦୁର୍ଘଟଣାରେ ଆଧ୍ୟାତ୍ମିକ ଗୁରୁ କୃପାଳୁ ମହାରାଜଙ୍କ କନ୍ୟା ବିଶାଖା ତ୍ରିପାଠୀ(୭୫)ଙ୍କର ପରଲୋକ। ଦୁଇ ଭଉଣୀ ସମେତ ୫ଜଣଙ୍କ ସହିତ ସେ ଦିଲ୍ଲୀରୁ ବୃନ୍ଦାବନ ଯିବା ବାଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି।

ପରିବେଶ ମନୁଷ୍ୟ ପାଇଁ କେତେ ହାନିକାରକ ତାକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ଦେଇଛି ସିଓପି-୨୯ । ସିଡନି ଅଜିରବୈଜାନ୍ ବାକୁରେ ଆୟୋଜିତ ଜଳବାୟୁ ଶିଖର ସମ୍ମିଳନୀରେ ବିଶେଷଜ୍ଞମାନେ କହିଛନ୍ତି, ଦ୍ରୁତ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ, ଯୁବକଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଏହାଦ୍ୱାରା ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି।

ଉତ୍ତର ପ୍ରଦେଶର ଜାମା ମସଜିଦ ସର୍ଭେ ସମୟରେ ଗଣ୍ଡଗୋଳ ଘଟି ୩ ଜଣଙ୍କ ମୃତ୍ୟୁ। ୩୦ ଜଣ ପୁଲିସ କର୍ମୀ ଆହତ।



### କାନ ଡେରିଥା

ମହାରାଷ୍ଟ୍ରରେ ମହାଜ୍ୟୋତି ତ
ଗଢ଼ିବ ସରକାର
ମହାଅଘାଡ଼ି ତ ଅଗାଡ଼ି
ହେଲାହେ
ଆକଳନ ସବୁ ବେକାର।

## ବିଜେଡିର ରୂପାନ୍ତରଣ: ଧୃତରାଷ୍ଟ୍ରଙ୍କ ସଞ୍ଜୟ ଏବେ ସନ୍ୟାସୀଙ୍କ ସଞ୍ଜୟ

ଭୁବନେଶ୍ୱର, ୨୪।୧୧ (ସଂଚାର ବ୍ୟୁରୋ):ମହାଭାରତ ଯୁଦ୍ଧ ସମୟରେ ଅନ୍ଧ ଧୃତରାଷ୍ଟ୍ରଙ୍କ ନିକଟରେ ରହି ତାଙ୍କୁ ଯୁଦ୍ଧର ବିବରଣୀ ଦେଉଥିଲେ ସଞ୍ଜୟ । ଧୃତରାଷ୍ଟ୍ରଙ୍କର ସାଜିଥିଲେ ଆଖି ଓ କାନ । ସେହଭଳି ଓଡ଼ିଶାର ରାଜନୀତିର ସଞ୍ଜୟ ଦାଶବର୍ମା ଦିନେ ନବୀନଙ୍କ ସଞ୍ଜୟ ସାଜି ପୁରୀରେ ସନ୍ୟାସୀଙ୍କୁ ଅଣଓଡିଆ କହି ପ୍ରବଳ ଗାଳି ଦେଇଥିଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ଦଳରେ ଏକ ଘରକିଆ ହେବାକୁ ପଡିଥିଲା। ସେତେବେଳେ ଧୃତରାଷ୍ଟ୍ର ବି ତାଙ୍କୁ ସାହା ହୋଇନଥିଲେ । ଏବେ ବିଜେଡିର ରୂପାନ୍ତରଣ ହୋଇଛି । ସଞ୍ଜୟ ପଲଟିଛନ୍ତି । ସାଜିଛନ୍ତି ସନ୍ୟାସୀଙ୍କ ସଞ୍ଜୟ । ପରଦା ଆଢୁଆଳରେ ଥିବା ସନ୍ୟାସୀଙ୍କ କଥା ସଞ୍ଜୟଙ୍କ ମୁହଁରେ ଗଣମାଧ୍ୟମ ନିକଟରେ ପହଞ୍ଚାଇବାରେ ଲାଗିଛନ୍ତି ।

**ମଞ୍ଚରେ ବିବାଦୀୟ ନେତା**

**ବବିଙ୍କ ପାଇଁ ଓକିଲାତି**



ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ନିଜ ସ୍ଥିତି ରକ୍ଷା ପାଇଁ ଯାଜପୁରରେ ଭୟଙ୍କର ଖେଳ ଖେଳି ଅସୁସ୍ଥ ଭାଇକୁ ଜେଲ୍‌ରେ ପୂରାଇଥିବା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ପାଇଁ ଆଜି ବିଜେଡି ଓକିଲାତି କରିଛି। ସାମ୍ବାଦିକ ସମ୍ମିଳନୀ ଜରିଆରେ ଦଳର ଦୁଇ ନେତା ବିଧାୟିକା ପ୍ରମିଳା ମଲ୍ଲିକ ଓ ପୂର୍ବତନ ବିଧାୟକ ସଞ୍ଜୟ ଦାଶବର୍ମା ବିଜେପି ସରକାରକୁ ଆଇନ୍ ଶୃଙ୍ଖଳା ନେଇ ବାଣ ମାରିଛନ୍ତି । ହେଲେ ପାଞ୍ଚ ମାସର ସରକାରକୁ ଆଇନ୍ ଶୃଙ୍ଖଳାର ଆଇନା ଦେଖାଇ ବିଜେଡି କେବଳ ଲୋକହସା ହୋଇନାହିଁ ନିଜ ନେତାଙ୍କୁ ବି ଖାଲକୁ ପେଲିଦେଇଛି ।

ବବିଙ୍କ ପାଇଁ ଓକିଲାତି କରୁଥିବା ସଞ୍ଜୟ ଦାଶବର୍ମାଙ୍କ ନାଁରେ ଉଠିଥିଲା ଚିଟ୍‌ଫଣ୍ଡରେ ସାମିଲ ଅଭିଯୋଗ । ତେବେ ନୂଆ ସରକାରକୁ ଆଇନ୍ ପାଠ ପଢ଼ାଇବା ପୂର୍ବରୁ ସଞ୍ଜୟ ଟିକେ ନିଜ ସରକାରର କାର୍ଯ୍ୟ ପ୍ରତି ନଜର ପକାଇବା ଉଚିତ୍ ଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌କୁ ଅଣ୍ଡା ମାଡ ଅଭିଯୋଗରେ ଛାତ୍ରକଂଗ୍ରେସ ନେତାଙ୍କ ନାଁରେ ଆଇପିସି ଧାରା ୩୦୭ ଲାଗିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ କଳାପତାକା ଦେଖାଇବା ଅଭିଯୋଗରେ କୃଷକ ନେତାଙ୍କ ବିରୁଦ୍ଧରେ ହତ୍ୟା ଭଳି ସଙ୍ଗୀନ ଦଫା ଲଗାଯାଇଥିଲା। ସେହିଭଳି ଯେଉଁ ଯାଜପୁର ପାଇଁ ଏବେ ବିଜେଡି ଆଗକୁ ଆସିଛି ସେହି ଯାଜପୁରରେ ଟାଟା କମ୍ପାନୀ ପାଇଁ ସରକାର ନିରୀହ ଆଦିବାସୀଙ୍କ ଉପରେ ଗୁଳି ଚଳାଇଥିଲେ । ଏଥିରେ ୧୪ଜଣ ଆଦିବାସୀ ମରିଥିବାବେଳେ ୧୨ଜଣଙ୍କ ପାପୁଲି କାଟି ନେଇଥିଲେ ସରକାର ।

ନିଜ ଦଳର କର୍ମୀ ଜେଲ୍ ଗଲାବେଳେ ବିଜେଡିକୁ ଆଇନ୍ ଶୃଙ୍ଖଳା ଦିଶୁନଥିଲା। ଦଳର ଆଗଧାଡିର ନେତା ପ୍ରଦୀପ ପାଣିଗ୍ରାହୀଙ୍କ ଅବସ୍ଥା କ'ଣ

➪ପୃଷ୍ଠା-୬





# ଅପରିଚିତ

**ପୁଷ୍ପଲତା ମିଶ୍ର**

ଅମିତା ତର ତର ହୋଇ ଷ୍ଟେସନରେ ପହଁଚି ଦେଖେ ତ ଟ୍ରେନ ଆସିବା ବିଳମ୍ବ ଅଛି, ସେ ଯାଇ ପ୍ଲାଟଫର୍ମର ଗୋଟିଏ କୋଣ ରେ ଯାଇ ବସି ପଡିଲା। ବସୁ ବସୁ କେତେ ବେଳେ ଯେ ନିଦ ଲାଗି ଯାଇଛି ତାହା ତାକୁ ଜଣା ନାହିଁ । ଅମିତା କୁ ଶୁଭିଲା କିଏ ଜଣେ କହୁଛି ଉଠି ପଡ ଟ୍ରେନ ଆସିଗଲା ତୁମର ,ଧଡ ପଡ ହେଇ ଉଠି ବସିଲା ଅମିତା ଦେଖିଲା ପାଖରେ କେହି ନାହାନ୍ତି କିଏ ଆଉ ଡାକିଲା ? ଏ ଯାତ୍ରୀ ଭିଡ଼ ଭିତରେ ଡାକିବା ଶବ୍ଦ ଟି ମତେ ପରିଚିତ ପରି ଲାଗୁଥିଲା । ଆରେ ମୋ ଗୋପାଳ ନୁହେଁ ତ! ଗୋପାଳ କୁ ପୂଜା କରିବା ତାକୁ ସଜେଇ ଦବା ତା ସହ ମୋର କଥା ହବା ଆନ୍ତରିକତା ବଢ଼ି ଯାଇ ଥିଲା।ସତ କୁ ସତ ଅମିତା ଦେଖିଲା ଟ୍ରେନ ଆସି ଠିଆ ହେଇଛି , ଗୋପାଳ କୁ ଗୋଟେ ମୁଣ୍ଡିଆ ମାରି ,ବ୍ୟାଗ ଧରି ଅମିତା ଚଢ଼ି ଗଲା ଟ୍ରେନ ଉପର କୁ ନିଜ ସିଟ୍ ନମ୍ବର ଦେଖି ବ୍ୟାଗ ରଖିଲା ବେଳକୁ ଜଣେ କିଏ ଘୋଡ଼େଇ ଘାଡ଼େଇ ଶୋଇଛି ତା ସିଟ୍ ଉପରେ ।କିଛି ସମୟ ଅପେକ୍ଷା କରି ଠିଆ ହୋଇ ରହିଲା ସେଇ ସିଟ୍ ପାଖରେ...।ପାଖ ସିଟ୍ ବି ଖାଲି ନାହିଁ,ସମସ୍ତେ ବସି ସାରିଲେଣି। ଯନ୍ତ୍ର ମାନବ ବି କର୍କଶ ଶବ୍ଦ କରି ଆଗେଇ ଚାଲିଲାଣି ତାର ଗନ୍ତବ୍ୟ ପଥ ରେ।.....।

କେତେ ସମୟ ଆଉ ଅପେକ୍ଷା କରିବ ଅମିତା ! ନାରୀ ସହଜେ ତ ବୋକା ପାଲଟି ଯାଏ ,କାହିଁକି ନା ନାରୀ ମିଛକୁ ସହଜେ ବିଶ୍ୱାସ କରେ। ସେଥିପାଇଁ ପୁରୁଷ ର ମିଛ ପ୍ରଶଂସା ଆଉ ମିଛ ହସ ଅବା ମିଛ ସମବେଦନାରେ ପୁରୁଷକୁ ହୃଦୟ ରେ ବସେଇ ରଖେ। ଆଉ ପୁରୁଷ ବି କମ୍ ନୁହେଁ କିଛି ନାରୀର ମିଛ ଅଭିନୟକୁ ବୁଝି ନ ପାରି ସହଜେ ସେଇ ଅଭିନୀତ ଦୃଶ୍ୟ ର ଏକ ଅଂଶ ପାଲଟି ଯାଏ ଯେବେ ନାରୀ ର ମିଛ ଅଭିନୟ ଶେଷ ସେବେ ପୁରୁଷ ଅଭିନୀତ ଚରିତ୍ରର ଦୃଶ୍ୟ ବି ଶେଷ ! ଶେଷ ରେ ନାରୀ କୁହେ ସେଇ ଗୋଟିଏ ଭୁଲ ପାଇଁ...... ଆଉ ପୁରୁଷ କୁହେ ଏଠି କାନ୍ଦିବା ମନା!

ଏତେ ଭାବନା ଭିତରୁ ବାହାରି ସାହାସ ବାନ୍ଧି ସେଇ ଅପରିଚିତ ଲୋକ ଟିକୁ ଡାକିବାକୁ ଚେଷ୍ଟା କଲା ,ବିବେକ ବାଧା ଦେଉଛି ଶୋଇବା ଲୋକଙ୍କୁ ଉଠାଇବା ଠିକ୍ ହେବ ନାହିଁ କିନ୍ତୁ ନିଜେ ଟିକେ ରାତ୍ରୀ ରେ ବିଶ୍ରାମ ନ ନେଲେ ନୂଆ ଦିଲ୍ଲୀ ରେ ପହଁଚି ଇଣ୍ଟରଭିୟୁ ପାଇଁ ପ୍ରସ୍ତୁତ ହୋଇ ପାରିବି ନାହିଁ । ଡାକି ଡାକି ଶୁଣୁ ନ ଥିବା ଅପରିଚିତ ଲୋକଟିକୁ ହାତ ମାରି ଡାକି ବାକୁ ଚେଷ୍ଟା କଲା ଓ କହିଲା କିଏ ତୁମେ ଉଠ ମୋ ସିଟ୍ ଏଇଟା ମୁଁ ଟିକେ ବିଶ୍ରାମ ନେବି ରାତି ସାରା କେମିତି ଠିଆ ହୋଇ ରହିବି ଯେ । ବଗି ଭିତରେ ପ୍ରାୟ ସମସ୍ତେ ଶୋଇ ଗଲେଣି କିଏ କେମିତି ଜଣେ ଜଣେ ଚେଇଁ ଛନ୍ତି ।ହାତ ମାରି ଦେଖିଲା ଲୋକଟି ଜର ରେ କମ୍ପୁଛି। ଜର ଦେଖି ଡରି ଗଲା ଅମିତା ,ସହଜେ ଶୋଇବା ଲୋକ ସେଥିର ରେ ପୀଡ଼ିତ ଥିବା ଲୋକ କୁ ଉଠେଇ ଭୁଲ କରି ଦେଲାନି ତ ଅମିତା !ଆସ୍ତେ ଆସ୍ତେ ମୁଣ୍ଡ ରେ ହାତ ମାରିଲା ଅମିତା ଲୋକଟି ଟିକେ ଚାହିଁଲା ବ୍ୟସ୍ତ ହୁଅନି ମୋ ପାଖରେ ଜର ପୌଷଧ ଅଛି ଆପଣ ଉଠି କି ଟିକେ ବସନ୍ତୁ ଟିକେ କଣ ଖାଇ ଦେଲା ପରେ ଔଷଧ ଖାଇ ଦେଲେଁ ଭଲ ଲାଗିବ। ଅମିତା ସାଙ୍ଗ ରେ ନେଇଥିବା ଆଳୁ ପରଟା ଟିକକ ଦେଲା।

ଅମିତା କହିଲା ଟିକେ ଖାଇ ନିଅନ୍ତୁ , ତାଙ୍କରି ହାତ ରେ ଧରେଇ ଦେଲା ଆଳୁ ପରଟା ଖଣ୍ଡକ । ପାରାସେଟାମଲ୍ ଖାଇ ଶୋଇବାକୁ ଯାଉ ଥିଲା କିନ୍ତୁ ଅମିତା କହିଲା ଆପଣ ବସନ୍ତୁ ମୁଁ ମଧ୍ୟ ବସି ଦିଲ୍ଲୀ ପର୍ଯ୍ୟନ୍ତ ଯାଇ ପାରିବି । ମୋର କାଲି ଜରୁରୀ ଇଣ୍ଟର୍ ଭିଉ ଅଛି ,ବାଧ୍ୟ ପିଲାଟି ପରି ସେ ଅଜଣା ବ୍ୟକ୍ତି ଟି ଚୁପ୍ ଚାପ୍ ବସି ରହିଲା । କେହି କାହାକୁ କିଛି କହୁ ନ ଥାଆନ୍ତି ,ଅମିତା ଦେଖିଲା ଲୋକଟି ଭ୍ରୂ କୁଂଚିତ କରି ମୁଣ୍ଡ ଟିକୁ ଚିପି ଧରୁଛି । ଅମିତା ତ ସହଜେ ସାହାଯ୍ୟ କାରି ପିଲା ସେ ସ୍ୱୟଂ ସେବକ ରାମ ହରି ଦାଶ ଙ୍କ ଅଲିଅଳି ଝିଅ । ସେବା କରିବା ତା ରକ୍ତ ରେ ଅଛି ।ଯିଏ ମତେ ଭୁଲ ବୁଝୁଛି ବୁଝୁ ,ଯିଏ ମତେ ଘୃଣା କରୁଛି କରୁ,ଯିଏ ନିନ୍ଦା କରୁଛି କରୁ ତାଙ୍କୁ ଏ ସବୁ କରିବାକୁ ଦିଆଯାଉ କାରଣ ଏ ଦୁନିଆ କେହି କାହାକୁ ଜାଣି ପାରନ୍ତି ନାହିଁ। ଭଗବାନ ମଧ୍ୟ ଏ ଦୁନିଆରେ ଘୃଣା, ନିନ୍ଦା, ସନ୍ଦେହ, ଅପମାନ ସବୁ ବି ସହିଥିଲେ। ତେଣୁ ଉପଯୁକ୍ତ ସମୟ ଆସିଲେ ମଣିଷ ବୁଝି ପାରେ କିନ୍ତୁ ଚାଲି ଯାଇ ଥିବା ସମୟ ବହୁତ କିଛି ଶିକ୍ଷା ଦେଇ ଦିଏ କିନ୍ତୁ ସେ ସମୟ ଆଉ ଫେରି ନ ଥାଏ।

ଏ ସବୁ କଥା କୁ ମନ ରୁ ପୋଛି ଅମିତା ପଚାରିଲା ମୁଣ୍ଡ ବିନ୍ଧୁଛି କି ?ଅପରିଚିତ ଲୋକ ଟି ମୁଣ୍ଡ ହଲେଇ ହଁ କଲା। ଅମିତା ତା ବ୍ୟାଗ ରୁ କାଢ଼ିଲା ମେନ୍ଥୋପ୍ଲସ ଆଉ କହିଲା ନିଅନ୍ତୁ ଟିକେ ମୁଣ୍ଡ ରେ ଘଷି ଦିଅନ୍ତୁ ଭଲ ଲାଗିବ । ସଂସାର ରେ ସବୁଠୁଁ ବିଚିତ୍ର ପ୍ରାଣୀ ହେଉଛି ମନୁଷ୍ୟ ! କାରଣ ସଂସାର ରେ ମନୁଷ୍ୟ ହିଁ ଏକ ମାତ୍ର ପ୍ରାଣୀ ଯିଏ ଭଲ ମନ୍ଦ ର ବିଚାର ଜାଣିଥିଲେ ମଧ୍ୟ ସେ ଭୁଲ କରି ବସେ । ଲୋକ ଟି ମେନ୍ଥୋପ୍ଲସ ନ ନେବାରୁ ଅମିତା ନିଜେ ନେଇ ତାଙ୍କ ମୁଣ୍ଡ ରେ ମାଲିସ କରିଦେଲା ।ଟିକେ ଭଲ ଲାଗିବାରୁ ଶୋଇ ପଡ଼ିଲା ଲୋକଟି । ବୁଝି ପାରିଲା ନାହିଁ ଅମିତା ସେ ଅଜଣା ଲୋକ ର ଏତେ ସେବା କଲା ପରେ ବି ସେ ନୀରବ କଣ ପାଇଁ ! ଲୋକ ଟି କଣ ପାଗଳ ନା ଆଉ କଣ.........। ଅମିତା ର କାନ୍ଧ ରେ ମୁଣ୍ଡ ରଖି ନିଶ୍ଚିନ୍ତ ରେ ଶୋଇ ପଡିଲେ,ରାତି ଅଧିକ ହୋଇଥିବାରୁ ଅମିତା ବି ସିଟ୍ କୁ ଆଉଜି ଶୋଇ ପଡ଼ିଲା। ଦିଲ୍ଲୀ ଷ୍ଟେସନ ରେ ଗାଡ଼ି ଅଟକିଥିବାରୁ ନିଦ ରୁ ଉଠିଲା ଅମିତା, ଦେଖିଲା ଅପରିଚିତ ଲୋକ ଟି ତାର ଗୋଡ଼ ପାଖରେ ବସି ଗୋଡ଼କୁ ଆଉଁସୁଛି କିଛି ବୁଝି ପାରିଲାନି ଅମିତା କହିଲା ଏ କ'ଣ କରୁଛନ୍ତି ଆପଣ! ଲୋକଟି କହିଲା ଷ୍ଟେସନ ଆସିଗଲାଣି ତ ! କେମିତି ଡାକିବି ବୁଝି ପାରିଲିନି ତେଣୁ ଗୋଡ ଧରି ଡାକୁ ଥି ଲି ଉଠନ୍ତୁ ଯିବା।

ଅମିତା କହିଲା - ତୁମ ପରିଚୟ ଦେଲେନି ତ, ତୁମ କିଏ ? କେଉଁଠି କୁ ଯାଉଛନ୍ତି ? ପରେ ମୋ ପରିଚୟ ଜାଣି ପାରିବେ କହି ଟ୍ରେନ ରୁ ଓହ୍ଲାଇ ଗଲେ ସେ ଅପରିଚିତ ଲୋକଟି.........। ଅମିତା ଷ୍ଟେସନ ବାହାର କୁ ଆସି ଟ୍ୟା କ୍ ସି ଧରି ପହଁଚିଲା ହୋଟେଲ ରେ , ସେଠୁ ଟିକେ ଫ୍ରେସ୍ ହୋଇ ବାହାରି ଗଲା ଅଫିସ କୁ । ଅଫିସ ରେ ପହଁଚି ଇଣ୍ଟରଭିଉ ପାଇଁ ଅପେକ୍ଷା କଲା ଅମିତା ,ନିଜର ନାମ ଡକା ହେବା ପରେ ଭିତରକୁ ଯାଇ ଦେଖେ ଯେ ! ସାକ୍ଷାତକାର ନେଉଛନ୍ତି ସେଇ ଅପରିଚିତ ବ୍ୟକ୍ତି । ଆଶ୍ଚର୍ଯ୍ୟ ହୋଇ ଗଲା ଅମିତା ଅଜଣା ପୁଲକ ରେ ଖୁସିହେଇ ସାକ୍ଷାତ କାର ଦେଇ ବାହାରକୁ ଆସିବା ସମୟ ରେ ସେଇ ଅପରିଚିତ ବ୍ୟକ୍ତି କଥା ଭାବୁ ଭାବୁ ପଛ ରୁ ଚପରାଶି ଡାକୁଥିଲା ଉପଯୁକ୍ତ ପ୍ରର୍ଥୀ ଙ୍କ ନାମ ଭିତରେ ଅମିତା ଦାଶ ଆସନ୍ତୁ ଜଏଙ୍ଗି ଲେଟର ନେଇ ଯାଆନ୍ତୁ ।

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୨୯୪୬୫୭**




# ଆତ୍ମଜା



**ଦୀପ୍ତି ଶତପଥି**

ବେସରକାରୀ ଚିକିତ୍ସାଳୟରେ ଅସ୍ୱସ୍ତିକର ଲାଗେନି ଅନ୍ତତଃ ରୋଗୀର ପାଖଲୋକକୁ। ସରକାରୀ ଚିକିତ୍ସାଳୟର ବାତାବରଣ, ଔଷଧୀୟ ବାସ୍ନା, ଅସହାୟ ହୋଇ ବାରଣ୍ଡାରେ ପଡ଼ିଥିବା ରୋଗୀ, ପରିଜନ, କରୁଣ ଚିତ୍କାର ...ଏସବୁର ଫେଣ୍ଟାଫେଣ୍ଟି ଦୃଶ୍ୟ ଜଣକୁ ମାନସିକ ସ୍ତରରେ ଦୁର୍ବଳ କରିଦେବାକୁ ଯଥେଷ୍ଟ। ବେସରକାରୀ ସଂସ୍ଥାଗୁଡ଼ିକ ଅଧିକ ଅର୍ଥ ବିନିମୟରେ ଯୋଗାଇ ଦିଅନ୍ତି ପରିଷ୍କାର ପରିଚ୍ଛନ୍ନତା, ଆକୃଷ୍ଟ କରିବା ପରି ଆତିଥେୟତା ଓ ରୋଗୀସେବା। ଭିତରକୁ ପଶିଗଲେ ଆପାତତଃ ଯମାଳୟ ମନେହୁଏନି।

କିଛିଦିନ ତଳେ ମୁଁ ଯାଇଥିଲି, ଏମିତି ଏକ ପରିସ୍ଥିତିରେ ସାଙ୍ଗ ସନ୍ଦୀପର ମା'ଙ୍କୁ ଦେଖିବାକୁ। ହଠାତ ଷ୍ଟ୍ରୋକ୍‌ରେ ନିର୍ଜୀବପ୍ରାୟ ପଡ଼ିରହିଥିଲେ ସେ। ପ୍ରଣାମ କଲି ଅଭ୍ୟାସବଶତଃ। ସନ୍ଦୀପ କହିଲା ଓଦା ସ୍ୱରରେ ... 'କିଛି ଜାଣିପାରୁନି ଆଉ, ତୋ ପ୍ରଣାମ ବି।' ସବୁବେଳେ ଶାଢ଼ୀକାନି ଘୋଡ଼େଇହେଇ ରହୁଥିବା ମହିଳା ଜଣକ ଡାକ୍ତରଖାନା ନିୟମ ଅନୁସାରେ ସହଜରେ ବଦଳେଇ ହେଉଥିବା ପୋଷାକ ପିନ୍ଧି ଶୋଇଥାନ୍ତି ନିରୀହ ବାଳିକାଟେ ପରି। ଚାରିଆଡ଼େ ଆଖି ବୁଲେଇଲି । ସବୁକିଛି ସୁବ୍ୟବସ୍ଥିତ । ବଡ଼ ରୁମ୍, ସହାୟକ ପାଇଁ ପର୍ଯ୍ୟାପ୍ତ ସୁବିଧା। ମଧ୍ୟମ ଧରଣର ହୋଟେଲ୍ ପରି ଲାଗିଲା। ସାମ୍ନା କାନ୍ଥରେ ଟିଭି ଲାଗିଚି। ସନ୍ଦୀପର ଅନେକ ଆତ୍ମତୃପ୍ତି ଯେ ...ସେ କୌଣସି ଅବହେଳା କରିନି। ପାରୁପର୍ଯ୍ୟନ୍ତ ସେବା ଯୋଗେଇ ଦେଇଛି।

ମୁଠେଇ ଧରିଲି ସନ୍ଦୀପ ମା'ଙ୍କର ହାତକୁ, ଯୋଉ ହାତ ଅନେକ ଥର ଚା' ଜଳଖିଆ ଖୁଆଇଚି ମତେ। ସାମାନ୍ୟ ହଲିଲା ପରି ଲାଗିଲା ଆଙ୍ଗୁଠି। ମୋ ହାତର ଜୋର୍ କି କ'ଣ ଜାଣିହେଲାନି। ନାକରେ ପାଇପ୍ ଲାଗିଥିଲା। ସେଇବାଟେ ତରଳ ଖାଦ୍ୟ ଦିଆଯାଉଥିଲା। ଏମିତିରେ ଏସବୁ ଦେଖିଲେ ମୋ ମନ ଉଦାସ ହେଇଯାଏ। ସହଜରେ ସାମ୍ନା କରିପାରେନି ମୁଁ ଯନ୍ତ୍ରଣାସବୁ। ଦୁର୍ବଳ ହୃଦୟର ପ୍ରାଣୀଟେ ମୁଁ। ବସିରହିଲି ଅବସାଦରେ। ସାଙ୍ଗର ମା'.....ପାରିବାରିକ ସମ୍ପର୍କ ଆମର।

ଡାକ୍ତର କହିଛନ୍ତି,'କିଛି ଭରସା ନାହିଁ। କେତେ ଦିନ ....କେତେ ମାସ ବି ଲାଗିଯାଇପାରେ। ସ୍ୱାଭାବିକ ହେବାର ଆଶା କ୍ଷୀଣ। ଏମିତି ଚିକିତ୍ସା ଚାଲିବ।' ଘଣ୍ଟାଏ ଭିତରେ ମୁଁ କେବଳ ଦେଖିପାରିଥିଲି ସେ ଆଖିଦୁଇଟିର କ୍ଷୀପ୍ରତା। ଶରୀରର ସବୁ ଅସାଡ଼ତା ସତ୍ତ୍ୱେ ଲକ୍ଷ୍ୟ କଲି ,ତାଙ୍କ ଆଖି ଅସମ୍ଭବ ଚଞ୍ଚଳ। ପଲକ ପଡୁନଥିବା ଡୋଳାଦୁଇଟି ଘୁରିବୁଲୁଥିଲା କାନ୍ଥବାଡ଼, କବାଟ, ଉପର-ତଳ, ଯେମିତି କିଛି ଖୋଜିଚାଲିଛି ଅହରହ।

ଫେରିବାକୁ ଭାବୁଛି .....ଅତି ସନ୍ତର୍ପଣରେ ଭିତରକୁ ଆସିଲେ ସନ୍ଦୀପର ଅପା। ଦେଖିଲି, ଆଖି ଦୁଇଟି ସ୍ଥିର ହେଇଗଲା ତାଙ୍କ ଉପରେ। କୋଉ ଅନନ୍ତ ଗହ୍ୱରରୁ କୁଣ୍ଢେଇ ହେଇ ଗଁ ଗଁ ଶବ୍ଦଟିଏ ଉବୁକି ଆସୁଥିଲା ତୁହାକୁ ତୁହା। ଥମିବାର ନାଁ ନଉନଥିଲା।

**ବ୍ରହ୍ମପୁର**



# ମୁଁ ରିକ୍ସାବାଲା

ଖୋଲା ଆକାଶ ତଳେ ଖେଳେଇ ହୋଇ ପଡିଛି ଶୀତ। ଷ୍ଟ୍ରିଟ୍ ଲାଇଟର ଫର୍ଚ୍ଚା ଆଲୁଅରେ କୁହୁଡି ସହ କବାଡି ଖେଳୁଛି ଶୀତ । ଥରିଲା ରାତିରେ ଆମ ତମ ଭଳି ଜାକେଟ୍ ପିନ୍ଧା ଆଉ ସ୍ୱେଟର ପିନ୍ଧା ମଣିଷଙ୍କ ପାଇଁ ଏ ଦୃଶ୍ୟ ହୁଏତ ଶୀତର ଗୋଟେ ଗୋଟେ ସୁନ୍ଦର ସ୍କ୍ରିନସଟ୍ ହୋଇପାରେ କିନ୍ତୁ ସେହି ସହରର ଟିକେ ଦୂରରେ ହିଁ ଶୀତର ଶାସ୍ତି ଭୋଗୁଥାନ୍ତି କିଛି ଅଭାବୀ ମଣିଷ । ନା ପାଦରେ ଥାଏ ସକ୍ସ ନା ହାତରେ ଥାଏ ଓଷୁମ ଗ୍ଲୋଭ୍ସ। ଏତେବଡ ଶୀତଟାର ମୁକାବିଲା ପାଇଁ ବି ଦେହରେ ମୋଟା ସ୍ୱେଟର କି ଚାଦର ନଥାଏ । ପତଳା ପୋଷାକ ଭେଦି ଶୀତର ଛାଟରେ ଦେହ ପଟପଟ ଥରୁଥାଏ। ତଥାପି ପରିବାର ମୁହଁରେ ଦାନା ଗଣ୍ଡେ ଦେବାର ସେ ଝୁଙ୍କ ଥରିଲା ଦେହରେ ବି ଗମଗମ ଝାଳ ହୋଇ ବହିଯାଏ... ରାତିର ବୟସ ବଢେ, ଶୀତର ଆୟୁଷ ବଢେ। ରାସ୍ତାଘାଟ ଯେବେ ଶୂନଶାନ ହେଇଯାଏ ସେବେ ଆହୁରି ବଢିଯାଏ ଶୀତର ଶକ୍ତି। ଶୀତ ଭୟଙ୍କର ରୂପ ନିଏ, ସାରା ଓଡିଶାକୁ ଥରାଏ। ହାଡଭଙ୍ଗା ଜାଡର ଯନ୍ତ୍ରଣାରେ ଜୀବନ ଅସ୍ତବ୍ୟସ୍ତ କରିଦିଏ। ଡରି ଯାଆନ୍ତି ସୌଖିନ ମଣିଷ। ଶୀତକୁ ସାମ୍ନା କରିବାକୁ ନଥାଏ ସେମାନଙ୍କ ସାହସ। କାରଣ- ଶୀତ ସେମାନଙ୍କ ପାଇଁ କମ୍ବଳ ତଳର ଉଷୁମ ଉତ୍ସବ। ସୁଖନିଦ୍ରାର ବିରାଟ ସୁଯୋଗ... ହେଲେ ଶୀତର ସେ ନାଲି ଆଖିକୁ ଡରନ୍ତିନି ଏମାନେ। ଶୀତର ଶାସ୍ତିକୁ ନଥାଏ ଖତିଖିଆଙ୍କ ଖାତିର। କାରଣ ସେମାନେ ଜାଣନ୍ତି ଥିଲାବାଲା ଶୀତକୁ ଉପଭୋଗ କରନ୍ତି ଆଉ ନଥିଲାବାଲା ଶୀତରେ ଉଦ୍ୟମ କରନ୍ତି। ଶୀତକୁ ଡରି ଯଦି ସେମାନେ ଘରେ ରହିଯିବେ ତେବେ ଘରେ ଜଳିବନି ଚୁଲି, ପେଟରେ ପଡିବନି ଦାନା। ବୋଧେ ସେହି ଭୟ ଶୀତରେ ଏ ଭୟକୁ କାଟି କଳା ମଚମଚ ରାସ୍ତାରେ ରାତିର ଅନ୍ଧାର ଚିରି ପଇସା ପାଇଁ ପେଡାଲ୍ ମାରେ। ଏଇ ଦେଖୁ ନାହାନ୍ତି ଏ ରିକ୍ସାବାଲା ମାନଙ୍କୁ। କେମିତି ଜାଡ ଜଡସଡ ଅଧରାତିରେ ରିକ୍ସାକୁ ଧରି ଗ୍ରାହକଙ୍କ ଆସିବା ବାଟକୁ ଚାହିଁ ରହିଛନ୍ତି। କିଏ ଆସିବ ଆଉ ତାଙ୍କ ରିକ୍ସାରେ ବସି, ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ପରିଶ୍ରମର ପାଉଣା ଦେବ। କିନ୍ତୁ ହାଏ ଶୀତ ପାଇଁ କେବେ କେବେ ରୋଜଗାର ହୁଏ ତ ପୁଣି କେବେ ପକେଟ ଖାଲି ରହେ। ଆଉ ସେମାନେ ସେହି ରିକ୍ସାରେ ହିଁ କାଟି ଦିଅନ୍ତି ତତମା ଶୀତର ରାତି... ଆଜିର ଗାଡ଼ି ମଟର ଯୁଗରେ ରିକ୍ସାକୁ କିଏ ବା ପଚାରେ। ତଥାପି ଶୀତ ରାତିରେ ଗାଡି ବାହାରୁ ନଥିବାରୁ କାଳେ ଦିପଇସା ହେଇଯିବ ଏଇ ଆଶାରେ ଶୀତକୁ ଚେତାବନୀ ଦେଇ ଆଗକୁ ଗଡିଚାଲେ ରିକ୍ସାର ଚକ...





## ଈଶ୍ୱର ତୁମେ କେଉଁଠି ?

**ଡ.ମନୋରଞ୍ଜନ ବିଷୋୟୀ**

ଜନ୍ମ ପୂର୍ବରୁ ତ
ସବୁ ହିସାବ ନିକାଶ ସରିଥାଏ
ତଥାପି କାହିଁକି ମଣିଷର
ଏତେ ଅଭାବ ରହିଯାଏ ?
ସର୍ବଦା ସେ ତୁମକୁ ଖୋଜୁଥାଏ
ଆଉ ପାଇଗଲେ ତୁମକୁ
କିଛି ମାଗିବ ବୋଲି
ମନେ ମନେ ମସୁଧା କରୁଥାଏ।
ତେଣୁ ତ ତୁମକୁ ଖୋଜିବାକୁ
ଏ ମନ୍ଦିରରୁ ସେ ମନ୍ଦିର
ସେ ଘୂରି ବୁଲୁଥାଏ।
ଆଉ ଆତୁର ଡାକରେ ଡାକି
ହାତ ପାତି କେତେ କ'ଣ ମାଗୁଥାଏ।
ତଥାପି ସେ କ'ଣ କିଛି ପାଏ ?
ନା' ତାର ଆତ୍ମାର କାକଳି
ତୁମ ପାଖରେ ପହଞ୍ଚିଥାଏ ?
ମାଗୁଥିବା ଜିନିଷ ନପାଇ
ତା' ମନ କେବଳ
ରାଗ ଅଭିମାନରେ ଭରି ରହିଥାଏ।
କାରଣ ମାଗୁଥିବା ସବୁକିଛି ପାଇଗଲେ
କେହି କ'ଣ ତୁମକୁ ଖୋଜୁଥାନ୍ତା ?
ନା' ତୁମ ମନ୍ଦିରକୁ ଆସୁଥାନ୍ତା ?
ତେଣୁ ତ ତୁମେ ଈଶ୍ୱର
ଆମେ ମଣିଷ
ନ ହେଲେ ଏ ମଣିଷ
କେବେଠୁ ତୁମ ଜାଗା ମାଡ଼ି ବସିଥାନ୍ତା।

**ଦାମୋଦରପୁର, ଗଂଜାମ**
**ମୋବାଇଲ୍: ୮୮୯୫୧୪୧୭୨୭**



## ରଖିବାନି ମନେ ମଇଳା ଟିକେ

**ଡଃ ନାରାୟଣ ଚନ୍ଦ୍ର ସେନାପତି**



ଶରୀରରେ ମଇଳା ଜମିଲେ
ରୋଗ ଖୁସିରେ ମନାଏ ରାହାସ ପୂର୍ଣ୍ଣିମା
ଇର୍ଷା ହିଂସା ଛଳ କପଟ ଆଦି ମଇଳା ଯଦି ମନରେ ଜମେ
ଭାବ୍ନା ଚିନ୍ତନ ଅନାଥ ସାଜି ହୋଇଯାଆନ୍ତି ନିକମ୍ମା
ଆତ୍ମୀୟତା ସହୀଦ ହୋଇଯାଏ
ବିବେକ ନିଶ୍ଚେତ ବନିଯାଏ
ସାଧାରଣ ମଣିଷଟା ବିବେକ ହରାଇ
ଭୁଲିଯାଏ ମାନବିକତାର ପରିସୀମା।

ମନରେ ମଇଳା ଜମିଲେ
ଭଲ ରୂପାନ୍ତର ହୁଏ ଭୁଲ ରେ
ମଣିଷ ପାଲଟିଯାଏ ଅଜ୍ଞାନ
ଭୁଲିଯାଏ ଆଚାର ବିଚାର ନୀତି ନିୟମ ସମ୍ବିଧାନ
ସ୍ୱାର୍ଥପରତାର ଚଟାଣରେ କୃତଘ୍ନତାର ମହଲ ଗଢି
ଆବୋରି ନିଏ ନିଃସଙ୍ଗତା ର ରାଜ ସିଂହାସନ।

ଶରୀରର ମଇଳାକୁ ସିନା
ସଫା କରିହୁଏ ଘଷିମାଜି ସାବୁନରେ
ହେଲେ ମନର ମଇଳା ପରା ସଫା ହୋଇଯାଏ
ଟିକିଏ ପ୍ରେମରେ ବକଟେ ସ୍ନେହରେ
ଗୁଣ ଖୋଜିଲେ ଶାନ୍ତି ମିଳେ
ଖୁଣ ଖୋଜିଲେ ହୃଦୟ ଜଳେ
ଘାଆରେ ନ ବସି ଫୁଲରେ ବସିଲେ
ମହୁ ପରା ଚୁମା ଦିଏ ଆସି ନିର୍ମଳ ଓଠରେ।

ସଫା ପ୍ରହରୀ ବନି ଆସିଲେ
ମଇଳା ଚୋର ପରି ଲୁଚି ପଳେଇ ଯାଏ
ଚାଲୁନା ସତସଙ୍ଗ କରିବା
ସଜ୍ଜନ ସଙ୍ଗେ ମିଶି ଭଲ ସାଉଣ୍ଟିବା
ଅନ୍ୟର ଦୁଃଖରେ ଦୁଃଖୀ ହୋଇ
କାହା ଖୁସିରେ ଖୁସି ବାଣ୍ଟିବା
ମନର ପଡୋଶୀ ମାନେ ଖୁସିର ମକର ମନାଇଲେ ସିନା
ଆମେ ଶାନ୍ତିରେ ନିଃଶ୍ୱାସ ମାରି ପାରିବା।

**ଜମ୍ବିରା,କେନ୍ଦୁଝର**



## ଆତ୍ମ ସନ୍ତୋଷ

**ସନ୍ତୋଷ କୁମାର ସାହୁ**

ଆଗକୁ ପଛକୁ ଭାବି ବିଚାରିକି
ସୁଗୁଣ କଥାକୁ କଲେ ପ୍ରକାଶ
ନିଜ ଚରିତ୍ରରେ ନଲାଗେ କଳଙ୍କ
ଆପେ ଆପେ ମିଳେ ଆତ୍ମ ସନ୍ତୋଷ....
ଛଳ ମିଛ କହି କାହାକୁ ଭଣ୍ଡିଲେ
ମିଳେ ଅବାସ୍ତବ ଆନନ୍ଦ ଖୁସି
ଅବାସ୍ତବ ଯାହା ନୁହେଁ ଚିରସ୍ଥାୟୀ
ଅନୁତାପ କରି ରହିବା ବସି...
ଆପଣାର ବୁଦ୍ଧି ବିବେକକୁ ନେଇ
କରିଲେ ସୁଗୁଣ କରମ ମାନ
ଜଗତରେ କେବେ ହେବା ନାହିଁ ଛୋଟ
ସତ୍ୟତା ବଚନ ଦିଏ ସମ୍ମାନ...
ଗର୍ବ ଅହଙ୍କାର କ୍ରୋଧ ହିଂସା ଗୁଣ
ମନକୁ କରିବ କ୍ଷତ ବିକ୍ଷତ
କରୁଣା ମମତା ସେବା ମନୋବୃତ୍ତି
ସନ୍ତୋଷ ପ୍ରାପ୍ତିରେ ଦେଖାଏ ପଥ....
ଲୋଭ ଆକୁଳତା କୁବୁଦ୍ଧି କୁଚିନ୍ତା
ମନ୍ଦ ସ୍ୱଭାବରୁ ଉତ୍ପନ୍ନ ହୁଏ
ଲକ୍ଷ୍ୟ ସଫଳତା ବିଗିଡ଼ି ଯାଏ ବି
ସନ୍ତୋଷତା ସୂତ୍ର ଧରା ନଦିଏ...
ଅଳପ ବହୁତ ଯାହା ଉପଲବ୍ଧ
ତାକୁ ନେଇ ଯଦି ହେବା ସନ୍ତୁଷ୍ଟ
ବିଭୁଙ୍କ ପୟରେ ଆରାଧନା କଲେ
ଜୀବନରେ ଜମା ନମିଳେ କଷ୍ଟ.....
ଜୀବନେ ସନ୍ତୋଷ ପାଇବା ନିମନ୍ତେ
କୁଗୁଣ ସମୂହ ବର୍ଜନ କରି
ସର୍ବଦା ନ୍ୟାୟକୁ ପାଥେୟ କରିବ
ମାନବର ସେବା ଭାବ ଆଦରି....

**ଗାନ୍ଧୀ ନଗର, କୋରାପୁଟ**





## କୁହ ହେ କାଳିଆ

**ବିଷ୍ଣୁ ପ୍ରାସାଦ ମିଶ୍ର**

ଜଗନ୍ନାଥ ତୁମେ ବଡ଼ କପଟୀ କି ସତେ ?
କହି କି ପାରିବ ପ୍ରଭୁ ଥରୁଟିଏ ମୋତେ।।

ତୁମ ବଡପଣେ ପ୍ରଭୁ ବାଜୁଛି ନାଗରା,
ଚଉଦିଗେ ହୁରିପଡେ ବଡ ବୋଲି ପରା ?

ଉଦ୍ଧରିଲ ଦୁନିଆଁରୁ କେତେକେତେ ପାପୀ,
ପାରିକଲ କେତେକେତେ ଜଗତରେ ତପୀ!

ଚାରିଯୁଗେ ଅବତାରି ତୁମେ ନରହରି,
ନ ଦେଇଛ କାହାକୁ ନ ନେଇଛ କାହାରି।।

ଏବେ ନୀଳାଚଳେ ଅଛ ଟେକି ଦୁଇହାତ,
ବୋଲାଉଛ ପରା ପ୍ରଭୁ ଜଗତର ନାଥ।।

କୁହନ୍ତି ଜନେ ଦାସିଆ ନଡ଼ିଆକୁ ନେଲ,
ବନ୍ଧୁ ମହାନ୍ତିକୁ ଭୋଗ ଥାଳି ଯାଚିଦେଲ।।

ଅଟକିଲ ଦୂରୁ ସାଲବେଗ ଡାକ ଶୁଣି,
ଶୁଣିଛ ଭକତ ଡାକ ମନୋଭାବ ଜାଣି।।

ତୁମ ଦେବାନେବା କଥା ମୋତେ ଲୋଡ଼ାନାହିଁ,
ଏତିକି ଦୟା କରିବ କାଳିଆ ଗୋସାଇଁ।।

ଅଳି କରୁଛି ଠାକୁର ଏତିକି କରିବ,
ମଲାବେଳେ ମୋତେ ଯମ ଦଣ୍ଡୁ ଉଦ୍ଧାରିବ।।

ସେତେବେଳେ ବଡ଼ବୋଲି ହେବ ମୋ ବିଶ୍ୱାସ,
ଏତିକି ଦୟା କରିବ ପ୍ରଭୁ ପୀତବାସ।।

**ରଥଶର୍ମା କଲୋନୀ, କୋରାପୁଟ**
**ମୋବାଇଲ୍: ୯୧୨୪୦୪୯୧୨୯**



## ଯାଇଥିଲି ମୁହିଁ ବାଲି ଯାତରା

**ଅଂଶୁମାନ ସ୍ୱାଇଁ**

ଯାଇଥିଲି ଥରେ ବାଲି ଯାତରା ମୁଁ
ସାଥିରେ ପ୍ରିୟାକୁ ନେଇ
ପ୍ରିୟା ମୋର ହସି କହିଲା ଶୁଣୁଚ
ଦେଖି ଚାଲ ଯିବା ନଈ।।
ଦେଖି ନାହିଁ କେବେ ନଦୀର ପଠା ମୁଁ
ବୁଲି ଯିବି ଆଜି ଥରେ
ସୁନ୍ଦର ବେଳାରେ ତୁମ ସାଥେ ଥିବି
ହଜିଯିବା ପ୍ରେମ ତୀରେ।।
କହିଲି ମୁଁ ତାଙ୍କୁ ଚିଡି ଚିଡି ହୋଇ
ଆଗ କଣ ଖାଇ ଦିଅ
ତା' ପରେ ଆମେ ବୁଲିଯିବା ଦୁହେଁ
କାହିଁକି ଅଧର୍ଯ୍ୟ ହୁଅ ।।
ପ୍ରେମ ପକ୍ଷୀ ଦୁଇ ଉଡ଼ିବା ଆକାଶେ
ନଥିବ ବାଧା ବନ୍ଧନ
ସାଗର ବେଳରେ ତୁମେ ପାଖେ ଥିବ
ଏକ ହେବ ମନ ପ୍ରାଣ।।
କଥା ସରୁ ସରୁ ଖାଇଲୁ ପାମ୍ପଡ
ତା ସାଥେ ସିଝା ମକା
ଗୋଟେ ଦୁଇ ସେଲ୍ଫି ସୁନ୍ଦରୀ ମୋହର
ନଉଥିଲା ଏକା ଏକା
ସେଲ୍ଫି ନେଉନେଉ ସେ ଭିଡ ଭିତରେ
ଛାଡିଦେଲା ମୋର ହାତ
ଖୋଜୁ ଖୋଜୁ ଯାଇ ସାର୍ଥକ ଷ୍ଟେଜରେ
ଗାଉଥିଲା ପ୍ରେମ ଗୀତ ।।
ଖୁସି ହେଲି ମୁହିଁ ଦେଖି ତାର ମୁଖ
ଦର୍ଶକଙ୍କ ଗହଳିରେ
ମୋତେ ଦେଖି ଦେଇ ଡାକୁଛି ମୋ ପ୍ରିୟା
କ୍ଷମା କର ମତେ ଥରେ ।।

**କେନ୍ଦୁଝର**



## ଅସ୍ମିତା

**ପ୍ରତାପ କିଶୋର ରାଉତ**

ଅସ୍ମିତା ଅଟେ ମୋ ଜାତିର ଗୌରବ
ଅଟଇ ମୋ ସ୍ୱାଭିମାନ
ମୋ ଭାଷା ସାହିତ୍ୟ କଳା ସ୍ଥାପତ୍ୟରେ
ସଦା ତାହା ବିଦ୍ୟମାନ ।୧।

ଜାତିର ସୌରଭ ଜାତି ପ୍ରାଣାଧାର
ଜାତିର ସ୍ପନ୍ଦନ ଅଟେ
ପ୍ରାଣ ପ୍ରାଚୁର୍ଯ୍ୟର ନିରୁତା ସୁରଭି
ସଦା ତାହା ଠାରୁ ଛୁଟେ ।୨।

ଅସ୍ମିତା ଅଟଇ ମଥାର ଶିରପା
ଅଟେ ଆମ ପରିଚୟ
ମଥା ଟେକି ଚାଲୁ ଏ ବିଶ୍ୱରେ ଆମେ
ତାପାଇଁ ଜ୍ଞାନ ଉଦୟ ।୩।

କୋଟି ପ୍ରାଣେ ଝରେ ମମତାର ମଧୁ
ଅସ୍ମିତା ଆମ ଗରବ
କୋଟିଏ କଣ୍ଠରେ ତୋଳିଛି ରାଗିଣୀ
ଦେଇଅଛି ଅନୁଭବ ।୪।

କଳାର ମନ୍ଦିର ଅଟେ ମୋ ଉତ୍କଳ
ମୁଁ ଅଟେ ତାର ସନ୍ତାନ
ବିଶ୍ୱରେ ରଚିଛି ଅନନ୍ୟ କୀରତି
ତା ବଳେ ମୁଁ ଆୟୁଷ୍ମାନ ।୫।

ପ୍ରତି ସ୍ପନ୍ଦନରେ ତାହାରି ପ୍ରବାହ
ଅନୁଭବ କରେ ମୁହିଁ
ଭାଷା ସାହିତ୍ୟର ଅନନ୍ୟ କିରତୀ
ମୋ ମାଟିରେ ଅଛି ଚେଇଁ ।୬।

ମୋର ବଡପଣ ଅଟେ ମୋ ଅସ୍ମିତା
ସାଧନାର ପୀଠସ୍ଥଳୀ
ଶେଷ ରକ୍ତବିନ୍ଦୁ ଥିବାଯାଏ ଦେହେ
ମଣୁ ଥିବି ଭାଗ୍ୟଶାଳୀ ।୭।

**ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର**

ଟାଇମ୍ସ ହାୟର ଏଜୁକେସନ୍ ଇଣ୍ଟରଡିସିପ୍ଲିନାରୀ ସାଇନ୍ସ ରାଙ୍କିଙ୍ଗ୍ ୨୦୨୫

# ରିସର୍ଚ୍ଚ ଇନପୁଟ୍ ବର୍ଗରେ ଭାରତରେ ୪ର୍ଥ ସ୍ଥାନରେ କିଟ୍

**ଭୁବନେଶ୍ୱର, ୨୪।୧୧ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ପରି ଚଳିତବର୍ଷ ଟାଇମ୍ସ ହାଇଅର ଏଜୁକେସନ୍ ଇଣ୍ଟରଡିସିପ୍ଲିନାରୀ ସାଇନ୍ସ ରାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏହି ତାଲିକାରେ ଇଣ୍ଟରଡିସିପ୍ଲିନାରୀ ସାଇନ୍ସ ରିସର୍ଚ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛନ୍ତି । ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗ୍‌ରେ ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ ସହ ସମଗ୍ର ବିଶ୍ୱରେ ୯୨ତମ ସ୍ଥାନରେ ରହିଛି ।



ଭାରତରେ ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟକୁ ପଛରେ ପକାଇ କିଟ୍ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନରେ ରହିଛି । ଏହି ସଫଳତା କିଟ୍‌ର ଉନ୍ନତ ଇଣ୍ଟରଡିସିପ୍ଲିନାରୀ ସାଇନ୍ସ ରିସର୍ଚ୍ଚ ଓ ଇନୋଭେସନ୍‌ର ପ୍ରତିବଦ୍ଧତା ପ୍ରତିପାଦିତ କରୁଛି । ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ଶ୍ରେଷ୍ଠ ୪ର୍ଥ ସ୍ଥାନରେ ରହିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ।

ଗବେଷଣା ଓ ସର୍ଜନା କ୍ଷେତ୍ରରେ ସମଗ୍ର ବିଶ୍ୱରେ ନିଜର ସ୍ଥିତିକୁ କିଟ୍ ଆଗକୁ ନେଇଥିବାରୁ ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଗୁଣାତ୍ମକ ଶିକ୍ଷା ସହ ଗବେଷଣା ଓ ସର୍ଜନା କ୍ଷେତ୍ରରେ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ସ୍ଥାନୀତ ହୋଇ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି । କିଟ୍ ଗବେଷଣା ବିଭାଗର ଗୁଣାତ୍ମକ ଗବେଷକ ଓ ଅଧ୍ୟାପକଙ୍କ ଗୁଣାତ୍ମକ ଗବେଷଣା, ସର୍ଜନା ଓ ଉଚ୍ଚକୋଟୀର ପବ୍ଲିକେସନ୍ ପାଇଁ କିଟ୍ ଏହି ସଫଳତା ପାଇପାରିଛି । ଏହି ସଫଳତା ପାଇଁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସମଗ୍ର ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିପାରିଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

# ୨୫ରେ ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ମୋଦି

**ନୂଆଦିଲ୍ଲୀ, ୨୪।୧୧ (ସଂଚାର ବ୍ୟୁରୋ) :** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବର ୨୫ ତାରିଖ ଅପରାହ୍ଣ ପ୍ରାୟ ୩ଟାରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪କୁ ଉଦଘାଟନ କରିବା ସହ ଜାତିସଂଘ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ର ଶୁଭାରମ୍ଭ କରିବେ। ବିଶ୍ୱ ସମବାୟ ଆନ୍ଦୋଳନର ପ୍ରମୁଖ ସଂସ୍ଥା ଅନ୍ତର୍ଜାତୀୟ ସମବାୟ ମେଣ୍ଟ (ଆଇସିଏ)ର ୧୩୦ ବର୍ଷର ଇତିହାସରେ ଭାରତରେ ପ୍ରଥମ ଥର ପାଇଁ ଆଇସିଏ ବିଶ୍ୱ ସମବାୟ ସମ୍ମିଳନୀ ଏବଂ ଆଇସିଏ ସାଧାରଣ ସଭା ଆୟୋଜନ କରାଯାଉଛି। ଆଇସିଏ ଏବଂ ଭାରତ ସରକାରଙ୍କ ସହଯୋଗରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫକୋ) ଏବଂ ଭାରତୀୟ ସମବାୟ ସଂସ୍ଥା ଅମୁଲ୍ ଏବଂ କ୍ରିଭକୋର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବିଶ୍ୱସ୍ତରୀୟ ସମ୍ମିଳନୀ ନଭେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



'ସମବାୟ ସଂସ୍ଥାଗୁଡ଼ିକ ସମସ୍ତଙ୍କ ପାଇଁ ସମୃଦ୍ଧି ସୃଷ୍ଟି କରିଥା'ନ୍ତି' ଶୀର୍ଷକ ଏହି ସମ୍ମିଳନୀର ବିଷୟବସ୍ତୁ ଭାରତ ସରକାରଙ୍କ 'ସହକାର ସେ ସମୃଦ୍ଧି' (ସମବାୟ ମାଧ୍ୟମରେ ସମୃଦ୍ଧି) ଦୃଷ୍ଟିକୋଣ ସହିତ ସମନ୍ୱିତ। ଏହି କାର୍ଯ୍ୟକ୍ରମରେ ମିଳିତ ଜାତିସଂଘର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବାରେ ବିଶ୍ୱବ୍ୟାପୀ ସମବାୟ ସମିତିଗୁଡିକ ସାମନା କରୁଥିବା ଆହ୍ୱାନ ଏବଂ ସୁଯୋଗର ମୁକାବିଲା, ବିଶେଷ କରି ଦାରିଦ୍ର୍ୟ ଦୂରୀକରଣ, ଲିଙ୍ଗଗତ ସମାନତା ଏବଂ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଭଳି ପ୍ରସଙ୍ଗ ଉପରେ ଆଲୋଚନା, ପ୍ୟାନେଲ ଅଧିବେଶନ ଏବଂ କର୍ମଶାଳା ଅନୁଷ୍ଠିତ ହେବ।

ପ୍ରଧାନମନ୍ତ୍ରୀ ଜାତିସଂଘର ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ର ଶୁଭାରମ୍ଭ କରିବେ, ଯେଉଁଥିରେ ସାମାଜିକ ଅନ୍ତର୍ଭୁକ୍ତୀକରଣ, ଆର୍ଥିକ ସଶକ୍ତୀକରଣ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବାରେ ସମବାୟ ସମିତିର ପରିବର୍ତ୍ତନକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରାଯିବ, 'ସମବାୟ ଏକ ଉତ୍ତମ ବିଶ୍ୱ ଗଠନ' ଶୀର୍ଷକ ଉପରେ ଧ୍ୟାନ ଦେବ। ସମବାୟ ଆନ୍ଦୋଳନ ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ପ୍ରଧାନମନ୍ତ୍ରୀ ଏକ ସ୍ମାରକୀ ଡାକ ଟିକଟ ମଧ୍ୟ ଉନ୍ମୋଚନ କରିବେ। ଏହି ଡାକ ଟିକଟରେ ଶାନ୍ତି, ଶକ୍ତି, ସ୍ଥିରତା ଏବଂ ଅଭିବୃଦ୍ଧିକୁ ପ୍ରତୀକାତ୍ମକ ଭାବେ ପ୍ରଦର୍ଶନ କରୁଥିବା ପଦ୍ମ ରହିବ, ଯାହା ସ୍ଥିରତା ଏବଂ ଗୋଷ୍ଠୀ ବିକାଶର ସମବାୟ ମୂଲ୍ୟବୋଧକୁ ପ୍ରତିଫଳିତ କରେ। ପଦ୍ମର ପାଞ୍ଚଟି ପାଖୁଡ଼ା ପ୍ରକୃତିର ପାଞ୍ଚଟି ଉପାଦାନ (ପଞ୍ଚତତ୍ୱ)କୁ ପ୍ରତିନିଧିତ୍ୱ କରେ, ଯାହା ପରିବେଶ, ସାମାଜିକ ଏବଂ ଆର୍ଥିକ ଦୀର୍ଘସ୍ଥାୟିତ୍ୱ ପ୍ରତି ସମବାୟ ସମିତିର ପ୍ରତିବଦ୍ଧତା ଉପରେ ଆଲୋକପାତ କରେ। କୃଷିକ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ଭୂମିକାକୁ ଦର୍ଶାଉଥିବା ଡ୍ରୋନ୍ ସହ କୃଷି, ଦୁଗ୍ଧ, ମତ୍ସ୍ୟ, ଖାଉଟି ସମବାୟ ଓ ଗୃହ ନିର୍ମାଣ ଭଳି କ୍ଷେତ୍ରକୁ ମଧ୍ୟ ଏହି ଡିଜାଇନରେ ଅନ୍ତର୍ଭୁକ୍ତ କରାଯାଇଛି।

ଏଥିରେ ଭୁଟାନର ମାନ୍ୟବର ପ୍ରଧାନମନ୍ତ୍ରୀ ମହାମହିମ ଦାଶୋ ସେରିଙ୍ଗ ତୋବଗେ ଏବଂ ଫିଜିର ମାନ୍ୟବର ଉପପ୍ରଧାନମନ୍ତ୍ରୀ ମହାମହିମ ମନୋଆ କାମିକାମିକା ଏବଂ ୧୦୦ରୁ ଅଧିକ ଦେଶର ପ୍ରାୟ ୩, ୦୦୦ ପ୍ରତିନିଧି ଉପସ୍ଥିତ ରହିବେ।

# ନୂଆ ପରିକଳ୍ପନାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ବିଧାୟକ'

**ଭୁବନେଶ୍ୱର, ୨୪।୧୧ (ସଂଚାର ବ୍ୟୁରୋ) :** ବାସୁଦେବ କ୍ରିଏସନ୍ସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିଧାୟକ'। ଜଣେ ଯୁବକ ବିଧାୟକ ହେବା ପରେ ଅସାମାଜିକ ବ୍ୟକ୍ତିଙ୍କୁ କିପରି ଶାସନ କରୁଛି ତାହାକୁ ଆଧାର କରି ଗଢ଼ା ହୋଇଛି କାହାଣୀ। 'ବିଧାୟକ' ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ନବାଗତ ନାୟକ ଡୋରା ଓରଫ ପ୍ରଦୀପ। ଜଣେ ବିଧାୟକ ଭାବରେ ନିର୍ବାଚିତ ହେବା ପରେ ନିଜ ଅଞ୍ଚଳରେ ବଢ଼ିଚାଲିଥିବା ଅସାମାଜିକ କାର୍ଯ୍ୟକୁ ବନ୍ଦ କରିବାକୁ ସେ ପ୍ରାଥମିକତା ଦେଉଛି।




ମୋଟ ଉପରେ କହିବାକୁ ଗଲେ ଜଣେ ବିଧାୟକଙ୍କର ସମାଜ ପ୍ରତି କ'ଣ କର୍ତ୍ତବ୍ୟ ରହିବା ଦରକାର ତାହା ଏହି ଚଳଚ୍ଚିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ବାସୁଦେବ କ୍ରିଏସନ୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରୋଜାଲିନ୍ ତ୍ରିପାଠୀ। ସହ-ପ୍ରଯୋଜନା କରିଛନ୍ତି ଦେବୀପ୍ରସାଦ ତ୍ରିପାଠୀ। ତେବେ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ କାଷ୍ଟିଂ ବିଷୟରେ ଅଳ୍ପ ଦିନ ମଧ୍ୟରେ ଘୋଷଣା କରାଯିବ ବୋଲି ପ୍ରଯୋଜିକା ପ୍ରକାଶ କରିଛନ୍ତି। ବିଧାୟକ ର କାହାଣୀ ଏବଂ ଗୀତ ରଚନା କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବସନ୍ତରାଜ ସାମଲ।

ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, ଶଶାଙ୍କ, ସ୍ୱୟଂ ପାଢ଼ୀ, ଶୀତଲ କବି, ସବିଶେଷ ଏବଂ ବିଷ୍ଣୁମୋହନ କବି। ଜଣେ ନବାଗତ ନାୟକଙ୍କୁ ନେଇ କିଛି ନୂଆ ଧରଣର ଚଳଚ୍ଚିତ୍ର ନିର୍ମାଣ କରିବାକୁ ପ୍ରଯୋଜିକା ଅଣ୍ଟା ଭିଡିଛନ୍ତି। ନାୟକଙ୍କର ମଧ୍ୟ ଜୋସ୍ ଅଛି ବିଧାୟକ ଚଳଚ୍ଚିତ୍ର ମାଧ୍ୟମରେ ଓଲିଉଡ଼କୁ ଏକ ଭଲ ସିନେମା ଭେଟି ଦେବା ସହିତ ସମାଜ ପ୍ରତି ଏକ ପ୍ରକାର ସଂସ୍କାର ଆଣିବାକୁ ଚେଷ୍ଟା କରିବେ। ଏହି ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ମୁଖ୍ୟ ରହିଛନ୍ତି ଭରତ ପ୍ରଧାନ।

# ପୁଣି ପ୍ରାଚୀ ଡିଭିଜନ କେନାଲରେ ବେଆଇନ୍ ରାସ୍ତା ନିର୍ମାଣ



**ଫୁଲନଖରା, ୨୪।୧୧ (ସଂଚାର ବ୍ୟୁରୋ) :** ପାହାଳ ଥାନା ଅନ୍ତର୍ଗତ ବାଲିଅନ୍ତା ପଞ୍ଚାୟତ ଅଧୀନରେ ଥିବା ତିରଣପଦା, କଞ୍ଚିଲୋ, ଧମିଲୋ ଗ୍ରାମରେ ପ୍ରାଚୀ ଡିଭିଜନ ଅଧୀନରେ ଥିବା କେନାଲ ବନ୍ଧରେ ଗତକାଲି ଜନୈକ ବିଲଡର ଗତକାଲି ସରକାରୀ ଛୁଟିର ସୁଯୋଗ ନେଇ ବିନା ଅନୁମତିରେ ବେଆଇନ ରାସ୍ତା ନିର୍ମାଣ କାର୍ଯ୍ୟକୁ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଏହାକୁ ବିରୋଧ କରିଥିଲେ ଧମିଲୋ ଗ୍ରାମର ଚାଷୀ। କିଛି ବର୍ଷ ହେବ ପ୍ରାଚୀ ଡିଭିଜନର ଏହି ଅଞ୍ଚଳରେ ଥିବା କେନାଲ କୁ କିଛି ବିଲଡର କବଜା କରିଛନ୍ତି। ଅଞ୍ଚଳର କିଛି ଜେସିବି ଟ୍ରାକ୍ଟର ମାଲିକଙ୍କ ଗାଡ଼ିକୁ ବେଆଇନ୍ କାର୍ଯ୍ୟରେ ଲଗାଇବାକୁ ମୋଟା ଅଙ୍କର ଟଙ୍କା ଦେଇ ଏହି କାର୍ଯ୍ୟ କରିବାର ଶୁଣିବାକୁ ମିଳୁଛି। ତେଣୁ ଆଜି ଏହି କେନାଲରେ ବେଆଇନ୍ କାର୍ଯ୍ୟ ହେଉଥିବା କୌଣସି ମତେ ଖବର ପାଇ ପାହାଳ ଥାନା ଏକ ଯେସିବି ନଂ (ଓଡ଼ି୨୯ ଏ ୧୨୮୩) ଗାଡ଼ି କୁ ଜବତ କରି ଥାନାକୁ ନେଇଛି। ଏହି କେନାଲକୁ ଲାଗି ଚାଷୀଙ୍କର ଏକର ଏକର ଚାଷ ଜମିକୁ କେନାଲ ମାଧ୍ୟମରେ ଆଗରୁ ପାଣି ଆସୁଥିଲା ବେଳେ ଗତ କିଛି ବର୍ଷ ହେବ ବିଲଡର ମାନେ ଏହି କେନାଲକୁ ତାଙ୍କ ସ୍ୱାର୍ଥ ପାଇଁ ଅବରୋଧ କରିବା ଦ୍ୱାରା ଚାଷୀ ମାନେ ଆଉ କେନାଲ ପାଣି ପାଇ ପାରୁ ନାହାଁନ୍ତି। ତେଣୁ ଜଳ ସମ୍ପଦ ବିଭାଗର ଥିବା ପ୍ରାଚୀ ଡିଭିଜନର ପ୍ରତାପ ନଗରୀ ଜଳ ସେଚନ ଉପ ବିଭାଜନ ବିଭାଗୀୟ ଅଧିକାରୀଙ୍କ ସବୁ ଜାଣି ବି ଚୁପ ହୋଇ ବସିବା ସମସ୍ତ ଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି କରୁଛି।

ଚାଷୀଙ୍କ ଏକର ଏକର ଜମିକୁ କଞ୍ଚିଲୋ ମାଇନର ପାଣି ଆସିବା ପାଇଁ ବିଭାଗ ଦୃଷ୍ଟି ନ ରଖି ପ୍ରତାପ ନଗରୀ ଜଳ ସେଚନ ଉପ ବିଭାଜନ ବିଭାଗୀୟ ଅଧିକାରୀ ବିଲଡରଙ୍କ ବେଆଇନ୍ ମୋହରମ ରାସ୍ତା ଓ ବେଆଇନ୍ ପୋଲ ପାଇଁ ସବୁବେଳେ ବିଲଡର ଓ ବିଲଡରଙ୍କର କିଛି ଗ୍ରାମରେ ଥିବା ଜମି ଦଲାଲଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଛନ୍ତି ବୋଲି ଯେତିକି କେନାଲରେ ବେଆଇନ୍ ରାସ୍ତା ଓ ପୋଲ ତିଆରି ହୋଇଥିବା ଦେଖିବାକୁ ମିଳୁଛି। ବାରମ୍ବାର ଏପରି ଅଭିଯୋଗ ଆସୁଥିବା ବେଳେ ପ୍ରତାପ ନଗରୀ ଜଳସେଚନ ଉପ ବିଭାଗ ଥାନାରେ ଅଭିଯୋଗ କରି ଦେଇ ଚୁପ୍ ହୋଇ ବସିବା ଫଳରେ ଏବଂ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁଁ ବିଲଡରମାନଙ୍କ ଏପରି ଦୌରାତ୍ମ୍ୟ କାର୍ଯ୍ୟ ବଢ଼ିବାର ଲାଗିଛି।

ମାଳମାଳ ଯୋଜନା କାହା ପାଇଁ ?

# ସରକାରୀ ସହାୟତା ଆଶାରେ ବୃଦ୍ଧ ଦମ୍ପତି

**ପାଟଣାଗଡ଼, ୨୪।୧୧ (ସଂଚାର ବ୍ୟୁରୋ) :** ସରକାର ଗରିବ ଲୋକଙ୍କୁ ସହାୟତା ଦେବା ପାଇଁ ମାଳମାଳ ଯୋଜନା କରୁଥିବା ବେଳେ କିନ୍ତୁ ଅନେକାଂଶ ଅଞ୍ଚଳ ରେ ଗରିବ ଜନସାଧାରଣ ଏହି ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି । ଏହିପରି ଏକ ବୃଦ୍ଧ ଦମ୍ପତି ସରକାରୀ ସହାୟତା ରୁ ବଞ୍ଚିତ ଥିବା ଖବର ସାମ୍ନା କୁ ଆସିଛି। ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଅନ୍ତର୍ଗତ ବାଗଦୋର ପଞ୍ଚାୟତ ଝାର୍କିପାଲି ଗାଁରେ ଗୋଟିଏ ବୃଦ୍ଧ ଦମ୍ପତି ବାସ କରନ୍ତି । ସେମାନଙ୍କ କୌଣସି ସନ୍ତାନ ନାହାନ୍ତି। ଭୂମିହୀନ ହୋଇଥିବାରୁ ଅନ୍ୟ ଜଣଙ୍କ ଜାଗାରେ ମାଟି କୁଡିଆ ରେ ଜୀବନ କାଟୁଛନ୍ତି । ବୃଦ୍ଧ ଜଣକ ହେଲେ ରବୀ ମାଝୀ ଏବଂ ତାଙ୍କର ସ୍ତ୍ରୀ ବାସନ୍ତୀ ମାଝୀ ।



ଉର୍ଦ୍ଧ୍ୱ ବୟସ ଯୋଗୁଁ ରବୀ ମାଝୀ ଙ୍କ ଗୋଡହାତ କାମ କରୁନି । ସେ ଶଯ୍ୟାଶାୟୀ ଭାବେ ପଡ଼ିଥିବା ବେଳେ ତାଙ୍କ ସ୍ତ୍ରୀ ଲୋକଙ୍କ କ୍ଷେତରେ ମୁଲିଆ କାମ କରି ପେଟ ପୋଷୁଛନ୍ତି । ଆଧାର କାର୍ଡ ହୋଇ ନଥିବାରୁ ବି ପି ଏଲ ଧାରୀ ହୋଇ ମଧ୍ୟ ତାଙ୍କୁ ରାସନ କିମ୍ବା ମଧୁବାବୁ ପେନସନ ଯୋଜନା ମିଳୁନାହିଁ । ଆବାସ ଯୋଜନା ତ ସାତ ସପନ ହୋଇଛି । ଏତେ ଅସୁବିଧା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ବୃଦ୍ଧ ଦମ୍ପତି ଙ୍କର ଆଧାର କାର୍ଡ ଆସିନାହିଁ । ଯାହା ଫଳରେ ତାଙ୍କ ରାସନ କାର୍ଡ ଅଚଳ ହୋଇ ପଡିଛି । ରବି ମାଝୀ ଙ୍କ ସ୍ତ୍ରୀ ବାସନ୍ତୀ ମାଝୀ ମଧୁବାବୁ ପେନସନ ଯୋଜନା ମିଳି ପାରୁନାହିଁ । କିନ୍ତୁ ତାଙ୍କର କୌଣସି ପ୍ରକାର ଯାଞ୍ଚ କିମ୍ବା ଉତ୍ତମ ପଦକ୍ଷେପ ନିଆଯାଉ ନାହିଁ । ଯାହା ଫଳରେ ବୃଦ୍ଧ ଦମ୍ପତି ସରକାର ଙ୍କ କୌଣସି ପ୍ରକାର ଯୋଜନା ପାଇ ପାରୁନାହାନ୍ତି ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୪

**ବାରଙ୍ଗ, ୨୪।୧୧ (ସଂଚାର ବ୍ୟୁରୋ) :** ବାରଙ୍ଗ ବ୍ଲକ ଅନ୍ତର୍ଗତ ଗବବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଗବବସ୍ତ ରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ -୨୦୨୪ ଅନୁଷ୍ଠିତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା ଙ୍କ ସଭାପତିତ୍ୱ



ଆୟୋଜିତ ମେଳାରେ ଉଦଘାଟକ ତଥା ମୁଖ୍ୟବକ୍ତା ବାରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମ ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଅବଦୁଲ ତାହୀଦ ଖାଁ, ଜୟନ୍ତ କେଶରୀ ପାତ୍ର, ପ୍ରଫୁଲ୍ଲ କୁମାର ରଥ, ଯମୁନାମଣୀ ହେମ୍ବ୍ରମ, ଅଚ୍ୟୁତା ନନ୍ଦ ସାହୁ, ଶ୍ରୀନିବାସ ସେଠୀ ପ୍ରମୁଖ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖିବା ସହ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ।

ସେହିପରି ଉଦଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଇଂଜିନିୟର ଛବି ମଲ୍ଲିକ, ମାନ୍ୟବର ବିଧାୟକ, ନିଆଳି, ମୁଖ୍ୟ ବକ୍ତା ଭାବରେ ଦେବ ପ୍ରସାଦ ତ୍ରିପାଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ, କଟକ, ସମ୍ମାନିତ ଅତିଥି ଭାବରେ ଧୀରେନ୍ଦ୍ର କୁମାର ବାରିକ, ଦିଲ୍ଲୀପ କୁମାର ପାତ୍ର, ସରୋଜ କୁମାର ମହାପାତ୍ର, ଶ୍ରୀମନ୍ତ କୁମାର ମହାପାତ୍ର ପ୍ରମୁଖ ଅତିଥିବୃନ୍ଦ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିବା ସହ ପ୍ରଶଂସା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସମୁଦାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପଗୁଡିକୁ ବିଚାରକମାନଙ୍କ ଦ୍ୱାରା ବିଚାର ପୂର୍ବକ ଜିଲ୍ଲାସ୍ତରକୁ ଯିବା ପାଇଁ ୭ଟି ଓ ପ୍ରାଥମିକ ବିଦ୍ୟାଳୟର ୩ ଜଣ କୁନି ବୈଜ୍ଞାନିକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଜୟ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ, ଦିଲ୍ଲୀପ କୁମାର ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ଅବଦୁଲ ରାଜିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସିମାନେ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଚଳଚ୍ଚିତ୍ର ମହୋତ୍ସବରେ କାରଖାନୁ, ଗୁଗଲ ମାଟ୍ରିମୋନି, ରଦୋର ପାକ୍ଷୀ

**ନୂଆଦିଲ୍ଲୀ, ୨୪।୧୧ (ସଂଚାର ବ୍ୟୁରୋ) :** ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ତିନୋଟି ଚମତ୍କାର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି । ସେଗୁଡ଼ିକ ହେଲା ଗୁଜରାଟୀ ଚଳଚ୍ଚିତ୍ର 'କାରଖାନୁ', ଅହମୀୟା ଚଳଚ୍ଚିତ୍ର 'ରଦୋର ପାକ୍ଷୀ' ଏବଂ 'ଗୁଗଲ ମାଟ୍ରିମୋନି'। ଦୂରଦୃଷ୍ଟି ସମ୍ପନ୍ନ ନିର୍ଦ୍ଦେଶକ ଓ ନିର୍ମାତାମାନଙ୍କ ଦ୍ୱାରା ନିର୍ମିତ ଏସବୁ ଭିନ୍ନ ସ୍ୱାଦର ଚଳଚ୍ଚିତ୍ରରେ ରହସ୍ୟ, ହାସ୍ୟ, ଭୟ, ଅସଲି ମାନବୀୟ ସମ୍ପର୍କର ଅନ୍ୱେଷ ଏବଂ ଜୀବନର ଆହ୍ୱାନକୁ ମୁକାବିଲା କରିବାର ସାମର୍ଥ୍ୟ ପ୍ରଦର୍ଶିତ ହୋଇଛି ।




ଗଣମାଧ୍ୟମ ସହ ଏକ ବାର୍ତ୍ତାଳାପରେ 'କାରଖାନୁ'ର ନିର୍ଦ୍ଦେଶକ ଋଷଭ ଥାଙ୍କୀ କହିଛନ୍ତି, ଏ ଚଳଚ୍ଚିତ୍ର ଗଭୀର ଭାବେ ଗୁଜରାଟର ଲୋକକଥା ସହ ଜଡ଼ିତ। ପ୍ରଥମେ ଏହା ଏକ କ୍ଷୁଦ୍ର ଚଳଚ୍ଚିତ୍ର ରୂପେ ନିର୍ମିତ ହୋଇଥିଲା, ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଅବଧି ବିଶିଷ୍ଟ ଫିଚର ଚଳଚ୍ଚିତ୍ର ଭାବେ ଏହାକୁ ନିର୍ମାଣ କରାଯାଇଛି । ଅଭିନେତା ପାର୍ଥ ଦାଭେ ଏ ଚଳଚ୍ଚିତ୍ରକୁ ଏକ ଦୁଇ ବର୍ଷର ଯାତ୍ରା, ଏକ ବ୍ୟଙ୍ଗ ଏବଂ ୱାନ୍-କଟ୍ ପ୍ରୋଜେକ୍ଟ ରୂପେ ବର୍ଣ୍ଣନା କରିଛନ୍ତି । ଏଥିପାଇଁ ସେମାନଙ୍କୁ ଅର୍ଥ ବ୍ୟୟ କରିବାକୁ ପଡ଼ିଛି, ତେବେ ଆଇଏଫଏଫଆଇରେ ପ୍ରଦର୍ଶିତ ହେବା ସହିତ ଏକ ଗୁଜରାଟୀ ଚଳଚ୍ଚିତ୍ର ଉଦ୍ୟୋଗରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି ।

'ଗୁଗଲ ମାଟ୍ରିମୋନି' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶ୍ରୀକାର୍ଥିକ୍ ଏସ୍ ଏସ୍ ଏହା ସମ୍ପର୍କରେ କହିଛନ୍ତି ଯେ, ଏହି ଫିଲ୍ମ ଗୋଟିଏ ସଂକଳନର ଏକ ଅଂଶବିଶେଷ। ଚଳଚ୍ଚିତ୍ର ନିର୍ମାତା ଅଭିନବ ଜି ଆତ୍ରେୟ କହିଛନ୍ତି, ପ୍ରଯୁକ୍ତି କିପରି ଲୋକମାନଙ୍କ ଜୀବନକୁ ପ୍ରଭାବିତ କରୁଛି ତାହା ଏହି କାହାଣୀରେ ଅନ୍ୱେଷଣ କରିବାକୁ ପ୍ରୟାସ କରାଯାଇଛି। ଅଭିନେତା ଦେବ ଆହୁରି ମଧ୍ୟ କହିଛନ୍ତି ଯେ ଚଳଚ୍ଚିତ୍ର ନିର୍ମାଣରେ ସମ୍ପୃକ୍ତ ଦଳ ଆଇଏଫଏଫଆଇରେ ମିଳିଥିବା ସ୍ୱୀକୃତିକୁ ଗୁରୁତ୍ୱ ଦେଉଛି, ଯାହା ଉଦୀୟମାନ ଚଳଚ୍ଚିତ୍ର ନିର୍ମାତାଙ୍କୁ ପ୍ରେରଣା ଦେଇଥାଏ । ଫିଲ୍ମର ବ୍ୟାବସାୟିକ ସାମର୍ଥ୍ୟ ବିଷୟରେ ପଚରାଯିବାରୁ ସେ କହିଥିଲେ ଯେ ଟଙ୍କା ରୋଜଗାର କରିବା ପରିବର୍ତ୍ତେ ଏକ ଅର୍ଥପୂର୍ଣ୍ଣ ଚଳଚ୍ଚିତ୍ର ନିର୍ମାଣ ଉପରେ ସେମାନଙ୍କର ଧ୍ୟାନ ରହିଛି।

'ରାଦୋର ପାକ୍ଷୀ' ଚଳଚ୍ଚିତ୍ରର ନିର୍ଦ୍ଦେଶିକା ଡକ୍ଟର ବବି ଶର୍ମା ବରୁଆ କହିଛନ୍ତି, ଏହି ଚଳଚ୍ଚିତ୍ରରେ ଏକ ବିରଳ ମାଂସପେଶୀ ଜନିତ ରୋଗ ସ୍ପାଇନାଲ ମସକୁଲାର ଆଟ୍ରୋଫି ପୀଡ଼ିତ ଜଣେ ଝିଅର କାହାଣୀକୁ ସମ୍ବେଦନଶୀଳ ଢଙ୍ଗରେ ବର୍ଣ୍ଣନା କରାଯାଇଛି । ଚଳଚ୍ଚିତ୍ରର ସଂଯମିତ ସ୍ୱର ବିଷୟରେ ପଚରାଯିବାରୁ ସେ କହିଥିଲେ ଯେ ଏହା ଏକ ସତ୍ୟ ଘଟଣା, ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ । ଅଭିନେତ୍ରୀ ସୁଲକ୍ଷଣା ବରୁଆ କହିଛନ୍ତି ଯେ 'ରାଦୋର ପାକ୍ଷୀ'ରେ ଅଭିନୟ କରିବା ଉଭୟ ମାନସିକ ଓ ଶାରୀରିକ ଭାବେ ଆହ୍ୱାନପୂର୍ଣ୍ଣ ଥିଲା, କିନ୍ତୁ ଏହା ଏକ ବଡ଼ ସମ୍ମାନ କାରଣ ସେ ବାସ୍ତବ ଜୀବନର ଜଣେ ପ୍ରକୃତ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଭୂମିକାରେ ଅଭିନୟ କରିଥିଲେ।

# ଭାରତ ରତ୍ନ ତାଲିକାରେ ଓଡ଼ିଶାରୁ କେହି ନାହାଁନ୍ତି

**ଭୁବନେଶ୍ୱର, ୨୪।୧୧ (ତଥ୍ୟ):** ସତୁରୀବର୍ଷ ଭିତରେ ଓଡ଼ିଶାର ଜଣେ ହେଲେ କେହି ବିଶିଷ୍ଟ ବ୍ୟକ୍ତି ଭାରତ ରତ୍ନ ସମ୍ମାନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇନାହାନ୍ତି। ତେବେ ଓଡ଼ିଶାର ବିଭିନ୍ନ ବରପୁତ୍ରଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ବେଳକୁ ଭାରତ ରତ୍ନ ଦାବି ଉଠିଥାଏ। ଏମିତିକି ରାଜ୍ୟ ବିଧାନସଭାରେ ବି ଏ ପ୍ରସଙ୍ଗରେ ଦାବି ହୁଏ।

୧୯୫୪ ମସିହାରେ ଭାରତ ସରକାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ ଆରମ୍ଭ କରିଥିଲେ। ସେତେବେଳେ ବିଶିଷ୍ଟ ବୈଜ୍ଞାନିକ ସି ଭି ରମଣ, ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଓ ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ରାଜନୀତି, ସମାଜସେବା, ସାହିତ୍ୟ, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରର ଅନେକ ବ୍ୟକ୍ତି ବିଶେଷଙ୍କୁ ଜୀବିତାବସ୍ଥାରେ ଏମିତିକି ମରୋଣତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି। ପଣ୍ଡିତ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ସମେତ ଗୋବିନ୍ଦ ବଲ୍ଲଭ ପନ୍ତ, ବିଧାନ ଚନ୍ଦ୍ର ରାଏ, ପୁରୁଷୋତ୍ତମ ଦାସ ଟଣ୍ଡନ, ଲତା ମଙ୍ଗେସକର, ବିସ୍‌ମିଲ୍ଲା ଖାଁ, ଭୀମସେନ୍ ଯୋଶୀ, ସଚିନ ତେନ୍ଦୁଲକର, ସି.ଏନ. ଆର. ରାଓ, ମଦ ମୋହନ ମାଲବ୍ୟ, ଭୂପେନ ହଜାରିକା, ପ୍ରଣବ ମୁଖାର୍ଜୀ, ଚୌଧୁରୀ ଚରଣ ସିଂହ, ଅଟଳ ବିହାରୀ ବାଜପେୟୀ, ନାନାଜୀ ଦେଶମୁଖ, ଏମ.ଏସ୍.ସ୍ୱାମୀନାଥନ, ପି.ଭି.ନରସିଂହରାଓ, ସର୍ଦ୍ଦାର ବଲ୍ଲଭପାଇ ପଟେଲ, କର୍ପୁରୀ ଠାକୁର, ଲାଲକୃଷ୍ଣ ଆଡଭାନୀଙ୍କ ଭଳି ବହୁ ବ୍ୟକ୍ତିବିଶେଷ ଭାରତ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି।



ତେବେ ଏଯାବତ୍ ଓଡ଼ିଶାର କୌଣସି କ୍ଷେତ୍ରରୁ ଜଣେହେଲେ ବ୍ୟକ୍ତି ବିଶେଷଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ କେନ୍ଦ୍ର ସରକାର ଯୋଗ୍ୟ ବିବେଚନା କରିନାହାନ୍ତି। ବିଭିନ୍ନ ସମୟରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ, ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, କୁନ୍ତଳା କୁମାରୀ ସାବତ, ଚନ୍ଦ୍ରଶେଖର ବେହେରା, ଆଚାର୍ଯ୍ୟ ହରିହର, ଆଇଜାକ ସାନ୍ତ୍ରା ଆଦିଙ୍କୁ ମରୋଣତ୍ତର ଭାରତରତ୍ନ ପ୍ରଦାନ ଲାଗି ଦାବି ହୋଇ ଆସୁଛି।

ଅତୀତରେ ଓଡ଼ିଶାରେ ନିର୍ବାଚନବେଳେ ବି ବାରମ୍ବାର ଭାରତ ରତ୍ନ ପ୍ରସଙ୍ଗ ଉଠିଛି। ଏବେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ଥିବାରୁ ଏବଂ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବା ଦୃଷ୍ଟିରୁ ଓଡ଼ିଶା ଶୀଘ୍ର ଭାରତ ରତ୍ନ ପାଇବ ବୋଲି ଅନେକ ଆଶାବାନ୍ଧି ବସିଛନ୍ତି। ଏମିତିକି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିଥିବା କିଛି ଜୀବିତ ବ୍ୟକ୍ତିଙ୍କ ନାମ ମଧ୍ୟ ଏଥିପାଇଁ ଚର୍ଚ୍ଚା ହେଉଛି।

ଚଳିତବର୍ଷ ମା' ରମାଦେବୀ ଓ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ହେଉଥିବା ପରିପ୍ରେକ୍ଷୀରେ ବିଭିନ୍ନ ମହଲରୁ ଏହି ଦୁଇ ବିଭୂତିଙ୍କୁ ଭାରତ ରତ୍ନ ପ୍ରଦାନ ଲାଗି ଦାବି ଉଠୁଛି। ବିଶେଷକରି କେନ୍ଦ୍ର ସରକାର ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ସ୍ୱାଧୀନତା ସଂଗ୍ରାମ, ସମାଜସେବା ଓ ତ୍ୟାଗର କ୍ଷେତ୍ରରେ ଅନନ୍ୟ ସ୍ଥାନ ସୃଷ୍ଟି କରିଥିବା ମା' ରମାଦେବୀଙ୍କୁ ଏହି ସମ୍ମାନ ପ୍ରଦାନ କରାଗଲେ ତାହା ବିବାଦରୁ ଉର୍ଦ୍ଧ୍ୱରେ ରହିବ ବୋଲି ବହୁ ଶିକ୍ଷାବିତ୍, ସମାଜସେବୀ ଓ ଦଳମତ ନିର୍ବିଶେଷରେ ରାଜନେତା ମତବ୍ୟକ୍ତ କରୁଛନ୍ତି।

ଅନ୍ୟ ପକ୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ଡକ୍ଟର ମହତାବଙ୍କୁ ମରଣୋତ୍ତର ଭାରତ ରତ୍ନ ମିଳିପାରେ ବୋଲି ତାଙ୍କ ଅନୁଗାମୀମାନେ ଆଶା କରୁଛନ୍ତି। ଏଯାବତ୍ କିନ୍ତୁ ଓଡ଼ିଶା ସରକାର ବିଧିବଦ୍ଧ ଭାବେ ରାଜ୍ୟର କାହା ନାମ ଭାରତ ରତ୍ନ ପାଇଁ ସୁପାରିଶ୍ କରିନାହାନ୍ତି।



# ମହାଲକ୍ଷ୍ମୀଙ୍କ କଳସ ଶୋଭାଯାତ୍ରା ଓ ନଗର ପରିକ୍ରମା

**କଟକ, ୨୪।୧୧ (ସଂଚାର ବ୍ୟୁରୋ) :** ଯୋବ୍ରା ଲକ୍ଷ୍ମୀ ବଜାରସ୍ଥିତ ଲକ୍ଷ୍ମୀ ମନ୍ଦିରର ଚତୁର୍ଥ ବାର୍ଷିକ ଜନ୍ମ ମହୋତ୍ସବ ଉପଲକ୍ଷେ ଶତାଧିକ ମାଆ କଳସ ଅଧିବାସରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ରେ ଯୋବ୍ରା ତତ୍ତ୍ୱବଟ ଘାଟ କୁଳରୁ ପୁଣ୍ୟତୋୟା ମହାନଦୀରୁ କଳସ ଭରି ମହିଳାମାନେ ଶୋଭାଯାତ୍ରାରେ ବାହାରି ଦୂର୍ଗାଛକ ମାଟିଆ ମଙ୍ଗଳା ମଝିସାହି, ପାରେଶ୍ୱରସାହି, ନୂଆସାହି, ଶାରଳା ମନ୍ଦିର ଅତିକ୍ରମ କରି ଯଜ୍ଞ ମଣ୍ଡପ ନିକଟରେ କଳସ ସ୍ଥାପନ କରିଥିଲେ। ଏଥିରେ କର୍ତ୍ତା କର୍ତ୍ତୀ ଶ୍ରୀକାନ୍ତ ସାମଲ ଓ ଲୀନା ସାମଲ ମୁଖ୍ୟ କଳସ ଧରିଥିଲେ। ପୂଜକ ପ୍ରଶାନ୍ତ ପତି, ଚିନ୍ମୟ ପତି ଅଙ୍କୁରାରୋପଣ କରିଥଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ସେଠୀ, ଶାରଦା ପ୍ରଧାନ, ସ୍ୱର୍ଣ୍ଣପ୍ରଭା ପଶାୟତ, ଝିଲି ବିହାରୀ, ଇତିଶ୍ରୀ ଦାସ, ସଂଗ୍ରାମ କିଶୋର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ଅମ୍ବିକା ପ୍ରସାଦ ସାମଲ, ଜିନେଶ ଦାସ, ଜୟଦେବ ପୃଷ୍ଟି, ଶରତ ବେହେରା, ସମରେଶ ଭୂୟାଁ, ପ୍ରଦୀପ ବେହେରା, ପ୍ରଫୁଲ୍ଲ ସାମଲ, ଲକ୍ଷ୍ମୀଧର ବେହେରା ଓ ଲକ୍ଷ୍ମୀ ମନ୍ଦିର କର୍ମକର୍ତ୍ତାଙ୍କ ସହ ୯ ସାହିର ସଙ୍କୀର୍ତ୍ତନମଣ୍ଡଳୀ ଅଧିକାରୀ, ମହନ୍ତ କଟୁଆଳ, ଘଣ୍ଟୁଆ ପଟୁଆର ଅଂଶ ଗ୍ରହଣ କରିଥିଲେ।

# ଆକ୍ରମଣ ମାମଲାରେ ୨ ଯୁବକ ଜେଲ ଗଲେ

**ବାଲିଅନ୍ତା, ୨୪।୧୧ (ସଂଚାର ବ୍ୟୁରୋ) :** ଆଜି ବାଲିଅନ୍ତା ଥାନା ପୁଲିସ ଏକ ଗଣ୍ଡଗୋଳ ମାମଲାରେ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଯୁବକ ଦ୍ୱୟ ହେଲେ ବଇଁଚୁଆ ପଞ୍ଚାୟତ ଅଧୀନ ଖୋଳାଘର ସାହିର ସୁଶାନ୍ତ କୁମାର ଭୋଇ ( ୩୫) ଏବଂ ଭିଙ୍ଗାରପୁର ଶାସନ ଗ୍ରାମର ପ୍ରତାପ ବେହେରା (୩୪) । ଏ ସଂକ୍ରାନ୍ତରେଅଜିତ ପାତ୍ର ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଜିତ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରି ସୁଶାନ୍ତ ଏବଂ ପ୍ରତାପକୁ ଗିରଫ କରିଥିଲା। ସୂଚନା ଯୋଗ୍ୟ ଯେ, ଗତ ୨ ତାରିଖ ଅପରାହ୍ନ ପ୍ରାୟ ୦୫.୧୫ ରେ ଅଭିଯୁକ୍ତ ସୁଶାନ୍ତ ଏବଂ ପ୍ରତାପ ଅଜିତଙ୍କ ଦାଦାଙ୍କ ଘରକୁ ଯାଇଥିଲେ । ସେଠାରେ ମଦ୍ୟପାନ କରିବା ପାଇଁ କହିଥିଲେ। ହେଲେ ଅଜିତଙ୍କ ଦଦା ମନା କରିବାରୁ ସେମାନେ ସେଠାରୁ ଚାଲି ଯାଇଥିଲେ। ଏହି ଘଟଣାର କିଛି ସମୟ ପରେ ଅଭିଯୋଗକାରୀ ଦାଦା ଓ ତାଙ୍କର ସମ୍ପର୍କୀୟ ଭାଇ ବାଲିପାଟଣା ସ୍ଥିତ ଏକ ବ୍ୟାଙ୍କରୁ ଘରକୁ ଫେରୁଥିବା ବେଳେ ପୂର୍ବ ରାଗକୁ କେନ୍ଦ୍ର କରି ଶାସନ ମଠ ପୋଖରୀ ନିକଟରେ ନିମ୍ନୋକ୍ତ ଅଭିଯୁକ୍ତ ଦୁହେଁ ସେମାନଙ୍କୁ ଅଟକାଇଥିଲେ ଓ ଲାଠିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଭିଯୋଗକାରୀଙ୍କର ଜଣେ ସମ୍ପର୍କୀୟ ଭାଇଙ୍କର ହାତରେ ଗଭୀର ଆଘାତ ଲାଗିଥିଲା। ମାମଲାର ତଦନ୍ତ କରି ବାଲିଅନ୍ତା ପୁଲିସ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ପଚରା ଉଚରା ବେଳେ ଅଭିଯୁକ୍ତ ଦୁହେଁ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।



## ଜୀବନ ଅମୃତ ଅନୁଚିନ୍ତା

ଜୀବନ ଯୁଦ୍ଧ- ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନ ସାରା ବିଭିନ୍ନ ପରିସ୍ଥିତିରେ ଲଢ଼େଇ କରିଥାଏ। ପ୍ରତିକୂଳ ପରିସ୍ଥିତିରେ ଲଢ଼େଇ କରିବା ପାଇଁ ଯେଉଁ ମାନସିକ ଦୃଢ଼ତା ଆବଶ୍ୟକ ତାହାକୁ ଈଶ୍ୱରଙ୍କ ଆଶୀର୍ବାଦ ବୋଲି କୁହାଯାଇପାରେ।

SANCHAR
ସଂଚାର

୪
ସୋମବାର ୨୫ ନଭେମ୍ବର ୨୦୨୪, ଭୁବନେଶ୍ୱର
Monday 25 November 2024 Bhubaneswar

# ଶୀତ ଅଧିବେଶନ ହେବ ଉଷ୍ମ

ସୋମବାରଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଡିସେମ୍ବର ୨୦ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ। ଏହି ସ୍ୱଳ୍ପକାଳୀନ ଅଧିବେଶନ କାଳରେ ସରକାରଙ୍କ ପକ୍ଷରୁ ପ୍ରାୟ ୧୬ଟି ବିଲ ଆଗତ ଏବଂ ଗୃହୀତ କରାଇବାର ଯୋଜନା ରହିଛି। ଏହା ମଧ୍ୟରେ ରହିଛି ବିବାଦୀୟ ୱାକଫ ବୋର୍ଡ ବିଲ। ୱାକଫ ବୋର୍ଡର କ୍ଷମତା ପରିସରକୁ ସଙ୍କୁଚିତ କରିବା ଏବଂ ଏହାର କିଛି ଅଧିକାରକୁ କାଣ୍ଟଛାଣ୍ଟ କରିବା ହେଉଛି ଏହାର ଉଦ୍ଦେଶ୍ୟ। ୨୦୧୩ରେ ତତ୍କାଳୀନ ୟୁପିଏ ସରକାର ୱାକଫ ବୋର୍ଡକୁ ଅଧିକ କ୍ଷମତାଶାଳି କରିଥିଲେ। ଏହାକୁ ବିଜେପି ନୀତିଗତ ଭାବେ ବିରୋଧ କରିଥିଲା। ଏବେ ସୁଯୋଗ ଦେଖି ନରେନ୍ଦ୍ର ମୋଦି ୱାକଫ ବୋର୍ଡ ଆଇନରେ ସଂଶୋଧନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଗତ ଅଧିବେଶନ କାଳରେ ମଧ୍ୟ ଏଭଳି ପ୍ରୟାସ କରାଯାଇଥିଲା। କିନ୍ତୁ ବିରୋଧୀଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ସମ୍ଭବ ହୋଇନଥିଲା। କେବଳ ବିରୋଧୀ ନୁହେଁ, ଶାସକ ଏନଡିଏର ଅନେକ ଅଂଶୀଦାର ଦଳ ମଧ୍ୟ ଏହାକୁ ବିରୋଧ କରିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ହାତଛଡ଼ା କରିବାକୁ ଏନଡିଏର କେତେକ ଅଂଶୀଦାର ଦଳ ଚାହୁଁନାହାଁନ୍ତି। ଟିଡିପି, ଜେଡିୟୁ, ଏଲଜେପି ଭଳି କେତେକ ଦଳ ଏହାକୁ ସମର୍ଥନ କରୁ ନାହାଁନ୍ତି। କାରଣ ଏମାନେ ନିଜକୁ ଧର୍ମନିରପେକ୍ଷ ଦଳ ବୋଲି ଦାବି କରୁଛନ୍ତି। ୱାକଫ ବୋର୍ଡର କ୍ଷମତା ସଙ୍କୋଚନ ପ୍ରସ୍ତାବକୁ ଅଧିକାଂଶ ମୁସଲମାନ ସଙ୍ଗଠନ ବିରୋଧ କରୁଛନ୍ତି। ତଥାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦର ଶୀତକାଳୀନ ଅଧିବେଶନ କାଳରେ ଏହି ବିଲ ଗୃହୀତ କରାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଶନିବାର ବିଜେପି ମୁଖ୍ୟାଳୟରେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଏହାକୁ ପ୍ରଧାନମନ୍ତ୍ରୀ କଂଗ୍ରେସର ତୁଷ୍ଟିକରଣ ରାଜନୀତି ବୋଲି କହିଛନ୍ତି। ଏହାକୁ କେନ୍ଦ୍ର କରି ସଂସଦରେ ସରଗରମ ପରିସ୍ଥିତି ସୃଷ୍ଟି ହୋଇପାରେ। କିନ୍ତୁ ୱାକଫ ବୋର୍ଡ ସଂଶୋଧନ ବିଲ ଉପରେ ଆଲୋଚନା ପୂର୍ବରୁ ଆହୁରି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ଗୃହରେ ଝଡ଼ ସୃଷ୍ଟି ହୋଇପାରେ। ପ୍ରଥମରୁ ବିରୋଧୀ ଆଦାନୀ ଗ୍ରୁପ ବିରୋଧରେ ଆସିଥିବା ଲାଞ୍ଚ ଅଭିଯୋଗ ଉଠାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆଦାନୀ ଗ୍ରୁପର ମୁଖ୍ୟ ଗୌତମ ଆଦାନୀଙ୍କୁ ଗିରଫ କରିବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦାବି କରିଛନ୍ତି। କିନ୍ତୁ ବିଜେପି ପାଲଟା ଅଭିଯୋଗ ଆଣିଛି ଯେ ଆଦାନୀ ଗ୍ରୁପ ଯେଉଁ ୪ଟି ରାଜ୍ୟରେ ଲାଞ୍ଚ ଦେଇଥିବା ଅଭିଯୋଗ ଆସିଛି ସେ ସମସ୍ତ ରାଜ୍ୟରେ ସେତେବେଳେ ଅଣ ବିଜେପି ସରକାର ଚାଲିଥିଲା। ତେଣୁ ଅଭିଯୋଗ ଯଦି ସତ୍ୟ ତେବେ କଂଗ୍ରେସ ବା ଏହାର ସହଯୋଗୀ ଅଥବା ଅନ୍ୟ ଦଳମାନେ କାଠଗଡ଼ାରେ ଠିଆ ହେବା ଉଚିତ। ଯାହା ଜଣାପଡୁଛି ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭରୁ ଆଦାନୀ ପ୍ରସଙ୍ଗ ନେଇ ଝଡ଼ ସୃଷ୍ଟି ହେବ। ଅଧିବେଶନ ଶେଷ ପର୍ଯ୍ୟନ୍ତ ଏହା ଜାରି ରହିପାରେ। ତେଣୁ ଗୃହରେ ଅନ୍ୟ ପ୍ରସଙ୍ଗରେ ଆଲୋଚନା-ବିତର୍କ ସମ୍ଭାବନା କ୍ଷୀଣ। ତେଣୁ ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ଗୃହରେ ଅନେକ ବିଲ ବା ଅତିରିକ୍ତ ବଜେଟ ଗୃହୀତ ହୋଇପାରେ। ସଂସଦରେ ବିରୋଧୀ ଦଳ ସଂଖ୍ୟା ଦୃଷ୍ଟିରୁ ବେଶ ସୁଦୃଢ଼। କଂଗ୍ରେସ ସହିତ ଆରଜେଡି, ସମାଜବାଦୀ ପାର୍ଟୀ, ଡିଏମକେ, ଟିଏମସି, ବାମପନ୍ଥୀ ସାମ୍ମୁଖ୍ୟ, ଆମ ଆଦମୀ ପାର୍ଟୀ ପ୍ରମୁଖ ସଂସଦରେ ବିଭିନ୍ନ ସଂସଦରେ ବିଜେପିକୁ ଅନେକ ପ୍ରସଙ୍ଗରେ ଘେରିବେ। ବିଜୁ ଜନତା ଦଳର ଲୋକସଭାରେ କେହି ସଦସ୍ୟ ନାହାଁନ୍ତି। କିନ୍ତୁ ରାଜ୍ୟସଭାରେ ଏହା ସରକାର ବିରୋଧୀ ଆଭିମୁଖ୍ୟକୁ ଯୋରଦାର କରିବ ଏବଂ ୱାକଫ ବିଲକୁ ବିରୋଧ କରିବ ବୋଲି କହିଛି। ଯାହା ବି ହେଉ ନା କାହିଁକି ସଂସଦରେ ବିତର୍କର ଝଡ଼ ସୃଷ୍ଟି ହେବା କଥା। କିନ୍ତୁ ହଟ୍ଟଗୋଳ ଯୋଗୁଁ ସଂସଦରେ ଅଚଳାବସ୍ଥା ସୃଷ୍ଟି ହେବା କଦାପି ସ୍ୱାଗତଯୋଗ୍ୟ ନୁହେଁ। ଗତ କିଛି ବର୍ଷ ହେବ କିନ୍ତୁ ଉଭୟ ସଂସଦ ଓ ବିଧାନସଭାରେ ଏହି ପରିସ୍ଥିତି ସୃଷ୍ଟି ହେବା ଦେଖାଯାଉଛି। ବିରୋଧୀ ଆସନରେ ଯେଉଁ ଦଳ ରହିଥାଆନ୍ତୁ ନା କାହିଁକି ସେମାନେ ଆଲୋଚନା କମ, ହଟ୍ଟଗୋଳ ବେଶୀ କରୁଛନ୍ତି। ଗୃହରେ ଅଚଳାବସ୍ଥା ସୃଷ୍ଟି କରିବା, ବାରମ୍ବାର ଗୃହ ମୁଲତବି ରହିବା ଦେଖାଯାଉଛି। ଏହା ଗଣମାଧ୍ୟମରେ ମଧ୍ୟ ବେଶ ପ୍ରଚାରିତ ହେଉଛି। ଏହାକୁ ବିରୋଧୀ ଦଳ ଉପଭୋଗ କରୁଛନ୍ତି ଏବଂ ଏଥିରୁ ରାଜନୈତିକ ଫାଇଦା ମିଳିବ ବୋଲି ଭାବୁଛନ୍ତି। କିନ୍ତୁ ସଂସଦ ଅଧିବେଶନ ପାଇଁ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେଉଛି ଯାହା ଲୋକଙ୍କ ଝାଳବୁହା ଧନ। ଟିକସ ମାଧ୍ୟମରେ ସେମାନେ ଏହା ପ୍ରଦାନ କରିଛନ୍ତି ଦେଶର ବିକାଶ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ। ଏହାକୁ ଅପଚୟ କରିବାର ଅଧିକାର କାହାର ନାହିଁ। ବିରୋଧୀ ଦଳ ହଟ୍ଟଗୋଳ କରି ବାହାଦୁରୀ ନେବାକୁ ଉଦ୍ୟମ କରିବା ଅନୁଚିତ। ଏଥିପାଇଁ ହଟ୍ଟଗୋଳ କରିବା ଏକ ଅପରାଧ। ଆଦାନୀ ପ୍ରସଙ୍ଗରେ ସରକାର ଗୃହରେ ନିଜ ବକ୍ତବ୍ୟ ରଖିବା ଉଚିତ। ପ୍ରଧାନମନ୍ତ୍ରୀ ନିଜେ ଏହା ଉପରେ ଗୃହରେ ବକ୍ତବ୍ୟ ରକିବେ ବୋଲି ଆଶା। ଆଦାନୀ ପ୍ରସଙ୍ଗ ବ୍ୟତିତ ଆହୁରି ଅନେକ ରାଷ୍ଟ୍ରୀୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ରହିଛି ଯାହା ଉପରେ ଗୃହରେ ଆଲୋଚିତ ହେବା ଉଚିତ। ଦରବୃଦ୍ଧି, ଟଙ୍କାର ଅବମୂଲ୍ୟାୟନ, ଷ୍ଟକ ମାର୍କେଟରେ ସୂଚକାଙ୍କ ହ୍ରାସ, ସୀମାରେ ଉତ୍ତେଜନା ଏବଂ ଆତଙ୍କବାଦ ଭଳି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ବିତର୍କ ହେବା ଉଚିତ। ଆଦାନୀ ପ୍ରସଙ୍ଗ ବ୍ୟତିତ ଆଉ ଏକ ବଡ଼ ପ୍ରସଙ୍ଗ ହେଲା ମଣିପୁରରେ ହିଂସା। ଏହାକୁ ନେଇ ମଧ୍ୟ ବିରୋଧୀ ହଟ୍ଟଗୋଳ କରିବା ସମ୍ଭାବନା ରହିଛି। ଏହା ବିରୋଧୀ ଦଳ ପାଇଁ ସରକାରଙ୍କୁ ସମାଲୋଚନା କରିବାର ଏକ ସୁଯୋଗ ସୃଷ୍ଟି କରିଛି। କିନ୍ତୁ ବାସ୍ତବରେ କେହି ମଣିପୁର ପରିସ୍ଥିତି ନେଇ ଗମ୍ଭୀର ଥିଲା ଭଳି ମନେ ହେଉନି। ଏହାକୁ ସମସ୍ତେ ରାଜନୈତିକ ଦୃଷ୍ଟିରୁ ବିଚାର କରୁଛନ୍ତି। ମଣିପୁରବାସୀ କେତେ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି, ରାଜ୍ୟରେ କେତେ ନିରୀହ ବ୍ୟକ୍ତିଙ୍କ ଜୀବନ ଗଲାଣି ସେ କଥା ବିରୋଧୀ ଦଳ ଚିନ୍ତା ନକରି କେବଳ ସରକାରଙ୍କୁ ସମାଲୋଚନାକୁ ଗୁରୁତ୍ୱ ଦେଉଛନ୍ତି। ବାସ୍ତବ ସମସ୍ୟା ସମାଧାନ କଥା କେହି ଚିନ୍ତା କରୁନାହାଁନ୍ତି। ମଣିପୁରରେ ଆଜି ଯେଉଁ ପରିସ୍ଥିତି ସଅଷ୍ଟି ହୋଇଛି, ତାହାର ମୁଖ୍ୟ କାରଣ ହେଲା ସଂରକ୍ଷଣ। ସଂରକ୍ଷଣ ପ୍ରସଙ୍ଗରେ ମଣିପୁର ହାଇକୋର୍ଟଙ୍କ ଗୋଟିଏ ରାୟ ସବୁ କିଛି ଓଲଟପାଲଟ କରିଦେଲା। ପରେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଛନ୍ତି। ଏହି ମୌଳିକ ପ୍ରସଙ୍ଗରେ ସଂସଦରେ ଆଲୋଚନା ହେବା ଉଚିତ। ଆଜି ମଣିପୁରରେ ଯେଉଁ ପରିସ୍ଥତି ସୃଷ୍ଟି ହୋଇଛି, ଯଦି ଜାତିଗତ ଜନଗଣନା ହେବ ଏବଂ ସଂରକ୍ଷଣ ବ୍ୟବସ୍ଥାର ୫୦%ସୀମା ହଟିଯିବ ତେବେ ସାରା ଦେଶରେ ମଣିପୁର ଭଳି ପରିସ୍ଥିତି ସୃଷ୍ଟିହେବ। ଜାତିଗତ ଜନଗଣନା ନେଇ ବିରୋଧୀ ଦଳମାନେ ଯେଉଁ ଦାବି କରୁଛନ୍ତି ତାହା ଉପରେ ସଂସଦରେ ବିତର୍କ ହେବା ଉଚିତ। ବାସ୍ତବରେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ରହିଛି କି ନାହିଁ ଏବଂ ଯେଉଁ ଜାତିର ଜନସଂଖ୍ୟା ଯେତିକି ସେହି ଜାତିକୁ ସେତିକି ସଂରକ୍ଷଣ ସୁବିଧା ମଳିବା ଉଚିତ ବୋଲି ରାହୁଲ ଗାନ୍ଧି ଯେଉଁ ଦାବି କରିଛନ୍ତି, ତାହା କେତେଦୂର ଗ୍ରହଣୀୟ ତାହା ଉପରେ ସଂସଦରେ ଆଲୋଚିତ ହେବା ଉଚିତ। କେବଳ ଗୋଟିଏ ପ୍ରସଙ୍ଗରେ ହଟ୍ଟଗୋଳ କରିବା ସ୍ୱାଗତଯୋଗ୍ୟ ନୁହେଁ। ଏହା ଉପରେ ବିରୋଧୀ ଦଳ ଚିନ୍ତା କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ପଞ୍ଚତୀର୍ଥର ସଫେଇ ଜରୁରୀ

**ମହାଶୟ,**

ଶ୍ରୀକ୍ଷେତ୍ରର ଏକ ମୁଖ୍ୟ ଆକର୍ଷଣ ଏବଂ ପବିତ୍ର ସ୍ଥାନ ମଧ୍ୟରେ ୫ଟି ବୃହତ ଜଳାଶୟ ବା ପଞ୍ଚତୀର୍ଥ ଅନ୍ୟତମ। ଶହ ଶହ ବର୍ଷ ହେବ ଏହ ପଞ୍ଚତୀର୍ଥର ମହିଳା ସମ୍ପର୍କରେ ଶ୍ରଦ୍ଧାଳୁମାନେ ଅବଗତ ଅଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ୫ଟି ପବିତ୍ର ପୁଷ୍କରିଣୀର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ପ୍ରତିଦିନ ଶହ ଶହ ବ୍ୟକ୍ତି ଏଥିରେ ସ୍ନାନ କରୁଛନ୍ତି, ଏହାର ଜଳ ବ୍ୟବହାର କରୁଛନ୍ତି। ତେଣୁ ଏସବୁ ପୁଷ୍କରିଣୀର ଯତ୍ନ ନେବା ଜରୁରୀ। କିନ୍ତୁ ଏସବୁ ପୁଷ୍କରିଣୀର ଜଳ ଅତି ମାତ୍ରାରେ ପ୍ରଦୂଷିତ। ଏହା ମନୁଷ୍ୟ ବ୍ୟବହାର ଅନୁପଯୁକ୍ତ। ଏଥିରେ ସ୍ନାନ କଲେ ରୋଗଗ୍ରସ୍ତ ହେବାର ଆଶଙ୍କା ରହିଛି। ତେଣୁ ଏହିସବୁ ପୁଷ୍କରିଣୀର ବିଜ୍ଞାନ ସମ୍ମତ ଉପାୟରେ ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ଜରୁରୀ। ଏହାର ଜଳକୁ ନିୟମିତ ବିଶୋଧନ କରାଯିବା ଉଚିତ। ଏହା ସହିତ ପ୍ରତି ୧୦ ବର୍ଷରେ ଥରେ ଏହାର ପଙ୍କୋଦ୍ଧାର କରାଯିବା ଉଚିତ। ଆଶା ରାଜ୍ୟ ସରକାର ଏସବୁ ଜଳାଶୟର ଉପଯୁକ୍ତ ଯତ୍ନ ନେବାକୁ ପ୍ରୟାସ କରିବେ।

ଦୁର୍ଯ୍ୟୋଧନ ପ୍ରଧାନ, ଗୋରୁଆଳ, ପୁରୀ

# ମହାନ ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ମହତାବଙ୍କ ଜୀବନରୁ ଶିକ୍ଷା



**ଆଶୁତୋଷ ନାୟକ**

ଓଡିଶାର ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଥିଲା। ସେ ମିଷ୍ଟଭାଷୀ ଉଦାର, ନିର୍ଭିକ, ନମ୍ର ସାହିତ୍ୟପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଆଦର୍ଶ ରାଜନେତା ଥିଲେ। ସେ ଓଡିଶାର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଐତିହାସିକ ଓ ସୁଲେଖକ ଭାବେ ପରିଚିତ। ସେ ୧୮୯୯ମସିହା ଆଗରପଡା ରେ (ବର୍ତମାନ ଭଦ୍ରକ ଜିଲ୍ଲା ରେ ଅବସ୍ଥିତ) ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରୁ ଜନ୍ମଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ। ବିଭିନ୍ନ ସମୟରେ ବିଭିନ୍ନ ପଦପଦବୀରେ ରହି ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ପ୍ରେରଣା ଓ ସମ୍ପାଦନାରେ ପ୍ରଜାତନ୍ତ୍ର, ମୀନାବଜାର, ଝଙ୍କାର ପ୍ରଭୃତି, , ପତ୍ରପତ୍ରିକା କଟକରୁ ପ୍ରକାଶିତ ହେଉଛି। ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ସଦାସର୍ବଦା ଜଣେ ସରଳ ନିଷ୍କପଟ, ଉଦାର, ନମ୍ର ରାଜନେତା ଥିଲେ। ଗର୍ବ, ଅହଂଙ୍କାର ତାଙ୍କୁ ତଳେମାତ୍ର ଛୁଇଁ ପାରିନଥିଲା। ଯାହାକି ଏକବିଂଶ ଶତାବ୍ଦୀର ରାଜନେତା ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଉତ୍କଳକେଶରୀର ଆଖ୍ୟା ପ୍ରଦାନ କରିଅଛି।

ନବଉତ୍କଳର ନିର୍ମାତା ରୂପେ ସେ ସୁପ୍ରତିଷ୍ଠିତ। ' ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟ କାଳରୁ ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ଜଳିତ ହୋଇଥିଲା। ଦେଶମାତୃକାର ସେବା ପାଇଁ ପାଠପଢ଼ା ଅଧାରୁ ସମାପ୍ତ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ସେ ୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଓ କୋଲକାତା ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତକୁ ସ୍ୱାଧୀନ କରିବାର ଜିଜ୍ଞାସା ତାଙ୍କ ମନ ମଧ୍ୟରେ ଜାଗ୍ରତ ହୋଇଥିଲା। ସେଥିପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୨୧ ମସିହାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେଥିପାଇଁ ତାଙ୍କୁ ବହୁବାର ଜେଲ୍ ଯିବାକୁ ପଡ଼ିଥିଲା। ୧୯୩୦ ମସିହାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଓଡ଼ିଶାର ମନ୍ଦିର ଗୁଡ଼ିକୁ ସବୁ ଲୋକଙ୍କ ପାଇଁ ଖୋଲିବା ପାଇଁ ପଦକ୍ଷେପ ନେଇଥିଲେ। ତାଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ୍ଚ ଜାତିର ଭେଦ ଭାବ ନଥିଲା। ୧୯୩୩ ରୁ ୧୯୩୬ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଅଗ୍ରପଡ଼ା ରେ ଥିବା ଗାନ୍ଧୀ କର୍ମମଣ୍ଡଳ ଆଶ୍ରମରେ ହରିଜନ ମାନଙ୍କ ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ। ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ଏବଂ ଇଂରେଜ ମାନଙ୍କୁ ଦୃଢ଼ତାର ସହିତ ବିରୁଦ୍ଧ କରିଥିଲେ। ତେଣୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ବାରମ୍ବାର ଅଂଶଗ୍ରହଣ କରି ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା। ଜାତୀୟ ଆନ୍ଦୋଳନରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ୭ଥର ଜେଲ୍ ଯିବାକୁ ପଡ଼ିଥିଲା। ସେ ଦୀର୍ଘ ୮ ବର୍ଷ ଧରି ଜେଲ୍ ରେ ସମୟ ଅତିବାହିତ କରିଛନ୍ତି। ଭାରତ ଛାଡ଼ ଆନ୍ଦୋଳନରେ ସେ '୧୯୪୨ ରୁ ୧୯୪୫' ମସିହା ପର୍ଯ୍ୟନ୍ତ କାରାଗାରରେ ବନ୍ଦୀ ହୋଇ ରହିଥିଲେ। ଜେଲ୍ ରେ ବନ୍ଦୀ ଥିବା ସମୟରେ ସେ ୩ ଟି ଉପନ୍ୟାସ ଅନେକ କବିତା ଓ ଓଡ଼ିଶାର ଇତିହାସ ଲେଖିଥିଲେ।

୧୯୪୬ ମସିହା ଏପ୍ରିଲ ୨୩ରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ। ଡକ୍ଟର ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବାରମ୍ବାର ଷଡ଼ଯନ୍ତ୍ର କରାଯାଇଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ନିର୍ଭୀକତା, ତ୍ୟାଗ, ସଚ୍ଚୋଟତା, ନମ୍ରତାକୁ ପାଥେୟ କରି ସେ ସବୁ ଷଡ଼ଯନ୍ତ୍ର କୁ ପଶମିତ କରିପାରିଥିଲେ। ତାଙ୍କ ପାଇଁ ଦଳ, ପଦପଦବୀ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା। ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ତଥା ରାଜ୍ୟର ସ୍ୱାର୍ଥକୁ ସଦାସର୍ବଦା ଗୁରୁତ୍ୱ ଦେଉଥିଲେ ଏଥିରେ ତିଳେମାତ୍ର ସଂନ୍ଦେହର ଅବକାଶ ନାହିଁ। ରାଜନୀତିରେ କୌଣସି ବ୍ୟକ୍ତି କିମ୍ବା କୌଣସି ଦଳର ମହିମାମଣ୍ଡନ କରିବାକୁ ସେ ନାପସନ୍ଦ କରୁଥିଲେ। ସେ ସଦାସର୍ବଦା ଆମ ରାଷ୍ଟ୍ର ତଥା ରାଜ୍ୟର ବିକାଶ ପାଇଁ ଚେଷ୍ଟିତ ଥିଲେ। କ୍ଷମତା, ପଦପଦବୀର ଲାଳସା ତାଙ୍କୁ ଗ୍ରାସ କରି ପାରିନଥିଲା। ସେ ସଦାସର୍ବଦା ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାଇ ରଖିବା ପାଇଁ ଅପ୍ରାଣ ଉଦ୍ୟମ କରୁଥିଲେ। ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ଭଳି ଅତି ସରଳ ନିରାଡ଼ମ୍ବର ଜୀବନ ଅତିବାହିତ କରୁଥିଲେ। ଅସହାୟ ଗରିବ, ମଧ୍ୟବିତ୍ତ ଲୋକଙ୍କର ଦବିଯାଉଥିବା ସ୍ୱରକୁ ନିଜର ଗଳ୍ପ, ଉପନ୍ୟାସ ଏବଂ ଖବରକାଗଜ 'ପ୍ରଜାତନ୍ତ୍ର' ରେ ପ୍ରକାଶ କରୁଥିଲେ। ନିରପେକ୍ଷ ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର' ସଦାସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତାର ଦାୟିତ୍ୱ



ସଠିକ ଭାବରେ ନିର୍ବାହ କରୁଛି। ଯେତେବେଳେ ପ୍ରଶାସନ ନେତା, ମନ୍ତ୍ରୀ, ଅଫିସର ମାନେ ଭ୍ରଷ୍ଟାଚାରରେ ଲିପ୍ତ ରୁହନ୍ତି, ଅହଂକାରରେ ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଆନ୍ତି, ସେବକ ପରିବର୍ତ୍ତେ ନିଜକୁ ମାଲିକ ମନେକରନ୍ତି, ସେତେବେଳେ ନିରପେକ୍ଷ ଖବରକାଗଜ ପ୍ରଜାତନ୍ତ୍ର ପ୍ରଶାସନକୁ ଚେତାଇ ଦିଏ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନେତା, ମନ୍ତ୍ରୀ, ଅଫିସର ମାନେ ଜନତାର ସେବକ ହୋଇଥାନ୍ତି ଏବଂ ପ୍ରକୃତରେ ଜନତା ହିଁ ସର୍ବଶକ୍ତିମାନ, ଏହାର ଅର୍ଥ ଆମ ଦେଶର ସମସ୍ତ ଭୋଟର ଅଖଣ୍ଡ କ୍ଷମତାର ଅଧିକାରୀ।

ନିଜର ଖଣ୍ଡିଏ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରିବାର କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି। ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ସମସ୍ତ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା। ତାଙ୍କର ମତ ଥିଲା ଭାରତ ପରି ବିଶାଳ ଦେଶରେ ସମସ୍ତେ ଆତ୍ମନିର୍ଭରଶୀଳ ହେବା ଉଚିତ। ତାଙ୍କର ଏହି ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଖରେ ପହଂଚିପାରିଛି। ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସେ ଦେଶ ପାଇଁ ଚିନ୍ତା କରିଛନ୍ତି।ତାଙ୍କ ପାଇଁ ରାଷ୍ଟ୍ର ସର୍ବାଗ୍ରେ। ବାଲେଶ୍ୱର ଜିଲ୍ଲାରେ ଚେୟାରମ୍ୟାନ ଦାୟିତ୍ୱରେ ଥିବାବେଳେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ପୋଷାକକୁ ବିରୋଧ କରିଥିଲେ। ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ୍ ଯାଇଥିଲେ। ଏକ ନୂତନ ଓଡିଶା ଗଠନ ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସର୍ଦ୍ଦାର ବଲ୍ଲଭଭାଇଙ୍କ ଆହ୍ୱାନ ଏବଂ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ ଦ୍ୱାରା ଓଡିଶାର ୨୬ଟି ଗଡ଼ଜାତ ରାଜ୍ୟ ଓଡିଶାରେ ମିଶ୍ରଣ ହୋଇଥିଲା। ତାଙ୍କ ରଚିତ 'ଗାଁ ମଜଲିସ୍' ଲେଖା ପାଇଁ ତାଙ୍କୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଏଥିସହ ଇଂରାଜୀ ପତ୍ରିକା ' ଦ ଇଷ୍ଟର୍ଣ୍ଣ ଟାଇମସର' ସେ ସମ୍ପାଦକ ଥିଲେ। ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୨ଥର ନିର୍ବାଚିତ ହୋଇଥିଲେ। ପାଖାପାଖି ସାତବର୍ଷ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାର ଅନେକ ଜନମୁଖୀ ପ୍ରଜେକ୍ଟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା।

ହୀରାକୁଦ ଡ୍ୟାମ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କଟକ ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠାତା ଭାବେ ସେ ଚିରପରିଚିତ। ବାରବାଟୀ ଷ୍ଟାଡିଅମ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନନ୍ତରିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। ଡ଼କ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ଆଦର୍ଶ ମୁଖ୍ୟମନ୍ତ୍ରୀ, ସାହିତ୍ୟପ୍ରେମୀ, ସମ୍ପାଦକ, ଦକ୍ଷ ପ୍ରଶାସକ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ରାଜନୀତିର ସଂକୀର୍ଣ୍ଣ ସୀମାକୁ ଅତିକ୍ରମ କରି ଜଣେ ରାଷ୍ଟ୍ରପୁରୁଷ, ମହାନ ଜନନାୟକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସଂଘର୍ଷ ମଧ୍ୟ ଦେଇ ତାଙ୍କର ବ୍ୟକ୍ତିତ୍ୱ ଗଢି ଉଠିଥିବାରୁ ସେ ଥିଲେ ଯଥାର୍ଥରେ ବୀରପୁରୁଷ ଓ ନିର୍ଭୀକ। ନବ ଉତ୍କଳର ଅନେକ ପ୍ରଥମଙ୍କ ଭିତରେ ସେ ପ୍ରଥମ। ଓଡିଶାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା। ତେଣୁ ଆଧୁନିକ ଓଡିଶାର ସଂସ୍କୃତି ଓ ରାଜନୀତି ଉପରେ ତାଙ୍କର ସାଧନା କାଳକୁ ମହତାବ- ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ। ଗଣତନ୍ତ୍ରକୁ କଳଙ୍କମୁକ୍ତ କରିବା ଓ ରାଜନୀତିକୁ ନିଷ୍ପାପର ଭାବରେ ଲୋକାଭିମୁଖୀ କରାଇବା, ସମାଜରୁ ଯାବତୀୟ ଜଡ଼ତା ଓ କୁସଂସ୍କାରକୁ ଦୂରେଇ ଦେବା, ସାହିତ୍ୟକୁ ସମାଜ ଅଭିମୁଖୀ କରାଇବା ଏପରି ଅନେକ ଉଲ୍ଲେଖନୀୟ ସଂସ୍କାରମୂଳକ କାର୍ଯ୍ୟକ୍ରମ ଭିତରେ ସେ ନିଜକୁ ଅବିରତ କର୍ମମୁଖର କରି ରଖିଥିଲେ।

ହରେକୃଷ୍ଣ ମହତାବ ଏପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ରାଜନେତା ଯିଏ ବାରମ୍ବାର ଜେଲ ଯାଇ ମଧ୍ୟ ଭାଙ୍ଗିପଡ଼ି ନାହାନ୍ତି। ଘାତ ପ୍ରତିଘାତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରିଛନ୍ତି। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର କରାଯାଇଛି, କମିଶନ ବସାଯାଇଛି କିନ୍ତୁ ସେ ସାହସର ସହିତ ମହାଭାରତର ଅଭିମନ୍ୟୁ ପରି ଏକାକୀ ତାର ମୁକାବିଲା କରିଛନ୍ତି। ରାଜନୀତି ଓ ପ୍ରଶାସନର ଘୂର୍ଣ୍ଣି ଭିତରେ ଜୀବନ ଅତିବାହିତ କରି ମଧ୍ୟ ସେ ବାଛି ନେଇଥିଲେ ସାହିତ୍ୟ ଓ ସାମ୍ବାଦିକତାକୁ। ଉଭୟକୁ ସେ ସମାଜ ଓ ରାଷ୍ଟ୍ର ଗଠନରେ ଦୁଇଟି ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚନା କରୁଥିଲେ। ଅସହଯୋଗ ଆନ୍ଦୋଳନ, କନିକା ରାଜ ଅତ୍ୟାଚାର ଓ ଲବଣ ସତ୍ୟାଗ୍ରହ ଏହି ଘଡିସନ୍ଧି ମୁହୂର୍ତ୍ତରେ ପ୍ରଜାତନ୍ତ୍ର ଖବରକାଗଜ ହୋଇଥିଲା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ' ଗାଁ ମଜଲିସ୍' ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପରିପକ୍ୱ ଚିନ୍ତା ଓ ଚେତନାର ସାବଲୀଳ ପରିପ୍ରକାଶ। ୧୯୫୦ମସିହାରୁ ୧୯୮୬ମସିହା ପ୍ରଯ୍ୟନ୍ତ 'ପ୍ରଜାତନ୍ତ୍ର' ପୃଷ୍ଠାମଣ୍ଡନ କରି ଏହା ଓଡିଶାର କୋଣ ଅନୁକୋଣରେ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା। ସାମାଜିକ ରାଜନୀତିକ, ପ୍ରଶାସନିକ, ସାଂସ୍କୃତିକ, ଆର୍ଥନୀତିକ, ରାଷ୍ଟ୍ରୀୟ, ଧର୍ମୀୟ, କୃଷି, କୁସଂସ୍କାର ଏହିପରି ଅନେକ ସମସ୍ୟା ଏବଂ ତାର ସରଳ ସମାଧାନ ଓ ସେଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଡ଼କ୍ଟର ହରେକୃଷ୍ଣ ମହତାବ ଏପରି ସୁନ୍ଦର ଭାବରେ ପରିସ୍ଫୁଟନ କରିଥିଲେ, ଯାହା ଚଳିତ ଚାରି ଦଶନ୍ଧି ଧରି ହୋଇଯାଇଛି ଏକ ଧାରାବାହିକ ଇତିହାସ। ଏକବିଂଶ ଶତାବ୍ଦୀର ସମସ୍ତ ରାଜନେତା କାଦୁଅଫିଙ୍ଗା ଶସ୍ତା ରାଜନୀତି ଏବଂ ନିଜର କ୍ଷମତା ଲାଳସାରୁ ନିବୃତ ରହି ମହାନ ରାଜନେତା ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ସମୟ ଆସିଛି, ଯାହା ଫଳରେ ଆମ ରାଜ୍ୟ ତଥା ରାଷ୍ଟ୍ର ବିଶ୍ୱର ସର୍ବଶ୍ରେଷ୍ଠ ରୂପେ ପରିଗଣିତ ହେବ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ୍: ୭୦୨୦୬୧୧୩୦୦

# ସୁନା ଦର ବଢ଼ିବା କମିବା କ'ଣ ଟ୍ରମ୍ପଙ୍କ ନୀତି ପାଇଁ ?



**ଗୋପାଳ ମହାପାତ୍ର**

ଡୋନାଲ୍ଡ ଟ୍ରମ୍ପ ୨ୟ ଥର ଆମେରିକାର ରାଷ୍ଟ୍ରପତି ହେବେ। ୨୦୧୬ ମସିହା ନଭେମ୍ବର ୮ ତାରିଖରେ ଟ୍ରମ୍ପ ପ୍ରଥମ ଥର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ସମୟରେ ଭାରତରେ ୧୦ଗ୍ରାମ ସୁନାର ମୂଲ୍ୟ ବା ଦର ଥିଲା ୩୦୦୧୦ ଟଙ୍କା। ଟ୍ରମ୍ପ ନିର୍ବାଚିତ ହେବା ପରେ ସୁନାର ମୂଲ୍ୟ କମିଲା ଏବଂ ନଭେମ୍ବର ୩୦ ତାରିଖ ବେଳକୁ ୧୦ ଗ୍ରାମ ଦର ୨୮୦୧୦ ସେ ପହଞ୍ଚି ଯାଇଥିଲା। ୮ ବର୍ଷ ପରେ ଟ୍ରମ୍ପ ୨ୟ ଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଟ୍ରମ୍ପ ନିର୍ବାଚିତ ହେବା ପରେ ଭାରତରେ ସୁନାର ଦର ମଧ୍ୟ କମିଛି। ବିଗତ ୧୫ ଦିନ ମଧ୍ୟରେ ୭୮୪୪୬ରୁ କମି ୭୩୭୩୯ ଟଙ୍କାରେ ପହଞ୍ଚିଛି। ଇଣ୍ଡିଆ ବୁଲିୟାନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ ଅନୁସାରେ ଦୀପାବଳୀର ଠିକ ଦିନକ ପୁର୍ବରୁ ଅର୍ଥାତ୍ ୨୦୨୪ ମସିହା ଅକ୍ଟୋବର ୩୦ ତାରିଖରେ ଭାରତରେ ୧୦ ଗ୍ରାମ ସୁନାର ଦର ୭୯୬୮୧ ଟଙ୍କାରେ ପହଞ୍ଚିଥିଲା। ଏହା ଥିଲା ଭାତରେ ସର୍ବକାଳୀନ ଅଧିକ ମୂଲ୍ୟ ବା ଦର। ଦୀପାବଳି ଦିନ ଠାରୁ ସୁନାର ଦର କମିବାରେ ଲାଗିଲା। ପ୍ରାରମ୍ଭରେ ଦର କମିବାର ହାର ଧିମା ଥିଲା କିନ୍ତୁ ତା ପରେ ୫ ଦିନ ମଧ୍ୟରେ ପ୍ରତି ୧୦ ଗ୍ରାମ ସୁନାର ମୂଲ୍ୟ ହଜାରେ ଟଙ୍କା କମିଲା। କିନ୍ତୁ ନଭେମ୍ବର ୬ରେ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ଜିତିବା ପରେ ଦର କମିବାରେ ଲାଗିଲା ଓ ଏବେ ୧୦ ଗ୍ରାମ ସୁନାର ମୂଲ୍ୟ ୭୩୭୩୯ ଟଙ୍କାରେ ପହଞ୍ଚିଛି। ଆଗକୁ ଆଉ କେତେ କମିବ ବା ବଢ଼ିବ ସେ କଥା କହିବା ମୁସ୍କିଲ। କାରଣ ହେଉଛି ସୁନାର ଦର ବା ମୂଲ୍ୟ କୌଣସି ଦେଶ ସ୍ଥିର କରିପାରିବେ ନାହିଁ। ଏହାର ଦର ଆନ୍ତର୍ଯାତୀୟ ସ୍ତରରେ ଭାରତ ଠାରୁ ୮ ହଜାର କିଲୋମିଟର ଦୁର ଲଣ୍ଡନର ବୁଲିୟନ ମାର୍କେଟ ଆସୋସିଏସନ (ଏଲ୍‌ବିଏମ୍‌ଏ) ସ୍ଥିର କରିଥାଏ ଓ ନିୟନ୍ତ୍ରଣ କରିଥାଏ। ଏହି ବୁଲିୟନ ମାର୍କେଟ ଆସୋସିଏସନ ଅନ୍ୟ ଦେଶ ମାନଙ୍କ ସହ ମିଶି କାମ କରିଥାଏ। ୨୪ କ୍ୟାରେଟ ଶୁଦ୍ଧ ସୁନାର ପ୍ରତି ଆଉନ୍ସ ର ଦର ଡ଼ଲାରରେ ସ୍ଥିର କରାଯାଇଥାଏ। ଏକ ଆଉନ୍ସ ହେଉଛି ୨୮.୩ ଗ୍ରାମ।

ଲଣ୍ଡନର ବୁଲିୟାନ ମାର୍କେଟ ଆସୋସିଏସନ ଅକ୍ଟୋବର ୩୦ ପରଠାରୁ ସୁନାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ କରୁଛି। ୨୦୨୪ ଅକ୍ଟୋବର ୩୦ ରେ ଲଣ୍ଡନର ବୁଲିୟନ ମାର୍କେଟ ଆସୋସିଏସନରେ ସୁନାର ପ୍ରତି ଆଉନ୍ସ ଦର ୨୭୮୪ ଡ଼ଲାର ଥିଲା। ୧୪ ନଭେମ୍ବର ସୁଦ୍ଧା ଏହି ଦର ୨୫୪୮ ଡ଼ଲାର କୁ ଖସି ଆସିଥିଲା। ସାରା ବିଶ୍ୱ ପାଇଁ ଏହି ଦର ଲାଗୁ। ସୁନାଦର କମିବାର ୪ଟି ମୁଖ୍ୟ କାରଣ ରହିଛି। ପ୍ରଥମ କାରଣ ହେଉଛି ଡ଼ଲାର ମଜଭୁତ ହେଲେ ସୁନାର ଆବଶ୍ୟକତା କମିଥାଏ। ଟ୍ରମ୍ପଙ୍କ ବିଜୟପରେ ଡ଼ଲାର ମୂଲ୍ୟ (ବିନିମୟ ମୂଲ୍ୟ) ବଢ଼ିବାର ଦେଖାଯାଇଥିଲା। ଟ୍ରମ୍ପଙ୍କ ବିଜୟର ୧୦ ଦିନ ମଧ୍ୟରେ ଡ଼ଲାର ଇଣ୍ଡେକ୍ସ ୭ ପ୍ରତିଶତ ମଜଭୁତ ହୋଇଥିଲା। ଡ଼ଲାର ର ଇଣ୍ଡକ୍ସରେ ବିଶ୍ୱର ଅନ୍ୟ ଦେଶ ମାନଙ୍କ ମୁଦ୍ରା/ କରେନ୍ସର ବିନିମୟ ମୂଲ୍ୟ ସ୍ଥିର କରାଯାଇଥାଏ। ସାଧାରଣତଃ ସାରା ବିଶ୍ୱରେ ବଡ଼ ବଡ଼ ସ୍ତରରେ ବା ଅନ୍ୟ ଅର୍ଥରେ ଧନପତି ମାନେ ସୁନା ବା ଡ଼ଲାରରେ ପୁଞ୍ଜି ନିବେଶ କରିଥାନ୍ତି। ଯେତେବେଳେ ଆମେରିକୀୟ ଡ଼ଲାର ମଜଭୁତ ହୁଏ ସେତେବେଳେ ସୁନାର ଦର କମିଯାଏ। ନିବେଶକଙ୍କ ମତରେ ଟ୍ରମ୍ପ ରାଷ୍ଟ୍ରପତି ହେଲେ ଡ଼ଲାର ମଜଭୁତ ହେବ ଏଣୁ ଡ଼ଲାରରେ ନିବେଶ ଲାଭ ଜନକ ହେବ। ସୁନାର ନିବେଶ କମିବା କାରଣରୁ ଏହାର ଦର/ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏତଦ୍ ବ୍ୟତୀତ ଆମେରିକୀୟ




ବ୍ୟାଙ୍କ ସୁଧ ହାରକୁ ନେଇ ଅନେକ ପରିବର୍ତ୍ତନ କରିଛନ୍ତି। ସୁଧ ହାରରେ ୨ ପ୍ରତିଶତ ବଦଳରେ ୦.୭୫ ପ୍ରତିଶତ କମିବାର ସମ୍ଭାବନା ରହିଛି। ଏହି କାରଣରୁ ଡ଼ଲାର ମଜଭୁତ ହେବାରେ ଲାଗିଛି। ଦ୍ୱିତୀୟ କାରଣ ହେଉଛି କ୍ରିପ୍ଟୋ କରେନ୍ସି ପାଇଁ ଲୋକଙ୍କ ଆଗ୍ରହ ବଢ଼ିବାରୁ ସୁନା ଉପରୁ ନିବେଶକ/ ଲୋକଙ୍କ ନଜର ହଟିବାରେ ଲାଗିଛି। ଏବେ କ୍ରିପ୍ଟୋ କରେନ୍ସି ବଜାର ବଢ଼ିବାରେ ଲାଗିଛି। ନଭେମ୍ବର ୧୪ ତାରିଖ ସୁଦ୍ଧା ଏକ 'ବିଟକଏନ'ର ମୂଲ୍ୟ ୯୧୪୫୧.୬୦ ଡ଼ଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୭.୨୫ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। କେବଳ ୧୦ ଦିନ ମଧ୍ୟରେ ବିଟ୍‌କଏନର ମୂଲ୍ୟ ୩୬.୪୦ ପ୍ରତିଶତ ବଢ଼ିଥିଲା। କେତେକ ଅର୍ଥଶାସ୍ତ୍ର ବିଶେଷଜ୍ଞଙ୍କ ମତରେ ଅନେକ ନିବେଶକ ଏବେ ସୁନା ବଦଳରେ କ୍ରିପ୍ଟୋକରେନ୍ସିରେ ପୁଞ୍ଜି ନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି।

ଅନ୍ୟ ଏକ କାରଣ ବା ୩ୟ କାରଣ ହେଉଛି ଜିଓ ପଲିଟିକାଲ ପ୍ରସଙ୍ଗ ହ୍ରାସ। ବିଗତ କିଛି ବର୍ଷ ହେବ ସାରା ବିଶ୍ୱରେ ଜିଓପଲିଟିକାଲ ଅସ୍ଥିରତା ବଢ଼ିବାରେ ଲାଗିଛି। ଅସ୍ଥିରତା ସମୟରେ ସୁନାରେ ପୁଞ୍ଜି ନିବେଶକୁ ସୁରକ୍ଷିତ ବୋଲି ଗ୍ରହଣ କରାଯାଇଥାଏ। ଋଷ- ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ- ହମାସ ଯୁଦ୍ଧ କାରଣରୁ ସୁନାର ଦର କ୍ରମାଗତ ଭାବେ ବଢ଼ିବାରେ ଲାଗିଥିଲା କିନ୍ତୁ ବିଗତ ୧୫ ଦିନ ମଧ୍ୟରେ ନୂଆ ଯୁଦ୍ଧ ଆରମ୍ଭ ହୋଇନାହିଁ। ଅନ୍ୟ ପକ୍ଷରେ ଟ୍ରମ୍ପଙ୍କ ୟୁକ୍ରେନ ନୀତି ଓ ମଧ୍ୟ ଏସୀୟ ନୀତି ମଧ୍ୟ ସୁନା ଦର କମିବାର ଅନ୍ୟ ଏକ କାରଣ। ଶେଷ ବା ୪ର୍ଥ କାରଣ ହେଉଛି ମୁନାଫା ବା ଲାଭ ଅସୁଲି ସହ ସୁନା ମୂଲ୍ୟର ସମ୍ପର୍କ। ୨୦୨୪ ମସିହା ଆରମ୍ଭ ବା ଜାନୁୟାରୀ ୧ ତାରିଖଠାରୁ ଅକ୍ଟୋବର ୩୦ ମଧ୍ୟରେ ସୁନାର ଦର ୨୦ ପ୍ରତିଶତରୁ ଅଧିକ ବଢ଼ିଯାଇଥିଲା। ଉତ୍ସବ ଋତୁରେ ସୁନାର ଡିମାଣ୍ଡ ବା ଆବଶ୍ୟକତା ଅଧିକ ବଢ଼ିଯାଇଥିଲା। ଦୀପାବଳୀ ପରଠାରୁ ଏଥିରେ ବ୍ୟତିକ୍ରମ ଘଟିଲା ଏଣୁ ସୁନା ମୂଲ୍ୟ କମିଲା।


ବଜାର ବିଶେଷଜ୍ଞ ମାନଙ୍କ ମତରେ ସୁନାର ମୂଲ୍ୟ ଆହୁରି ୨ରୁ ୩ ସପ୍ତାହ ପର୍ଯ୍ୟନ୍ତ କମିପାରେ। ୧୦ ଗ୍ରାମ ୨୪ କ୍ୟାରେଟ ବା ଶୁଦ୍ଧ ସୁନର ମୂଲ୍ୟ ୭୧ ହଜାର ପର୍ଯ୍ୟନ୍ତ ଆସିପାରେ। ଜାନୁୟାରୀ ମାସ ଶେଷ ସୁଦ୍ଧା ଆଭୁଷଣ ବଜାରରେ ସ୍ଥିରତା ଆସିବାର ସମ୍ଭାବନା ରହିଛି କାରଣ ସେତେବେଳକୁ ଟ୍ରମ୍ପଙ୍କ ନୀତିକୁ ନେଇ ସ୍ପଷ୍ଟ ଚିତ୍ର ଆସିଯାଇଥିବ। ଏହା ପରେ ଟ୍ରମ୍ପଙ୍କ ଷ୍ଟ୍ରାଟେଜି ଅନୁସାରେ ମାର୍କେଟରେ ଟେଡ୍ ଓ୍ୱାର (ବ୍ୟବସାୟିକ ଯୁଦ୍ଧ) ଚାଲିପାରେ। ଏଣୁ ସୁନାର ମୂଲ୍ୟ କେତେବେଳେ ବଢ଼ିବ ତ ପୁଣି କେତେବେଳେ କମିବ, ଏପରି ଅବସ୍ଥା ଲାଗି ରହିପାରେ।

ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ରେ ଭାରତରେ ସୁନାର ଦର ବଢ଼ିବ ବୋଲି ଆକଳନ କରାଯାଉଛି। ୨୦୨୫ ଶେଷ ସୁଦ୍ଧା ଭାରତରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମର ଦର ୮୫ ହଜାର ଟଙ୍କାରେ ପହଞ୍ଚିପାରେ। ସେହିପରି ଆନ୍ତର୍ଯାତୀୟ ସ୍ତରରେ ସୁନାର ମୂଲ୍ୟ ଆଉନ୍ସ ପ୍ରତି ୩ ହଜାର ଡ଼ଲାର ହୋଇପାରେ। ସୁନା ଦର ବଢ଼ିବାର ୩ଟି କାରଣ ରହିଛି। ପ୍ରଥମ କାରଣ ହେଉଛି ବିଶ୍ୱର ସବୁ ଦେଶର ବ୍ୟାଙ୍କ (କେନ୍ଦୀୟ ବ୍ୟାଙ୍କ) ମାନେ ଅଧିକରୁ ଅଧିକ ସୁନା କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଋଷ- ୟୁକ୍ରେନ ଯୁଦ୍ଧ ପରଠାରୁ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମାନେ ଅଧିକରୁ ଅଧିକ ସୁନା କିଣୁଛନ୍ତି। ୨୦୨୨ରେ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମାନେ ଯେତିକି ସୁନା କିଣୁଥିଲେ ଏବେ ଏହାର ପରିମାଣ ୩ ଗୁଣ ବୃଦ୍ଧି ପାଇଛି। ଆମେରିକାର ଫେଡେରାଲ ବ୍ୟାଙ୍କ (କେନ୍ଦ୍ରୀୟ ବ୍ୟାଙ୍କ) ସୁଧ ହାର କମାଇପାରେ। ଏଣୁସୁନାର ମୂଲ୍ୟ ବଢ଼ିବା ନିଶ୍ଚିତ। ସୁଧହାର ବଢ଼ିଲେ ସୁନାର କିଣାବିକା ବଢେ।

ଟ୍ରମ୍ପ ତାଙ୍କ ନିର୍ବାଚନୀ ରାଲିରେ ମଧ୍ୟ ପୂର୍ବ ଯୁଦ୍ଧ ଏବଂ ଋଷ- ୟୁକ୍ରେନ ଯୁଦ୍ଧ ବନ୍ଦ କରିବା କଥା କହିଛନ୍ତି। ଏବେ ରାଷ୍ଟ୍ରପତି ହେବାପରେ ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ କରିବେ ନିଶ୍ଚୟ। କିନ୍ତୁ ବର୍ତ୍ତମାନର ଅବସ୍ଥା ଯାହା ସେଥିରୁ ସ୍ପଷ୍ଟ ଯେ ଯୁଦ୍ଧ ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିପାରେ। ଯଦି ଯୁଦ୍ଧ ଲମ୍ବା ଚାଲେ ତେବେ ସୁନାର ମୂଲ୍ୟ ବଢ଼ିବା ଥୟ।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ମାଣବସା ଗୁରୁବାର



**ଯଶସ୍ୱିନୀ ପଟ୍ଟନାୟକ**

ମହାଲକ୍ଷ୍ମୀ ଧନ ଓ ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ। ମାର୍ଗଶୀର ମାସ ଗୁରୁବାର ଧାନ୍ୟଲକ୍ଷ୍ମୀଙ୍କ ଉପାସନା କରାଯାଇଥାଏ। ଏହାକୁ ମାଣବସା ଗୁରୁବାର ଓଷା କୁହାଯାଏ। ଦେବୀ ଧାନ୍ୟ ଲକ୍ଷ୍ମୀଙ୍କ ପ୍ରତୀକ ସ୍ୱରୂପ ମାଣପୂର୍ଣ୍ଣ ଧାନକୁ ସ୍ଥାପନ କରାଯାଉ ବିଧି ଓ ପରମ୍ପରା ମୁତାବକ ଉପାସନା କରାଯାଇଥାଏ। ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ପରମ୍ପରାର ଏହି ମୌଳିକ ପର୍ବରେ ଦେବୀ ଲକ୍ଷ୍ମୀଙ୍କୁ ପାଞ୍ଚ ସପ୍ତାହ ଧରି ପ୍ରତି ଗୁରୁବାର ପୂଜା କରାଯାଇଥାଏ। ଓଡ଼ିଶାର ଘରେ ଘରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ମାଣବସା ଗୁରୁବାର ପୂଜାରେ ଶସ୍ୟମାପକ ପାତ୍ର ମାଣ, ଗଉଣି, ଧାନକେଣ୍ଡା ଆଦିକୁ ଲକ୍ଷ୍ମୀଙ୍କ ପ୍ରତିକ ଭାବେ ଗ୍ରହଣ କରି ଉପାସନା କରାଯାଇଥାଏ। କୃଷିବହୁଳ ଓଡ଼ିଆ ପରମ୍ପରା ସହ ଜଡ଼ିତ ଏହା ଏକ କୃଷି ଭିତ୍ତିକ ଓଷା ଅଟେ। ଅଷ୍ଟ ଲକ୍ଷ୍ମୀଙ୍କ ମଧ୍ୟରୁ ଅନ୍ୟତମ



ଦେବୀ ଧାନ୍ୟ ଲକ୍ଷ୍ମୀ ଅଷ୍ଟଭୂଜା। ସେ ସବୁଜ ବସ୍ତ୍ରାବୃତା, ଦୁଇ ହସ୍ତରେ ପଦ୍ମ ଅନ୍ୟ ହସ୍ତଗୁଡ଼ିକରେ ଧାନକେଣ୍ଡା, କଦଳୀ, ଆଖୁ ଜାଇଫଳ ଆଦି ଧାରଣ କରିଥାନ୍ତି। ମା'ଲକ୍ଷ୍ମୀ ହେଉଛନ୍ତି ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପତ୍ନୀ। ଏଣୁ ତାଙ୍କରି ପୂଜା ପ୍ରତ୍ୟେକ ଓଡ଼ିଆ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ। ମାଣବସା ଗୁରୁବାର ଦିନ ପ୍ରତ୍ୟେକ ଓଡ଼ିଆ ବୋହୂ ପ୍ରତ୍ୟୁଷରୁ ଉଠି ଘରଦ୍ୱାର ଲିପି ମାଣ ଖଟୁଲି ସଜାଇଥାଏ। ଘରେ ଦୁଆରେ ଚାଉଳ ଚୂନାରୁ ପ୍ରସ୍ତୁତ ଝୋଟି ପକାଯାଏ। ଖଟୁଲିରେ ନୂତନ ଧାନକେଣ୍ଡାରେ ବେଣୀ ପ୍ରସ୍ତୁତ କରି ଧୂପ, ଦୀପ, ଫୁଲ, ଚନ୍ଦନ ନୈବେଦ୍ୟ ଆଦି ଅର୍ପଣ କରି ମହାଲକ୍ଷ୍ମୀଙ୍କୁ ଆବାହନ କରାଯାଏ। ମା'ଲକ୍ଷ୍ମୀଙ୍କ ଓଷା ବହି ପାଠ କରାଯାଏ। ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ମା'ଙ୍କୁ ଭୋଗ ଲାଗି କରାଯାଏ। ମା'ଲକ୍ଷ୍ମୀଙ୍କୁ ଉପାସନା କରୁଥିବା ପରିବାରରେ ସର୍ବଦା ସୁଖସମୃଦ୍ଧି, ଧନଧାନ୍ୟରେ ପୂରି ଉଠେ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ

# ଆଜି ଶପଥ ନେବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ!



**ମୁମ୍ବାଇ, ୨୪।୧୧:** ମହାରାଷ୍ଟ୍ରରେ ମହାଯୁତିର ମହାବିଜୟ ପରେ ଖୁବଶୀଘ୍ର ଗଠନ ହେବାକୁ ଯାଉଛି ସରକାର। ବିଜେପି ନେତୃତ୍ୱାଧୀନ ମହୁଯୁତି ମିଳିତ ମଞ୍ଚ ସରକାର ଗଠନ କରିବାକୁ ଦାବି କରିଛି। ଆସନ୍ତାକାଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶପଥ ନେଇପାରନ୍ତି। ଏନେଇ ଶିବସେନାର ଏକନାଥ ସିନ୍ଦେ ଗୋଷ୍ଠୀର ବରିଷ୍ଠ ମନ୍ତ୍ରୀ ଦୀପକ କେସରକର ସୂଚନା ଦେଇଛନ୍ତି। ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ଆସନ୍ତାକାଲି କେବଳ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଶପଥ ନେଇପାରନ୍ତି। ତେବେ କ୍ୟାବିନେଟରେ ଆଉ କିଏ କିଏ ସାମିଲ ହେଉଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ। ମୁଖ୍ୟମନ୍ତ୍ରୀ ପଦ ପାଇଁ ସିନ୍ଦେ ଏବଂ ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ଫଡନାଭିସ ଦାବିଦାର ଅଛନ୍ତି। ମାତ୍ର ଏଥର କିଏ ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧିବେ, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଗତକାଲି ଏ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଦେବେନ୍ଦ୍ର ଫଡନାଭିସ କହିଥିଲେ, "କିଏ ମୁଖ୍ୟମନ୍ତ୍ରୀ ହେବେ ସେନେଇ ଏନଡିଏ ନେତୃବୃନ୍ଦ ନିଷ୍ପତ୍ତି ନେବେ।" ୨୮୮ ବିଧାନସଭା ଆସନ ବିଶିଷ୍ଟ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାୟୁତିକୁ ୨୩୩ଟି ଆସନ ମିଳିଛି। ପୂର୍ଣ୍ଣ ବହୁମତ ପରେ ସରକାର ଗଢ଼ିବାକୁ ଦାବି ଜଣାଇଛି ମିଳିତ ମଞ୍ଚ।

# ଶୀତ ଅଧିବେଶନରେ ଆସିବ ୧୫ ବିଲ୍

**ନୂଆଦିଲ୍ଲୀ,୨୪।୧୧:** ସୋମବାରଠାରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନ କାଳରେ ସରକାର ଗୃହରେ ୧୫ଟି ବିଲ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ରହିଛି ବିବାଦୀୟ ୱାକଫ ସଂଶୋଧନ ବିଲ। ଏହା ବ୍ୟତିତ ଚଳିତ ଆର୍ଥିକ



### ସର୍ବଦଳୀୟ ବୈଠକରେ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ

ବର୍ଷ ନିମନ୍ତେ ଗୃହରେ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦରବି ଗୃହୀତ ହେବାର କାର୍ଯ୍ୟକ୍ରମ ରହିଛି। ଅଧିବେଶନ କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରଗରମ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବିରୋଧୀ ପ୍ରଥମ ଦିନରୁ ଆଦାନୀ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିବାର ସମ୍ଭାବନା ରହିଛି। ବିରୋଧୀ ଦଳ ଆଦାନୀ ଗ୍ରୁପର ମୁଖ୍ୟ ଗୌତମ ଆଦାନୀଙ୍କ ଗିରଫଦାରୀ ଦାବି କରି ଆସୁଛନ୍ତି। ଏହା ଉପରେ ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କରିପାରନ୍ତି। ସେହିପରି ମଣିପୁର ପ୍ରସଙ୍ଗ ନେଇ ମଧ୍ୟ ଗୃହରେ ତୁମୁଳ ହଟ୍ଟଗୋଳ ହେବାର ସମ୍ଭାବନା ରହିଛି। ଏହା ବ୍ୟତିତ ଦରବୃଦ୍ଧି, ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଏବଂ ହିଂସାକାଣ୍ଡ, ଦେଶର ଆର୍ଥିକ ପରିସ୍ଥିତି ନେଇ ମଧ୍ୟ ବିତର୍କର ଝଡ଼ ସୃଷ୍ଟି ହେବ। ସଂସଦ ଅଧିବେଶନ ପୂର୍ବରୁ ରବିବାର ସର୍ବଦଳୀୟ ବୈଠକ ବସିଥିଲା। ଗୃହ କିପରି ସୁଚାରୁରୂପେ ଚାଲିବ ଏବଂ ସବୁ ପ୍ରସଙ୍ଗରେ ଗୃହରେ ଆଲୋଚନା ହେବ ସେ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ସରକାର ସବୁ ପ୍ରସଙ୍ଗରେ ଆଲୋଚନା ଏବଂ ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ। କିନ୍ତୁ ଗୃହ ଠିକ ଭାବେ ଚାଲିବା ଉଚିତ। ଯଦି ଗୃହରେ ଶାନ୍ତି ଶୃଙ୍ଖଳା ବଜାୟ ରହେ ତେବେ ସବୁ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ନିମନ୍ତେ ସମୟ ଓ ସୁଯୋଗ ରହିଛି ବୋଲି ସେ କହିଛନ୍ତି। ଏଥିରେ ସହଯୋଗ କରିବାକୁ ସେ ସବୁ ଦଳଙ୍କୁ ଅନୁରୋଧ କରିଛନ୍ତି। ସବୁ ସଂସଦ ସଦସ୍ୟ ସେମାନଙ୍କ ନିର୍ବାଚନ ମଣ୍ଡଳୀ ବା ରାଜ୍ୟର ସ୍ୱାର୍ଥ ପ୍ରସଙ୍ଗ ଉଠାଇବାକୁ ଚାହୁଁଛନ୍ତି। ଏଥିପାଇଁ ସମସ୍ତଙ୍କୁ କହିବାର ସୁଯୋଗ ଦିଆଯିବା ଉଚିତ। ବୈଠକରେ ୩୦ଟି ଦଳର ୪୨ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# ଅଜିତ ପାୱାର ଏନ୍‌ସିପି ବିଧାୟକ ଦଳ ନେତା



**ମୁମ୍ବାଇ, ୨୪।୧୧:** ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏନସିପି (ଅଜିତ) ଦଳର ନବନିର୍ବାଚିତ ବିଧାୟକ ଦଳର ନେତା ଭାବେ ନିର୍ବାଚିତ ହୋଇଛନ୍ତି। ବିଧାନସଭା ନିର୍ବାଚନରେ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ୫୯ ଆସନରେ ପ୍ରାର୍ଥୀ ଦେଇ ୪୧ ଆସନରେ ସଫଳତା ହାସଲ କରିଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିଥିବା ମହାୟୁତିରେ ଏନସିପି ଏକ ପ୍ରମୁଖ ଅଂଶୀଦାର ଦଳ। ସରକାରରେ ଏହା ସାମିଲ ହେବ। ଅଜିତ ପାୱାର ପୁନର୍ବାର ଉପ-ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ରହିଛି। ଆଜି ନବ ନିର୍ବାଚିତ ଏନସିପି ବିଧାୟକ ଦଳର ବୈଠକ ବସି ସର୍ବସମ୍ମତିକ୍ରମେ ଅଜିତ ପାୱାରଙ୍କୁ ନେତା ନିର୍ବାଚିତ କରାଯାଇଛି। ଏହା ସହିତ ଦଳର ବରିଷ୍ଠ ବିଧାୟକ ଅନିଲ ପାଟିଲ ଏନସିପି ବିଧାୟକ ଦଳର ମୁଖ୍ୟ ସଚେତକ ଭାବେ ନିର୍ବାଚିତ ହୋଇଛନ୍ତି। ବିଧାନସଭାରେ ଦଳର କେଉଁ ବିଧାୟକ କେତେ ସମୟ କହିବେ ତାହା ସେ ନିର୍ଦ୍ଧାରଣ କରିବେ। ପାର୍ଟୀର ରାଜ୍ୟ ସଭାପତି ସୁନୀତ ତଟକରେ ବିଧାୟକ ଦଳ ବୈଠକରେ ଅଧ୍ୟକ୍ଷତା କରିଥିଲେ।

# ଆଦାନୀ ଏନର୍ଜୀ ସମ୍ପର୍କରେ ବାଂଲାଦେଶ ତଦନ୍ତ କରିବ



**ଢାକା,୨୪।୧୧:** ଆଦାନୀ ଗ୍ରୀନ ଏନର୍ଜୀର ଲାଞ୍ଚ କାରବାର ସମ୍ପର୍କରେ ଆମେରିକା କୋର୍ଟରେ ମାମଲା ରୁଜୁ ହେବା ପରେ ବାଂଲାଦେଶ ମଧ୍ୟ ଆଦାନୀ ଏନର୍ଜୀ ସପ୍ଲାଇ ସମ୍ପର୍କରେ ତଦନ୍ତ କରିବ। ଶେଖ ହାସିନାଙ୍କ ଶାସନ କାଳରେ ବାଂଲାଦେଶ ସରକାର ଆଦାନୀ ଏନର୍ଜୀ ସମେତ ବିଭିନ୍ନ ଘରୋଇ କମ୍ପାନୀ ସହ ପାୱାର ଏଗ୍ରିମେଣ୍ଟ କରିଥିଲେ। ଏହି ଆଧାରରେ ଆଦାନୀ ଗ୍ରୁପ ବାଂଲାଦେଶକୁ ବିଜୁଳି ଯୋଗାଣ କରୁଛି। ତେବେ ଅଭିଯୋଗ ଅନୁଯାୟୀ ଆଦାନୀ ଅଧିକ ମୂଲ୍ୟରେ ବିଜୁଳି କିଣିବା ପାଇଁ ଲାଞ୍ଚ ଦେଇଛି। ଭାରତର ୪ଟି ରାଜ୍ୟକୁ ସୋଲାର ଏନର୍ଜୀ କର୍ପୋରେସନ ଅଫ ଇଣ୍ଡିଆ ଠାରୁ ଚଢ଼ା ଦରରେ ବିଜୁଳି କିଣିବା ପାଇଁ ଲାଞ୍ଚ ଦେଇଛି। ଏହି କର୍ପୋରେସନକୁ ଆଦାନୀ ଗ୍ରୀନ ଏନର୍ଜୀ ବିଜୁଳି ସପ୍ଲାଇ କରୁଛି। ତେବେ ଆଦାନୀ ଗ୍ରୁପ ଲାଞ୍ଚ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିବା ସହ ଏହା କାରବାରରେ ଯଥ ସମ୍ଭବ ସ୍ୱଚ୍ଛତା ଅବଲମ୍ବନ କରିଛି ବୋଲି କହିଛି।

# ଦୁର୍ଘଟଣାରୁ ପୁଲିସ୍‌କୁ ନିସ୍ତୁକ ମାଡ଼


**ବାରଣାସୀ, ୨୪।୧୧:** ବାରଣାସୀର ଏକ ବଜାରରେ ସ୍ଥାନୀୟ ଲୋକେ ଜଣେ ପୁଲିସ କର୍ମଚାରୀଙ୍କୁ ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ପୁଲିସ କର୍ମଚାରୀଙ୍କ କାର୍ ଏକ ଅଟୋକୁ ସାମାନ୍ୟ ଧକ୍କା ଦେବା ଫଳରେ ଉତ୍ତ୍ୟକ୍ତ ଲୋକେ ତାଙ୍କ ଉପରେ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଏହି ସମୟରେ ପୁଲିସ ଅଧିକାରୀଙ୍କ ସ୍ତ୍ରୀ ଏବଂ ପିଲାମାନେ ମଧ୍ୟ କାର୍ ଭିତରେ ଥିଲେ। ସେମାନେ ଭୟଭୀତ ହେଉ ଥିବାବେଳେ ରାସ୍ତା ଉପରେ ପୁଲିସଙ୍କୁ କିଛି ଲୋକେ ମାଡ଼ ମାରିବାର ଭିଡିଓ ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ପୁଲିସ ଜଣକ ହେଉଛନ୍ତି ଅଜିତ ବର୍ମା। ସେ ରଜତଲ୍ୟାବର ଷ୍ଟେସନ ହେଡ୍ ଅଫିସର ଭାବେ ନିୟୋଜିତ ଅଛନ୍ତି। ଗତକାଲି ସେ ୟୁନିଫର୍ମରେ ନଥିଲେ। ସନ୍ଧ୍ୟାରେ ସ୍ତ୍ରୀ ଓ ପିଲାମାନଙ୍କୁ ନେଇ କାରରେ କେଉଁ ଆଡ଼େ ଯିବା ସମୟରେ ଏହି ବିବାଦ ସୃଷ୍ଟି ହୋଇଥିଲା। ବାରଣାସୀର ଏକ ବଜାର ନିକଟରେ ତାଙ୍କ କାର୍ ଅଟୋକୁ ସାମାନ୍ୟ ଧକ୍କା ଦେଇଥିଲା। ଏହି ସମୟରେ ଅଜିତ ବର୍ମା ନିଜେ ଡ୍ରାଇଭିଂ କରୁଥିଲେ। ଫଳରେ ସେଠାରେ ଥିବା କିଛି ଲୋକ ତାଙ୍କୁ କାରରୁ ଘୋଷାଡ଼ି ଆଣି ମାର୍ ପିଟ୍ କରିଥିଲେ। ଅଜିତ ବର୍ମା ମଧ୍ୟ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କୁ ବୁଝାସୁଝା କରିଥିଲେ। ମାତ୍ର କେହି ଶୁଣିନଥିଲେ। ପରେ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି।

# ଇସ୍ରାଏଲ ଦୂତାବାସ ନିକଟରେ ଗୁଳି, ଜଣେ ମୃତ

**ତେଲ ଆଭିଭ, ୨୪।୧୧:** ଇସ୍ରାଏଲ ଦୂତାବାସ ନିକଟରେ ଫୁଟିଲା ଗୁଳି। ଏଥିରେ ଜଣେ ବନ୍ଧୁକଧାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ପୁଲିସକର୍ମୀ ଆହତ ହୋଇଛନ୍ତି। ଜୋର୍ଡାନରେ ଥିବା ଇସ୍ରାଏଲ ଦୂତାବାସ ନିକଟରେ ଏହି ଗୁଳିବିନିମୟ ହୋଇଛି। ସୂଚନା ମୁତାବକ, ଗୁଳି ଫୁଟିବା ଶବ୍ଦ ଶୁଣିବା ପରେ ଜୋର୍ଡାନ ପୁଲିସ ରାଜଧାନୀ ଅମ୍ମାନରେ ଥିବା ଇସ୍ରାଏଲ୍ ଦୂତାବାସ ପରିସରକୁ ଘେରି ରହିଥିଲା। ଏହାପରେ ଆମ୍ବୁଲାନ୍ସ ମଧ୍ୟ ଦୂତାବାସ ଥିବା ଅଞ୍ଚଳରେ ପହଞ୍ଚିଥିଲା। ଏହାପରେ ପୁଲିସ ଟିମ୍ ଉପରେ ବନ୍ଧୁକଧାରୀମାନେ ଗୁଳିମାଡ଼ କରିଥିଲେ। ପାଲଟା ଜବାବାରେ ପୁଲିସ ମଧ୍ୟ ଗୁଳି ଚଳାଇଥିଲା। ଏଥିରେ ଜଣେ ବନ୍ଧୁକଧାରୀ ଟଳି ପଡିଥିବା ସୂଚନା ମିଳିଛି। ସେହିପରି ଗୁଳି ବିନିମୟରେ ତିନି ଜଣ ପୁଲିସ କର୍ମୀ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ରାତିରେ ଏହି ଘଟଣା ଘଟିଛି। ଏହି ଘଟଣା ପରେ ପୁଲିସ ଅନ୍ୟ ଅପରାଧୀଙ୍କୁ ଖୋଜୁଥିବାବେଳେ ସ୍ଥାନୀୟ ଲୋକଙ୍କୁ ସେମାନଙ୍କ ଘରେ ରହିବାକୁ କହିଛି। ଜୋର୍ଡାନର ୧୨ ମିଲିଅନ ନାଗରିକଙ୍କ ମଧ୍ୟରୁ ଅନେକ ପାଲେଷ୍ଟାଇନରୁ ଆସିଛନ୍ତି। ଏମାନେ ସେହି ବ୍ୟକ୍ତି ଯାହାର ବାପା-ମା'ଙ୍କୁ ୧୯୪୮ରେ ଇସ୍ରାଏଲର ନିର୍ମାଣ ବେଳେ ହୋଇଥିବା ଯୁଦ୍ଧରେ ବହିଷ୍କୃତ କରାଯାଇଥିଲା। ଏହାପରେ ସେମାନେ ଜୋର୍ଡାନକୁ ଆସିଯାଇଥିଲେ। ଏଥିପାଇଁ ଇସ୍ରାଏଲ ସହିତ ଜୋର୍ଡାନର ଶାନ୍ତି ଚୁକ୍ତିନାମାକୁ ଅନେକ ଲୋକ ବିରୋଧ ମଧ୍ୟ କରନ୍ତି।



# ୨୮ରେ ସୋରେନଙ୍କ ଶପଥ ଗ୍ରହଣ



**ରାଞ୍ଚି, ୨୪।୧୧ :** ଆସନ୍ତା ୨୮ରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ହେମନ୍ତ ସୋରେନ ଶପଥ ଗ୍ରହଣ କରିବେ। ରାଜ୍ୟ ବିଧାନସଭା ନିର୍ବାଚନରେ ହେମନ୍ତଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ବିଜୟ ହାସଲ କରିଛି। ବିଧାନସଭାର ୮୧ ଆସନ ମଧ୍ୟରୁ ମେଣ୍ଟକୁ ୫୬ ଆସନ ମିଳିଛି। ବିଜେପି ନେତୃତ୍ୱାଧିନ ଏନଡିଏକୁ ୨୪ଟି ଆସନ ମିଳିଛି। ଜେଏମଏମ ଏକାକି ୩୪ଟି ଆସନ ଜିତି ବୃହତ୍ତମ ଦଳ ଭାବେ ଉଭା ହୋଇଛି। ନିର୍ବାଚନ ବେଳେ ମେଣ୍ଟ ପକ୍ଷରୁ ହେମନ୍ତଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା। ରବିବାର ମେଣ୍ଟ ବିଧାୟକ ଦଳର ବୈଠକ ବସି ହେମନ୍ତ ସୋରେନଙ୍କୁ ଆନୁଷ୍ଠାନିକ ଭାବେ ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଥିଲା। ପରେ ହେମନ୍ତ ରାଜଭବନ ଯାଇ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାରଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିବା ସହ ନୂଆ ସରକାର ଗଠନ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟପାଳ ତାଙ୍କୁ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଇଣ୍ଡିମେଣ୍ଟରଅଂଶୀଦାର ଦଳ କଂଗ୍ରେସ ୧୬ଟି, ଆରଜେଡି ୪ଟି ଏବଂ ସିପିଆଇ (ଏମଏଲ)୨ଟି ଆସନରେ ବିଜୟ ହାସଲ କରିଛି। ନୂଆ ମନ୍ତ୍ରିମଣ୍ଡଳରେ ଏହିସବୁ ଦଳର ପ୍ରତିନିଧି ରହିବେ। ଯାହା ସୂଚନା ମିଳିଛିମନ୍ତ୍ରିମଣ୍ଡଳରେ କଂଗ୍ରେସର ୪ଜଣ, ଆରଜେଡିର ଜଣେ ସଭ୍ୟ ରହିବେ। ବାଚସ୍ପତି ପଦ ଜେଏମଏମ ଏବଂ ଉପବାଚସ୍ପତି ପଦ କଂଗ୍ରେସକୁ ମିଳିବ।

# ଉପନିର୍ବାଚନ ଲଢ଼ିବନି ବିଏସ୍‌ପି



**ଲକ୍ଷ୍ନୌ, ୨୪।୧୧:** ସରିଛି ଉପ-ନିର୍ବାଚନ। ଫଳାଫଳ ମଧ୍ୟ ଶନିବାର ଘୋଷଣା ହୋଇସାରିଛି। ଉପ-ନିର୍ବାଚନରେ ବିଜେପି ୬ଟି ଆସନ ଜିତିଛି। ଏହା ବ୍ୟତୀତ ସମାଜବାଦୀ ପାର୍ଟି ଦୁଇଟି ଆସନରେ ଏବଂ ଗୋଟିଏ ଆସନରେ ଆରଏଲଡି ବିଜୟୀ ହୋଇଛନ୍ତି। ତେବେ ଏହି ଉପ-ନିର୍ବାଚନରେ ବିଏସ୍‌ପି ହାତକୁ କିଛି ଆସିନି। ଗୋଟିଏ ବି ଆସନ ଜିତି ପାରିନାହିଁ ବହୁଜନ ସମାଜବାଦୀ ପାର୍ଟି। ଏହାକୁ ନେଇ ଆଜି ବଡ଼ ଘୋଷଣା କରିଛନ୍ତି ବିଏସ୍‌ପି ମୁଖ୍ୟ ମାୟାବତୀ।

ବିଏସ୍‌ପି ମୁଖ୍ୟ ମାୟାବତୀ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଉପ ନିର୍ବାଚନରେ ନକଲି ଭୋଟ୍ ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, 'ଉତ୍ତରପ୍ରଦେଶର ୯ଟି ବିଧାନସଭା ଆସନରେ ଅନୁଷ୍ଠିତ ଉପ-ନିର୍ବାଚନର ଫଳାଫଳ ଗତକାଲି ଆସିଛି। ଏହା ପରେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଆଲୋଚନା ଚାଲିଛି। ଦେଶରେ ପ୍ରଥମେ ବାଲାଟ ପେପର୍ ଜରିଆରେ ନିର୍ବାଚନ ଜିତିବା ପାଇଁ କ୍ଷମତାର ଅପବ୍ୟବହାର କରି ନକଲି ଭୋଟ୍ ଦିଆଯାଉଥିଲା। ବର୍ତ୍ତମାନ ଇଭିଏମ୍ ଜରିଆରେ ମଧ୍ୟ ସାମନ କାମ କରାଯାଉଛି। ଯାହା ଗଣତନ୍ତ୍ର ପାଇଁ ବେଶ୍ ଦୁଃଖ ଏବଂ ଚିନ୍ତାର ବିଷୟ। ଦେଶରେ ଲୋକସଭା ଓ ରାଜ୍ୟରେ ବିଧାନସଭା ନିର୍ବାଚନ ସହ ଉପ-ନିର୍ବାଚନରେ ଏହି ନକଲି ଭୋଟ୍ ଦେବା କାମ ଏବେ ଖୋଲାଖୋଲି ଭାବେ କରାଯାଉଛି। ନିକଟରେ ଉତ୍ତରପ୍ରଦେଶର ଉପ-ନିର୍ବାଚନରେ ଆମେ ଏସବୁ ଦେଖିଛୁ। ଏହା ଆମ ଦେଶ ଏବଂ ଗଣତନ୍ତ୍ର ପାଇଁ ଏକ ବଡ଼ ସତର୍କ ଘଣ୍ଟି। ଏଭଳି ପରିସ୍ଥିତିରେ ଆମ ଦଳ ବର୍ତ୍ତମାନ ଆଉ କୌଣସି ଉପ-ନିର୍ବାଚନ ଲଢ଼ିବ ନାହିଁ ବୋଲି ବିଏସ୍‌ପି ସୁପ୍ରିମୋ କହିଛନ୍ତି। ମାୟାବତୀ ଆହୁରି କହିଛନ୍ତି, ଆମ ଦଳ ନିଷ୍ପତ୍ତି ନେଇଛି ଯେ ଦେଶରେ ନକଲି ଭୋଟ୍ ଦେବା ବନ୍ଦ ହେବା ଉଚିତ। ଏହାକୁ ରୋକିବା ପାଇଁ ଦେଶର ନିର୍ବାଚନ ଆୟୋଗଙ୍କ କଡ଼ା ପଦକ୍ଷେପ ନିଅନ୍ତୁ। ଯଦି ଏଭଳି ନହୁଏ ତେବେ ଆମ ଦଳ ଦେଶରେ କୌଣସି ଉପ-ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ।

## ପ୍ରଧାନମନ୍ତ୍ରୀଙ୍କ ମନ୍‌କୀ ବାତ୍

# ଜାନୁଆରୀରେ ଯୁବ ଚିନ୍ତାଧାରା ମହାକୁମ୍ଭ



### ଏନ୍‌ସିସି ପ୍ରତି ଝିଅଙ୍କ ଆଗ୍ରହ ବଢ଼ିଛି

**ନୂଆଦିଲ୍ଲୀ,୨୪।୧୧:** ଆଜି ହେଉଛି, ଏନ୍‌ସିସି ଦିବସ। ଏନ୍‌ସିସି ଯୁବବର୍ଗଙ୍କ ମଧ୍ୟରେ ଶୃଙ୍ଖଳା, ନେତୃତ୍ୱ ଏବଂ ସେବା ଭାବନା ସୃଷ୍ଟି କରିଥାଏ। ୨୦୨୪ରେ ୨୦ ଲକ୍ଷରୁ ଅଧିକ ଯୁବକ-ଯୁବତୀ ଏନ୍‌ସିସି ସହିତ ଜଡ଼ିତ ହୋଇଛନ୍ତି। ପୂର୍ବ ସମୟ ତୁଳନାରେ ଆହୁରି ପାଂଚ ହଜାର ନୂଆ ସ୍କୁଲ-କଲେଜମାନଙ୍କରେ ଏବେ ଏନ୍‌ସିସିର ସୁବିଧା ହୋଇଯାଇଛି। ପୂର୍ବରୁ ଏନ୍‌ସିସିରେ ଝିଅ କ୍ୟାଡେଟମାନଙ୍କ ସଂଖ୍ୟା ପ୍ରାୟତଃ ଶତକଡ଼ା ୨୫ ଭାଗ ପାଖାପାଖି ରହୁଥିଲା, କିନ୍ତୁ ଏବେ ଏନ୍‌ସିସିରେ ଝିଅ କ୍ୟାଡେଟମାନଙ୍କ ସଂଖ୍ୟା ପ୍ରାୟତଃ ୪୦ ପ୍ରତିଶତ ହୋଇଯାଇଛି ବୋଲି ମନ୍‌କୀ ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମୋଦି କହିଛନ୍ତି, ବିକଶିତ ଭାରତ ନିର୍ମାଣରେ ଯୁବବର୍ଗଙ୍କର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାନୁଆରୀ ୧୨ ତାରିଖ, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଦେଶରେ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। ଆସନ୍ତା ବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ଜାନୁଆରୀ ୧୧ ଓ ୧୨ ତାରିଖରେ ଦିଲ୍ଲୀର ଭାରତ ମଣ୍ଡପମରେ ଯୁବ ଚିନ୍ତାଧାରାର ମହାକୁମ୍ଭ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ନାମ ରଖାଯାଇଛି – ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍। ଅନେକ ଯୁବକ-ଯୁବତୀ ଅଛନ୍ତି, ଯେଉଁମାନେ ଲୋକମାନଙ୍କ ଛୋଟ ଛୋଟ ସମସ୍ୟାର ସମାଧାନ ବାହାର କରିବାରେ ଲାଗିଛନ୍ତି। ଯେମିତିକି ଲକ୍ଷ୍ନୌର ବାସିନ୍ଦା ବୀରେନ୍ଦ୍ର। ସେ ବରିଷ୍ଠ ନାଗରିକମାନଙ୍କୁ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ କାମରେ ସାହାଯ୍ୟ କରୁଛନ୍ତି। ଏବେ ଡିଜିଟାଲ୍ ଲାଇଫ ସାର୍ଟିଫିକେଟ୍ ଦିଆଯିବା ଯୋଗୁଁ ଏହି ପ୍ରକ୍ରିୟା ଖୁବ ସହଜ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିକାଲି ପିଲାମାନଙ୍କ ପାଠପଢ଼ାକୁ ନେଇ ଅନେକ ପ୍ରକାର ପ୍ରୟୋଗ କରାଯାଉଛି। ଚେନ୍ନାଇରେ ପିଲାମାନଙ୍କ ପାଇଁ ଏଭଳି ଗୋଟିଏ ପୁସ୍ତକାଳୟ ପ୍ରସ୍ତୁତ କରାଯାଇଛି, ଯାହା ସୃଜନଶୀଳତା ଓ ଶିକ୍ଷାର କେନ୍ଦ୍ର ପାଲଟି ଯାଇଛି। ଏହା ପ୍ରକୃତ୍ ଅରିୱଗମ୍ ନାମରେ ପରିଚିତ। ବହି ଛଡ଼ା ଏହି ପାଠାଗାରରେ ହେଉଥିବା ଅନେକ ଗତିବିଧି ମଧ୍ୟ ପିଲାମାନଙ୍କୁ ଆକର୍ଷିତ କରୁଛି। ଭାରତରୁ ହଜାର ହଜାର କିଲୋମିଟର ଦୂର ଗୟାନାରେ ମଧ୍ୟ ଏକ 'କ୍ଷୁଦ୍ର ଭାରତ' ବସବାସ କରୁଛି। ସେଠାରେ ଭାରତୀୟ ବଂଶୋଦ୍ଭବ ଲୋକେ ରାଜନୀତି, ବାଣିଜ୍ୟ, ଶିକ୍ଷା ଓ ସଂସ୍କୃତି ଭଳି ପ୍ରତ୍ୟେକ କ୍ଷେତ୍ରରେ ଗୟାନାର ନେତୃତ୍ୱ ନେଉଛନ୍ତି। ଗୟାନାର ରାଷ୍ଟ୍ରପତି ଡ. ଇର୍‌ଫାନ ଅଲି ମଧ୍ୟ ଜଣେ ଭାରତୀୟ ବଂଶଜ, ଯିଏ ନିଜର ଭାରତୀୟ ଐତିହ୍ୟକୁ ନେଇ ଗର୍ବ କରନ୍ତି। ଅନେକ ଶତାବ୍ଦୀ ଧରି ବହୁ ଭାରତୀୟ ପରିବାର ଓମାନରେ ରହିଆସୁଛନ୍ତି। ସେମାନଙ୍କ ପାଖରେ ଓମାନୀ ନାଗରିକତା ଅଛି, କିନ୍ତୁ ତାଙ୍କ ଶିରାପ୍ରଶିରାରେ ଭାରତୀୟତା ରହିଛି। ଯେଉଁ ଦେଶ, ଯେଉଁ ସ୍ଥାନ, ନିଜର ଇତିହାସକୁ ସଂରକ୍ଷିତ କରେ, ତା'ର ଭବିଷ୍ୟତ ମଧ୍ୟ ସୁରକ୍ଷିତ ରହେ। ଏହି ଭାବନାକୁ ଧରି ଗୋଟିଏ ପ୍ରୟାସ ହୋଇଛି ଯେଉଁଥିରେ ଗାଁର ଇତିହାସକୁ ସଂରକ୍ଷିତ ରଖିବା ପାଇଁ ଏକ ଡାଇରେକ୍ଟୋରୀ ତିଆରି କରାଯାଇଛି। ସାମୁଦ୍ରିକ ଯାତ୍ରାରେ ପ୍ରାଚୀନ ଭାରତର ସାମର୍ଥ୍ୟ ସହିତ ଜଡ଼ିତ ପ୍ରମାଣଗୁଡ଼ିକୁ ସଂରକ୍ଷିତ ରଖିବାର ଅଭିଯାନ ମଧ୍ୟ ଦେଶରେ ଚାଲିଛି। ଏହି ପରିପ୍ରେକ୍ଷୀରେ ଲୋଥଲରେ ଏକ ବହୁତ ବଡ଼ ସଂଗ୍ରହାଳୟ ମଧ୍ୟ ନିର୍ମାଣ କରାଯାଉଛି।

## ବିଜୟ ଉତ୍ସବ ବେଳେ ଅଘଟଣ

# ଜଳିଗଲେ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମହିଳା

**ମୁମ୍ବାଇ, ୨୪।୧୧:** ଶନିବାର ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳା ଘୋଷଣା ହୋଇସାରିଛି। ରେଜଲ୍ଟ ଘୋଷଣା ପରେ ବିଜୟ ଉତ୍ସବ ପାଳନ କରିଛନ୍ତି ନବନିର୍ବାଚିତ ପ୍ରାର୍ଥୀ। ତେବେ ଏହି ବିଜୟ ଉତ୍ସବ ପାଳନ ବେଳେ ଘଟିଛି ଅଘଟଣ। ନିଆଁ ଲାଗି ନବନିର୍ବାଚିତ ପ୍ରାର୍ଥୀଙ୍କ ସମେତ ଜଳି ଯାଇଛନ୍ତି କିଛି ମହିଳା। ମହାରାଷ୍ଟ୍ରର ଚନ୍ଦ୍ରଗଡ ବିଧାନସଭା ନିର୍ବାଚନ ମଣ୍ଡଳି। ଶନିବାର ଏଠାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରୁ ଶିବାଜୀ ପାଟିଲ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିଛନ୍ତି। ତେବେ ତାଙ୍କ ଜିତିବା ପରେ ପାଳନ ହୋଇଥିଲା ବିଜୟ ଉତ୍ସବ। ଏହି ସମୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିବା ମୁତାବକ, ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା କିଛି ମହିଳା ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମହାଗାଓଁରେ ବିଜୟ ପରେ କିଛି ମହିଳା ଶିବାଜୀ ପାଟିଲଙ୍କ ଆଳତି କରୁଥିଲେ। ଏହି ସମୟରେ ବହୁ ପରିମାଣର ଅବିର ସେମାନଙ୍କ ଆଳତି ପ୍ଲେଟ ଉପରେ କ୍ରେନରୁ ଖସିପଡିଥିଲା। ଏହାପରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ନବନିର୍ବାଚିତ ସ୍ୱାଧୀନ ପ୍ରାର୍ଥୀ ଶିବାଜୀ ପାଟିଲଙ୍କ ସମେତ କିଛି ମହିଳା ମଧ୍ୟ ଜଳି ଯାଇଥିଲେ। ପରେ ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଚନ୍ଦ୍ରଗଡ଼ ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଶିବାଜୀ ପାଟିଲ ଏନସିପି ଅଜିତ ପାୱାର ଏବଂ ଏନସିପି ଶରଦ ପାୱାରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ତେବେ ଉଭୟ ଦଳର ପ୍ରାର୍ଥୀଙ୍କୁ ସେ ମାତ୍ ଦେଇ ୨୪୧୩୪ ଭୋଟ୍‌ରେ ଜିତିଛନ୍ତି।

## ମଦ ପିଇ ତିନି ସାଙ୍ଗଙ୍କ ବେପରୁଆ ଗାଡ଼ି ଚାଳନା

# ବାରଣ କରିବାରୁ ପୁଲିସକୁ ମାରିଦେଲେ

**ନୂଆଦିଲ୍ଲୀ, ୨୪।୧୧:** ଦିଲ୍ଲୀରେ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବଢ଼ିଚାଲିଛି। କୋର୍ଟ-କଚେରି-ପୁଲିସ କାହାକୁ ଖାତିର କରୁନାହାନ୍ତି ଅପରାଧୀ। ଆଇନ୍ କାନୁନକୁ ଫୁ କରି ଉଡାଇ ଦେଉଛନ୍ତି। ଏହି କ୍ରମରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମଦ ପିଇ ବାଇକରେ ଯାଉଥିବା ସମୟରେ ଅଟକାଇବାରୁ ଜଣେ କନଷ୍ଟେବଲଙ୍କୁ ହତ୍ୟା କରିଛନ୍ତି ତିନି ଅସାମାଜିକ ଯୁବକ। ଗତକାଲି ଗୋବିନ୍ଦପୁରୀର ଆର୍ଯ୍ୟ ସମାଜ ମନ୍ଦିର ନିକଟରେ କନଷ୍ଟେବଲ କିରଣପାଲ ପାଟ୍ରୋଲିଂ କରୁଥିବା ବେଳେ ଏହି ଅଘଟଣ ଘଟିଛି। କିରଣପାଲ ୨୦୧୮ରେ ଦିଲ୍ଲୀ ପୁଲିସରେ ଯୋଗ ଦେଇଥିଲେ। ତାଙ୍କୁ ୨୮ ବର୍ଷ ବୟସ ହୋଇଥିଲା। ସୂଚନା ଅନୁସାରେ, ଦୀପକ, କ୍ରୀଶ ଏବଂ ରାଘବ ନାମକ ତିନି ଯୁବକ ମଦ ପିଇ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚଲାଇ ଯାଉଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା କିରଣପାଲ ସେମାନଙ୍କୁ ଅଟକାଇଥିଲେ। ଦ୍ରୁତଗତି ଗାଡ଼ି ଚାଳନା ପାଇଁ ସେମାନଙ୍କୁ ତାଗିଦ୍ କରିବା ସହ ସେମାନଙ୍କ ସ୍କୁଟି ଚାବି ନେଇ ଯାଇଥିଲେ। ଏହାକୁ ନେଇ ସେମାନେ କିରଣପାଲଙ୍କୁ ମାରପିଟ୍ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ କ୍ଷତାକ୍ତ ହୋଇ ଚେତାଶୂନ୍ୟ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ କିରଣପାଲ। ଏହାପରେ ସେଠାରୁ ଫେରାର୍ ମାରିଥିଲେ ତିନି ଅଭିଯୁକ୍ତ। ସେପଟେ, କିରଣପାଲଙ୍କୁ ଏପରି ଅବସ୍ଥାରେ ଦେଖି ଜଣେ ସହଯୋଗୀ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ଜାମା ମସଜିଦ ସର୍ଭେ ବେଳେ ଉତ୍ତେଜନା, ୩ ମୃତ

**ଲକ୍ଷ୍ନୌ, ୨୪।୧୧:** ଉତ୍ତରପ୍ରଦେଶର ଜାମା ମସଜିଦ ସର୍ଭେ ସମୟରେ ହୋଇଥିବା ଉତ୍ତେଜନାରେ ୩ ଜଣଙ୍କ ମୃତ୍ୟୁ ଘଟିଲାଣି। ସର୍ଭେ ବେଳେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ଏପରି ହୋଇଛି ଯେ ଏଥିରେ ତିନି ଜଣଙ୍କ ଜୀବନ ଯାଇ ଥିବାବେଳେ ୩୦ ଜଣ ପୁଲିସ କର୍ମୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଭାରତରେ ମୋଗଲ ସାମ୍ରାଜ୍ୟ ସମୟରେ ମସଜିଦ ନିର୍ମାଣ ପାଇଁ ଏଠାରେ ଥିବା ହିନ୍ଦୁ ମନ୍ଦିରକୁ ଭାଙ୍ଗି ଦିଆଯାଇଥିବା ନେଇ ହିନ୍ଦୁ ଗୋଷ୍ଠୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେଣୁ ଏହି ସ୍ଥାନରୁ ମସଜିଦ ଉଚ୍ଛେଦ ପାଇଁ ଦାବି କରିଥିଲେ ହିନ୍ଦୁ ପକ୍ଷ। ଏହି ଆବେଦନର ଶୁଣାଣି କରି କୋର୍ଟ ମସଜିଦରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ସମ୍ଭଲରେ ଥିବା ଜାମା ମସଜିଦର ସର୍ଭେ ଆରମ୍ଭ ହୋଇଥିଲା। ଏହି ସମୟରେ ଶାହି ଜାମା ମସଜିଦ ନିକଟରେ ଶହ ଶହ ଲୋକେ ଉପସ୍ଥିତ ହୋଇ ସର୍ଭେକୁ ବିରୋଧ କରିଥିଲେ। ଏପରିକି ସର୍ଭେ ଟିମ୍ ଉପରକୁ ମଧ୍ୟ ପଥର ମାଡ଼ କରିଥିଲେ। ଫଳରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଉଦ୍ୟମ କରିବା ବେଳେ ପୁଲିସ ଉପରକୁ ଆକ୍ରମଣ କରିଥିଲେ। ଫଳରେ ପୁଲିସ ଲୁହବୁହା ଗ୍ୟାସ୍ ସ୍ପ୍ରେ କରିଥିଲା। ଏହି ଧସ୍ତାଧସ୍ତିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଗୁଳିମାଡ଼ରେ ସେମାନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ମୃତ୍ୟୁସଂଖ୍ୟା ନେଇ ସ୍ପଷ୍ଟ କରି ଥିବାବେଳେ ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ।

# ପାକିସ୍ତାନରେ ସାମ୍ପ୍ରଦାୟିକ ହିଂସା, ୩୭ ମୃତ

**ଇସଲାମାବାଦ, ୨୪।୧୧:** ଆତଙ୍କୀ ହମ୍‌ଲା ପରେ ଅଶାନ୍ତ ହୋଇପଡିଛି ଭାରତର ପଡୋଶୀ ଦେଶ ପାକିସ୍ତାନ। ଏଠାରେ ଆରମ୍ଭ ହୋଇଛି ସାମ୍ପ୍ରଦାୟିକ ହିଂସା। ଗତ ୨୪ ଘଣ୍ଟା ମଧ୍ୟରେ ଏଥିରେ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୩୦ରୁ ଅଧିକ ଆହତ ହୋଇଛନ୍ତି। ପାକିସ୍ତାନର ଖାଇବର ପଖତୁନଖୱାରେ ଘଟିଛି ଏଭଳି କିଛି ଘଟଣା। ଏନେଇ ପୁଲିସ ସୂଚନା ଦେଇଛି। ଆଫଗାନିସ୍ତାନର ସୀମାବର୍ତ୍ତୀ କୁରାମ ଜିଲ୍ଲାରେ ଗୁରୁବାର ଏକ ଯାତ୍ରୀବାହୀ ଭ୍ୟାନ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଆଲିଜାଇ ଏବଂ ବାଗାନ ଆଦିବାସୀ ଗୋଷ୍ଠୀ ମଧ୍ୟରେ ହିଂସା ଆରମ୍ଭ ହୋଇଥିଲା। ଯାତ୍ରୀ ଭ୍ୟାନ ଉପରେ ହୋଇଥିବା ଆକ୍ରମଣରେ ୪୭ ଜଣଙ୍କର ମୃତ୍ୟୁ ଘଟିଥିଲା। ସେପଟେ ପୂରା ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ପ୍ରଶାସନ ଓ ପୁଲିସ ଲାଗିପଡିଛନ୍ତି। ଜଣେ ଶୀର୍ଷ ଅଧିକାରୀଙ୍କ କହିବା ମୁତାବକ, ବର୍ତ୍ତମାନ ସୁଦ୍ଧା ଏହି



ହିଂସାରେ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ। ସେହିପରି ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପରସ୍ପରକୁ ସ୍ୱୟଂଚାଳିତ ଅସ୍ତ୍ର ବ୍ୟବହାର କରି ଟାର୍ଗେଟ କରୁଛନ୍ତି।

ହିଂସାକାଣ୍ଡରେ ଘର ଓ ଦୋକାନକୁ ଟାର୍ଗେଟ କରାଯାଇଥିଲା, ଯାହା ପରେ ବିଭିନ୍ନ ଗାଁର ଲୋକମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ପରିସ୍ଥିତି ବିଗିଡିବା ଦେଖି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। ଘରୋଇ ଶିକ୍ଷା ନେଟୱାର୍କର ସଭାପତି ମହମ୍ମଦ ହାୟତ ହାସନ ଏନେଇ ସୂଚନା ଦେଇଛନ୍ତି। ଏହି ହିଂସା ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଲୋକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ପୋଲିସ କହିଛି ଯେ ୬ ଜଣ ମହିଳାଙ୍କୁ ବନ୍ଦୀ କରି ରଖାଯାଇଥିବା ଖବର ରହିଛି, କିନ୍ତୁ ସୀମିତ ସଂଯୋଗ ହେତୁ ଏନେଇ କିଛି ଅଧିକ ସୂଚନା ମିଳିନାହିଁ।

# ପର୍ଥ ଟେଷ୍ଟରେ ଭାରତର ଦାଦାଗିରି

## ଟାର୍ଗେଟ ୫୩୪, ଅଷ୍ଟ୍ରେଲିଆ ୧୨/୩





ପର୍ଥ, ୨୪।୧୧: ଅଷ୍ଟ୍ରେଲିଆର ପର୍ଥରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଭାରତର ଦବଦବା ଦେଖିବାକୁ ମିଳିଛି। ପ୍ରଥମ ଇନିଂସରେ ଭାରତୀୟ ଟିମ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ବୋଲିଂରେ ନିଜେ ଅଧିନାୟକ ଯଶପ୍ରୀତ ବୁମ୍ରା କମାଲ କରିବା ସହ ଅଷ୍ଟ୍ରେଲିଆକୁ ମାତ୍ର ୧୦୪ରେ ଅଲଆଉଟ କରିଦେଇଥିଲେ। ଭାରତ ୪୬ ରନର ଲିଡ୍ ହାସଲ କରିବା ପରେ ପର୍ଥରେ ଦେଖାଇଥିଲା ନିଜର ଜଲୱା। ଦ୍ୱିତୀୟ ଇନିଂସରେ ଭାରତ ପ୍ରାୟ ଦେଢ଼ ଦିନ ବ୍ୟାଟିଂ କରି ୬ ୱିକେଟ ହରାଇ ୪୮୭ ରନ କରିବା ପରେ ପାଳି ଘୋଷଣା କରିଛି। ଯଶସ୍ୱୀ ଜୈସ୍‌ୱାଲ ୧୬୧, ବିରାଟ କୋହଲି ଅପରାଜିତ ୧୦୦ ଓ କେଏଲ ରାହୁଲ ୭୭ ରନର ଦମଦାର ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ୫୩୪ ରନର ଟାର୍ଗେଟ ପାଇଥିବା ବେଳେ ଆଜି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ହେଲେ ଦଳ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ଇନିଂସରେ ଆଜି ଅଷ୍ଟ୍ରେଲିଆ ୪.୨ ଓଭର ବ୍ୟାଟିଂ କରିଥିଲେ ହେଁ ୧୨ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଛି। ବୁମ୍ରା ନିଜର ପ୍ରଥମ ଓଭରରେ ନଥାନ ମ୍ୟାକସ୍‌ୱିନିଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ରଥମେ ଆଉଟ କରିଥିଲେ। ସେହିପରି ମହମ୍ମଦ ସିରାଜ ନିଜର ଦ୍ୱିତୀୟ ଓଭରରେ ନାଇଟ ୱାଚମ୍ୟାନ ଭାବେ ଆସିଥିବା କଙ୍ଗାରୁ ଟିମର କ୍ୟାପ୍ଟେନ ପାଟ କମିନ୍ସ(୨)ଙ୍କୁ ପାଭିଲିୟନ ପଠାଇଥିଲେ। ସେହିପରି ୫ମ ଓଭରରେ ବୁମ୍ରା ୩ ରନ କରିଥିବା ମାର୍ନସ ଲାବୁସେନଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ତୃତୀୟ ଝଟକା ଦେଇଥିଲେ। ଲାବୁସେନ ଆଉଟ ହେବା ପରେ ଅମ୍ପାୟାର ତୃତୀୟ ଦିନର ଖେଳକୁ ବନ୍ଦ ଘୋଷଣା କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ୧୨ ରନରେ ୩ ୱିକେଟ ହରାଇଥିଲା। ଉସମାନ ଖାଜ୍ୱା ୩ ରନ କରି କ୍ରିଜରେ ରହିଛନ୍ତି। ଆସନ୍ତାକାଲି ସେ ଓ ଷ୍ଟିଭ ସ୍ମିଥ ଇନିଂସ ଆରମ୍ଭ କରିବେ। ମ୍ୟାଚ୍ ଜିତିବା ପାଇଁ ଭାରତକୁ ୭ ୱିକେଟର ଆବଶ୍ୟକ ଥିବା ବେଳେ ଅଷ୍ଟ୍ରେଲିଆ ବିଜୟ ଠାରୁ ୫୨୨ ରନ ଦୂରରେ ରହିଛି।

# ଐତିହାସିକ ଶତକ ପରେ ବ୍ରାଡମ୍ୟାନଙ୍କ ରେକର୍ଡ ଭାଙ୍ଗିଲେ କୋହଲି



ପର୍ଥ, ୨୪।୧୧: ଭାରତୀୟ ଟିମର ଷ୍ଟାର ବ୍ୟାଟର ବିରାଟ କୋହଲି ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଶତକ ହାସଲ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚର ଦ୍ୱିତୀୟ ଇନିଂସରେ ବିରାଟ କେରିୟରର ୧୪୩ ବଲରେ ଅପରାଜିତ ୧୦୦ ରନର ଇନିଂସ ଖେଳିଛନ୍ତି। ବିରାଟ ଚୌକା ମାରି ଶତକ ହାସଲ କରିବା ପରେ ଭାରତୀୟ ଦଳର ଅଧିନାୟକ ଯଶପ୍ରୀତ ବୁମ୍ରା ପାଳି ଘୋଷଣା କରିଛନ୍ତି। ଭାରତ ୬ ୱିକେଟ ହରାଇ ୪୮୭ ରନରେ ପାଳି ଘୋଷଣା କରିବାରୁ ଅଷ୍ଟ୍ରେଲିଆକୁ ବିଶାଳ ୫୩୪ ରନର ଟାର୍ଗେଟ ମିଳିଛି।

ବିରାଟ କୋହଲି ଦୀର୍ଘ ୧୬ ମାସ ପରେ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିଛନ୍ତି। ଶେଷଥର ପାଇଁ ୨୦୨୩ ମସିହା ଜୁଲାଇ ମାସରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୨୧ ରନର ଇନିଂସ ଖେଳିଥିଲେ। ଏହାପର ଠାରୁ ତାଙ୍କ ବ୍ୟାଟରୁ ରନ ବାହାରୁ ନଥିଲା। ହେଲେ ପର୍ଥ ଭଳି ବାଉନ୍ସି ପିଚ୍‌ରେ ବିରାଟଙ୍କ ବ୍ୟାଟରୁ ଶତକ ବାହାରିଛି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୩୦ତମ ଶତକ। ସେହିପରି ଅନ୍ତର୍ଜାତୀୟ କ୍ରିକେଟରେ ବିରାଟଙ୍କ ବ୍ୟାଟରୁ ବାହାରିଛି ୮୧ତମ ଶତକ। ତେବେ ଆଜି ବିରାଟ ଟେଷ୍ଟ କ୍ରିକେଟରେ ୩୦ତମ ଶତକ ହାସଲ କରିବା ପରେ କିମ୍ବଦନ୍ତୀ କ୍ରିକେଟର ଡନ୍ ବ୍ରାଡମ୍ୟାନଙ୍କୁ ଅତିକ୍ରମ କରିଯାଇଛନ୍ତି। ବ୍ରାଡମ୍ୟାନ ଟେଷ୍ଟ କ୍ରିକେଟରେ ୨୯ଟି ଶତକ ହାସଲ କରିଥିଲେ। ବିରାଟ ୨୦୨୩ରୁ ତାଙ୍କ ସମକକ୍ଷ ହୋଇଥିବା ବେଳେ ଆଜି ୩୦ତମ ଶତକ ବଳା ତାଙ୍କୁ ପଛରେ ପକାଇ ଦେଇଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ ୧ନଂ ସ୍ଥାନରେ ସଚିନ ତେନ୍ଦୁଲକର ରହିଛନ୍ତି। ୨୦୧୩ରୁ ଅବସର ନେଇ ସାରିଥିବା ସଚିନ କ୍ରିକେଟର ଏହି ଲମ୍ବା ଫର୍ମାଟରେ ୫୧ଟି ଶତକ ମାରିଛନ୍ତି। ବିରାଟ ଭାରତର ୪ର୍ଥ ବ୍ୟାଟର ଭାବେ ଟେଷ୍ଟ କ୍ରିକେଟରେ ୩୦ଟି ଶତକ ହାସଲ କରିଛନ୍ତି। ତେନ୍ଦୁଲକର, ରାହୁଲ ଦ୍ରାବିଡ(୩୬) ଓ ସୁନୀଲ ଗାଭାସ୍କର(୩୪)ଙ୍କ ପରେ ବିରାଟ ରହିଛନ୍ତି। ଏହାବାଦ ବିରାଟ ଅଷ୍ଟ୍ରେଲିଆ ମାଟିରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିରାଟ ଅଷ୍ଟ୍ରେଲିଆରେ ୭ଟି ଶତକ ମାରିଛନ୍ତି। ତାଲିକାର ୧ନଂ ସ୍ଥାନରେ ୯ଟି ଶତକ ସହ ଜ୍ୟାକ ହୋବ୍ସ ପ୍ରଥମ ସ୍ଥାନରେ ରହିଛନ୍ତି। ବିରାଟଙ୍କ ବ୍ୟତୀତ ୱାଲି ହାମଣ୍ଡ ୭ଟି ଶତକ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୬ଟି ଶତକ ସହ ସଚିନ ତେନ୍ଦୁଲକର ତୃତୀୟ ସ୍ଥାନରେ ରହିଛନ୍ତି। ବିରାଟ ଅଷ୍ଟ୍ରେଲିଆରେ(ଉଭୟ ଦିନିକିଆ ଓ ଟେଷ୍ଟ) ନିଜର ୧୦ମ ଶତକ ମଧ୍ୟ ହାସଲ କରିଛନ୍ତି। ବିଦେଶ ମାଟିରେ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିବାରେ ମଧ୍ୟ ବିରାଟ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସୁନୀଲ ଗାଭାସ୍କର ୱେଷ୍ଟଇଣ୍ଡିଜ ବିପକ୍ଷରେ ଓ ବିରାଟ ଅଷ୍ଟ୍ରେଲିଆ ବିପକ୍ଷରେ ୭ଟି ଶତକ ମାରିଛନ୍ତି। ଇଂଲଣ୍ଡ ବିପକ୍ଷରେ ରାହୁଲ ଦ୍ରାବିଡ ୬ଟି ଓ ଅଷ୍ଟ୍ରେଲିଆ ବିପକ୍ଷରେ ସଚିନ ତେନ୍ଦୁଲକର ୬ଟି ଶତକ ଟେଷ୍ଟ କ୍ରିକେଟରେ ହାସଲ କରିଛନ୍ତି।

# ଆୟରଙ୍କୁ ପଛରେ ପକାଇଲେ ପନ୍ତ

## ଆଇପିଏଲ ଅକ୍ସନରେ କଲେ ରେକର୍ଡ



ମୁମ୍ବାଇ, ୨୪।୧୧: ଶ୍ରେୟସ ଆୟର ମାତ୍ର କିଛି ମିନିଟ ପୂର୍ବରୁ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ବନିଥିଲେ। କିନ୍ତୁ ତାଙ୍କୁ ପଛରେ ପକାଇ ଦେଇଛନ୍ତି ଋଷଭ ପନ୍ତ। ସେ ଏବେ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ବନି ଯାଇଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ରେକର୍ଡ ୨୭ କୋଟି ଟଙ୍କା ବଳରେ କିଣିଛି। ଦିଲ୍ଲୀ କ୍ୟାପିଟାଲ୍ସ ପନ୍ତଙ୍କୁ ମେଗା ଅକ୍ସନ ପୂର୍ବରୁ ରିଲିଜ କରି ଦେଇଥିଲା। ଆଜି କିନ୍ତୁ ଆରଟିଏମ ବଳରେ ଦିଲ୍ଲୀ ପନ୍ତଙ୍କୁ ନେବାକୁ ଚାହିଁଥିଲା। ହେଲେ ଲକ୍ଷ୍ନୌ ଶେଷ ବିଡ୍‌ରେ ପନ୍ତଙ୍କ ଉପରେ ୨୭ କୋଟି ଟଙ୍କାର ବୋଲି ଲଗାଇଥିଲେ। ଏହି ଟଙ୍କାକୁ ଅତିକ୍ରମ କରିବାକୁ ଦିଲ୍ଲୀ ସାହାସ ଦେଖାଇ ନଥିଲା। ଶେଷରେ ବେଶ ନାଟକୀୟ ଢଙ୍ଗରେ ସମସ୍ତଙ୍କୁ ଚକିତ କରି ଲକ୍ଷ୍ନୌ ରେକର୍ଡ ୨୭ କୋଟିରେ ପନ୍ତଙ୍କୁ ନିଜ ସହ ସାମିଲ କରିଛି।ଏହାପୂର୍ବରୁ ଶ୍ରେୟସ ଆୟରଙ୍କ ପଞ୍ଜାବ ରେକର୍ଡ ୨୬.୭୫ କୋଟି ଟଙ୍କାରେ କିଣିଥିଲା। ଆୟରଙ୍କ ପୂର୍ବରୁ ଆଇପିଏଲ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବାର ରେକର୍ଡ ମିଚେଲ ଷ୍ଟାର୍କଙ୍କ ନାଁରେ ରହିଥିଲା। ତାଙ୍କୁ କୋଲକାତା ୨୦୨୪ ଅକ୍ସନ ବେଳେ ୨୪.୭୫ କୋଟି ଟଙ୍କାରେ କିଣିଥିଲା। ହେଲେ ୨୦୨୫ ମେଗା ଅକ୍ସନରେ ଶ୍ରେୟସ ଆୟର ତାଙ୍କୁ ପଛରେ ପକାଇ ଦେଇଥିଲେ। ଏବେ ପନ୍ତ ସାଥୀ ଖେଳାଳି ଆୟରଙ୍କ ମହଙ୍ଗା ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ପନ୍ତଙ୍କୁ ନେବା ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା। ୧୧.୨୫ କୋଟି ଯାଏ ପନ୍ତଙ୍କୁ ନେବା ପାଇଁ ଆରସିବି ଲାଗି ପଡ଼ିଥିଲା। ଏହାପରେ ଲକ୍ଷ୍ନୌ ସହ ହାଇଦ୍ରାବାଦ ବିଡ ୱାରରେ ସାମିଲ ହୋଇଥିଲା। ହାଇଦ୍ରାବାଦ ୧୯ କୋଟି ଯାଏ ହାଇଦ୍ରାବାଦ ପନ୍ତ ନେବାକୁ ଚାହୁଁଥିଲା। ଲକ୍ଷ୍ନୌ ୧୯.୨୫ କୋଟି ଟଙ୍କା ଡାକିବାରୁ ହାଇଦ୍ରାବାଦ ବିଡ୍‌ରୁ ଓହରି ଯାଇଥିଲା। ତେବେ ପୁଣି ହାଇଦ୍ରାବାଦ ପନ୍ତଙ୍କ ଉପରେ ୨୦ କୋଟି ଟଙ୍କାର ବୋଲି ଲଗାଇଥିଲା। ହାଇଦ୍ରାବାଦ ଯେତିକି ଆଗକୁ ବଢ଼ୁଥିଲା ଲକ୍ଷ୍ନୌ ମଧ୍ୟ ସେତିକି ଆଗକୁ ବଢ଼ିଥିଲା। ୨୦.୫୦ କୋଟି ଟଙ୍କା ପରେ ହାଇଦ୍ରାବାଦ ବିଧିବଦ୍ଧ ଭାବେ ଓହରି ଯାଇଥିଲା। ୨୦.୭୫ କୋଟି ଲକ୍ଷ୍ନୌ ନିଜ ପାଖରେ କିଣିଥିଲା। କିନ୍ତୁ ଦିଲ୍ଲୀ ଆରଟିଏମ କାର୍ଡ ବ୍ୟବହାର କରିଥିଲେ। ନିୟମ ଅନୁସାରେ ଲକ୍ଷ୍ନୌଙ୍କୁ ଫାଇନାଲ ବିଡ କରିବାକୁ କହିଥିଲା। ଲକ୍ଷ୍ନ ସିଧା ପନ୍ତଙ୍କ ମୂଲ୍ୟକୁ ୨୭ କୋଟିରେ ପହଞ୍ଚାଇ ଦେଇଥିଲା। ଦିଲ୍ଲୀ ଏହି ଟଙ୍କା ଦେଖି ତାଙ୍କୁ ଆଉ ନେବାକୁ ସାହାସ କରି ନଥିଲା। ଶେଷରେ ପନ୍ତ ରେକର୍ଡ ୨୭ କୋଟି ଟଙ୍କା ବଳରେ ପନ୍ତଙ୍କୁ କିଣିଛି।


## ଦ୍ୱିତୀୟ ଦାମୀ ଖେଳାଳି ଶ୍ରେୟସ ଆୟର



ମୁମ୍ବାଇ, ୨୪।୧୧: କୋଲକାତା ନାଇଟ ରାଇଡର୍ସର ପୂର୍ବତନ ଅଧିନାୟକ ତଥା ଟିମ ଇଣ୍ଡିଆର ବ୍ୟାଟର ଶ୍ରେୟସ ଆୟର ଇତିହାସ ରଚିଛନ୍ତି। ସେ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ବନି ଯାଇଛନ୍ତି। ତାଙ୍କୁ ପଞ୍ଜାବ କିଙ୍ଗସ ରେକର୍ଡ ୨୬.୭୫ କୋଟି ଟଙ୍କାରେ କିଣିଛି। ଆୟରଙ୍କ ପୂର୍ବରୁ ଆଇପିଏଲ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବାର ରେକର୍ଡ ମିଚେଲ ଷ୍ଟାର୍କଙ୍କ ନାଁରେ ରହିଥିଲା। ତାଙ୍କୁ କୋଲକାତା ୨୦୨୪ ଅକ୍ସନ ବେଳେ ୨୪.୭୫ କୋଟି ଟଙ୍କାରେ କିଣିଥିଲା। ହେଲେ ୨୦୨୫ ମେଗା ଅକ୍ସନରେ ଶ୍ରେୟସ ଆୟର ତାଙ୍କୁ ପଛରେ ପକାଇ ଦେଇଛନ୍ତି। ଶ୍ରେୟସ ଆୟରଙ୍କୁ ନେବା ପାଇଁ ଆରମ୍ଭରୁ ହିଁ ପଞ୍ଜାବ ଉଦ୍ୟମ କରିଥିଲା। ପଞ୍ଜାବ ସହ ଆରମ୍ଭରୁ କୋଲକାତା ମଧ୍ୟ ବିଡରେ ସାମିଲ ହୋଇଥିଲା। କିନ୍ତୁ ଆୟରଙ୍କ ପୂର୍ବତନ ଟିମ କେକେଆର ୭.୨୫ କୋଟି ଟଙ୍କା ପରେ ଓହରି ଯାଇଥିଲା। ଏହାପରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ ମଧ୍ୟ ଶ୍ରେୟସଙ୍କ ପାଇଁ ଲଢ଼େଇ ହୋଇଥିଲା। ଦିଲ୍ଲୀ ଋଷଭ ପନ୍ତଙ୍କୁ ରିଲିଜ କରି ଦେଇଥିବାରୁ ଆୟରଙ୍କୁ ନେବା ପାଇଁ ସବୁ ପ୍ରକାରର ଉଦ୍ୟମ କରିଥିଲା। କିନ୍ତୁ ପଞ୍ଜାବ ମଧ୍ୟ ପଛରେ ପଡ଼ି ନଥିଲା। ଶେଷରେ ଆୟରଙ୍କୁ ପଞ୍ଜାବ ରେକର୍ଡ ୨୬.୭୫ କୋଟି ଟଙ୍କାରେ କିଣିଛି। ଚଳିତ ଆଇପିଏଲର ମେଗା ଅକ୍ସନ ପୂର୍ବରୁ ହାଇଦ୍ରାବାଦ ହେନରିଚ କ୍ଲାସେନଙ୍କୁ ରେକର୍ଡ ୨୩ କୋଟି ଟଙ୍କା ବଳରେ ରିଟେନ କରିଥିଲା।

# ୧୮ କୋଟିରେ ଅର୍ଶଦୀପଙ୍କୁ ନେଲା ପଞ୍ଜାବ





ଗୁଜରାଟକୁ ଗଲେ ରବାଡା

ମୁମ୍ବାଇ, ୨୪।୧୧: ଆରମ୍ଭ ହୋଇଛି ଆଇପିଏଲର ମେଗା ଅକ୍ସନ। ଆଜି ସାଉଦି ଆରବରେ ଆରମ୍ଭ ହୋଇଥିବା ଅକ୍ସନର ପ୍ରଥମ ଖେଳାଳି ବନିଛନ୍ତି ଅର୍ଶଦୀପ ସିଂହ। ଏହି ବାମହାତୀ ଦ୍ରୁତ ବୋଲରଙ୍କୁ କିଣିବା ପାଇଁ ପ୍ରାୟ ସବୁ ଫ୍ରାଞ୍ଚାଇଜ ଲାଗି ପଡ଼ିଥିଲା। ତେବେ ଆରଟିଏମ କାର୍ଡ ବଳେ ପଞ୍ଜାବ ଅର୍ଶଦୀପ ସିଂହଙ୍କୁ ନିଜ ସହ ୧୮ କୋଟି ଟଙ୍କାରେ ସାମିଲ କରିଛି। ବାସ୍ତବରେ ଅର୍ଶଦୀପଙ୍କୁ ୧୫.୭୫ କୋଟି ଟଙ୍କାରେ ସନ ରାଇଜର୍ସ ହାଇଦ୍ରାବାଦ କିଣିଥିଲା। କିନ୍ତୁ ନିୟମ ଅନୁସାରେ ପଞ୍ଜାବକୁ ଆରଟିଏମର ବ୍ୟବହାର କରିବାକୁ ବିକଳ୍ପ ମିଳିଥିଲା। ଶେଷରେ ପଞ୍ଜାବ ତାଙ୍କୁ ନିଜ ପାଖରେ ରହିଛି। ୨୦୨୪ରେ ମଧ୍ୟ ଅର୍ଶଦୀପ ପଞ୍ଜାବ ପକ୍ଷରୁ ଖେଳୁଥିଲେ। ହେଲେ ମେଗା ଅକ୍ସନ ପୂର୍ବରୁ ତାଙ୍କୁ ପଞ୍ଜାବ ଛାଡ଼ି ଦେଇଥିଲା। ଏବେ ରେକର୍ଡ ୧୮ କୋଟି ଟଙ୍କାରେ ପଞ୍ଜାବ ପୁଣି ତାଙ୍କୁ କିଣିଛି।

ସେହିପରି ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରବାଡାଙ୍କୁ ନେବା ପାଇଁ ଗୁଜରାଟ ଓ ମୁମ୍ବାଇ ମଧ୍ୟ ଟକ୍କର ହୋଇଥିଲା। ୭ କୋଟି ଯାଏ ମୁମ୍ବାଇ ରବାଡାଙ୍କୁ ନେବାକୁ ଚେଷ୍ଟା କରିଥିଲା। ହେଲେ ଏହାପରେ ଆରସିବି ଅକ୍ସନରେ ପ୍ରବେଶ କରିଥିଲା। ଗୁଜରାଟ ଓ ଆରସିବି ମଧ୍ୟରେ ବିଡ ୱାର ଚାଲିଥିଲା। କିନ୍ତୁ ଶେଷରେ ଗୁଜରାଟ ତାଙ୍କୁ ୧୦.୭୫ କୋଟିରେ ନିଜ ସହ ସାମିଲ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିର...

ହୋଇଥିଲା ତାହା ରାଜ୍ୟବାସୀ ଦେଖିଛନ୍ତି । ସେହିଭଳି ପ୍ରଶାନ୍ତ ଜଗଦେବଙ୍କୁ ପୁଲିସ୍ ଗିରଫ କରିବାବେଳେ ଓ ମହେଶ୍ୱର ମହାନ୍ତିଙ୍କ ଉପରେ ଗୁଳିମାଡ ସମୟରେ ବିଜେଡି ଆଇନ୍‌ଶୃଙ୍ଖଳା କଥା ଭୁଲି ଯାଇଥିଲା । ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ବି ନିଜ ଦଳର ଲୋକେ ଖୋଲାଖୋଲି ଭାବେ ଅଣ୍ଡାମାଡ କରିଥିଲେ। ସେତେବେଳେ ବିଜେଡି ଏହାକୁ ଦେଖି ନଦେଖିଲା ଭଳି ରହିଥିଲା। ବିଜେଡି ସରକାର ସମୟରେ ଘଟିଥିଲା ଶିକ୍ଷୟତ୍ରୀ ମମିତା ମେହେର ଭଳି ଜଘନ୍ୟ ହତ୍ୟାକାଣ୍ଡ । ହତ୍ୟାକାଣ୍ଡର ଅଭିଯୁକ୍ତ ବି ପୁଲିସ୍ ଘେରାରେ ଥିବାବେଳେ ଆତ୍ମହତ୍ୟା କରିଦେଲା । ଏହି ଘଟଣାରେ କାହାରିକୁ କି ଦଣ୍ଡ ମିଳିଲା ତାହା ସମସ୍ତେ ଜାଣିଛନ୍ତି । ଏଭଳି କାଣ୍ଡ ସମୟରେ ବିଜେଡିର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା କେଉଁଠି ଥିଲା ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି । ଖାଲି ସେତିକି ନୁହେଁ ଆରଟିଆଇ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଓ ଗଣମାଧ୍ୟମ ସଂସ୍ଥାକୁ ବି ମିଛ ମିଛ ମାମଲାରେ ଛନ୍ଦିଥିବାର ଅନେକ ନଜିର ରହିଛି । ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ ମାସ ମାସ ଧରି ଜେଲ୍‌ରେ ଥିଲେ । ଗୋଟିଏ ମାମଲାରୁ ଖସୁଥିବାବେଳେ ତାଙ୍କ ନାଁରେ ଆଉ ଦୁଇଟି ମାମଲା ପୁଲିସ୍ ଯୋଡି ଦେଉଥିଲା । ସେହିଭଳି ସାମ୍ବାଦିକ ଅର୍ଦ୍ଧେନ୍ଦୁ ଶେଖରଙ୍କୁ କିଭଳି ଓ କାହିଁକି ଜେଲ୍ ପଠାଯାଇଥିଲା ତାହା ରାଜ୍ୟବାସୀ ଟିଭି ପରଦାରେ ଦେଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ହେଲିକାପ୍ଟର ଉଡାଣ ସଂକ୍ରାନ୍ତରେ ତଥ୍ୟ ପ୍ରକାଶ କରିବାରୁ ଆଉ ଜଣେ ଆରଟିଆଇ କର୍ମୀ ଶ୍ରୀକାନ୍ତ ପାକଳ ବି ଜେଲ୍ ଯାଇଥିଲେ । ବର୍ତ୍ତମାନ ବବିଙ୍କ ଓକିଲ ସାଜିଥିବା ସଞ୍ଜୟ ସେତେବେଳେ କ'ଣ କରୁଥିଲେ ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ବିରୋଧି ଦଳକୁ ସାବାଡ କରିବାପାଇଁ ବିଜେଡି ବି ଜଘନ୍ୟ ଖେଳ ଖେଳୁଥିଲା। ବର୍ତ୍ତମାନର ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ବିଭିନ୍ନ ମାମଲାରେ ଛନ୍ଦି ଜେଲ୍ ପଠାଇଥିଲା । ଇରାଶିଷ ଜେଲ୍‌ରେ ଥିବାବେଳେ ତାଙ୍କ ନାଁରେ ସାମାଜିକ ଗଣମାଧ୍ୟମରେ ବ୍ୟାପକ କୁତ୍ସାରଟନା ହୋଇଥିଲା । ରାଜ୍ୟର ଗୋଟିଏ ଅଗ୍ରଣୀ ବୈଦ୍ୟୁକ ଗଣମାଧ୍ୟମର ପାଚେରୀ ଭାଙ୍ଗିବା ଠାରୁ ଆରମ୍ଭ କରି କର୍ମଚାରୀଙ୍କୁ ଜେଲ୍‌ରେ ପୂରାଇବା ସହିତ ଗୋଟିଏ ଅଗ୍ରଣୀ ଛାପା ଗଣମାଧ୍ୟମ ଦପ୍ତରରେ ବି କ୍ରାଇମବ୍ରାଞ୍ଚ ଚଢଉ କରି ଚାପ ସୃଷ୍ଟି କରିଥିଲେ । ସେତେବେଳେ ବିଜେଡିର ଆଇନ୍‌ଶୃଙ୍ଖଳା କେଉଁଠାରେ ଥିଲା ତାହା ଏବେ ଲୋକେ ପଚାରିବା ଆରମ୍ଭ କରିଛନ୍ତି । କୌଣସି ସମ୍ବେଦନଶୀଳ ଘଟଣାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ନେବା ସମୟରେ ଆଇନ୍ ତା ବାଟରେ ଯିବା ଉଚିତ୍ ଶବ୍ଦର ସ୍ରଷ୍ଟା ବିଜେଡି ଯେଭଳି ପ୍ରତିକ୍ରିୟାଶୀଳ ହୋଇଛି ଏବଂ ସନ୍ୟାସୀଙ୍କ ନିର୍ଦ୍ଦେଶରେ ତାଙ୍କ ଟିମ୍‌ର ସୁରକ୍ଷାରେ ବାହାରିଛି ତାହା ବେଳକ ଦଳକୁ ଲୋକହସା କରୁନାହିଁ ଅନେକ ବରିଷ୍ଠ ନେତାଙ୍କୁ ମଧ୍ୟ ସମାଲୋଚନାର ପୋଖରୀକୁ ଠେଲି ଦେବାରେ ଲାଗିଛି । ଏଭଳି ଅବସ୍ଥା ଜାରି ରହିଲେ ଆଗକୁ ଦଳର ଅବସ୍ଥା କ'ଣ ହେବ ତାହାକୁ ନେଇ ଏବେ କିଛି ନେତା ଘୋର ଚିନ୍ତାରେ ପଡିଛନ୍ତି ।

### ନରସିଂହଙ୍କ...

ସାହାଯ୍ୟ ପାଇଁ ଅନୁରୋଧ କରେ ତେବେ ସୁରକ୍ଷା ଦେବ ପୋଲିସ। ଅନ୍ୟପଟେ ସବୁ ଜାଣି ଅଜଣା ଚାଉଳ ଅବକାରୀ ବାବୁ ଖାଉଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଦିନକ ପରେ ଓଡ଼ିଶାରେ ବିଧାନସଭା। ୨୯ ତାରିଖରୁ ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ। ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସହ ସମସ୍ତ ରାଜ୍ୟର ଡିଜିପି ଯୋଗଦେବେ। ତାପରେ ଓଡ଼ିଶାକୁ ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତ ରହିଛି। ଏଭଳି ଭିଭିଆଇପି ଙ୍କ ଗସ୍ତକୁ ନେଇ ଯେତେବେଳେ ପୁରା ସହର ପୋଲିସରେ ଛାଉଣୀ ହୋଇଛି, ଠିକ ସେତିକିବେଳେ ସହରରେ ସକାଳ ପର୍ଯ୍ୟନ୍ତ ପବ ଚାଲିବା ଘଟଣା ଅବକାରୀ ବିଭାଗର ଡବଲ ଷ୍ଟାଣ୍ଡର୍ଡ ନୀତିକୁ ପଦାକୁ ଆଣିଛି। କାହାର ଅପାରଗତା ପାଇଁ ଆଇନକୁ ହାତକୁ ନେଉଛନ୍ତି ପବ ମାଲିକ ? କେଉଁ ବଡ଼ବଡ଼ିଆଙ୍କ ଛାତ୍ରଛାୟାରେ ରହି ଏଭଳି ବେଧଡକ ପବ ଚାଲୁଛି ତାହା ବର୍ତ୍ତମାନ ତଦନ୍ତ ସାପେକ୍ଷ। କମିଶନର ମଧ୍ୟ ଏ ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଭଲ କାମ ପାଇଁ ବାଃ ବାଃ ନେଉଥିବା କମିଶନର ବିଭାଗର ଖରାପ କାମକୁ ମଧ୍ୟ ନିଜ ମୁଣ୍ଡକୁ ନେବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ଥିବା କହିଛନ୍ତି ସାଧାରଣ ଲୋକେ।

### ଟିମ୍‌ରେ ...

ଆକାଶ ଦାସ ନାୟକ କୌଣସି ଏକ ସରକାରୀ କାର୍ଯ୍ୟରେ ଦିଲ୍ଲୀ ଯାଇଛନ୍ତି। ଯେଉଁଥିପାଇଁ ସେ ଯାଜପୁର ବିଜେପି ଟିମ ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରିନାହାଁନ୍ତି। ତେବେ ପ୍ରଦୀପ ବଳ କାହିଁକି ଏହି ଟିମରେ ସାମିଲ ହୋଇନାହାଁନ୍ତି ତାହା ସ୍ପଷ୍ଟ ହୋଇପାରିନି। ତେବେ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ପ୍ରଦୀପ ବଳ ବବି ଦାସଙ୍କ ପ୍ରତି ତାଙ୍କ ପୂର୍ବ ଆନୁଗତ୍ୟ ପାଇଁ ଏହି ଟିମରେ ଯାଇନାହାଁନ୍ତି। ସେହିଭଳି ଧର୍ମଶାଳାରୁ ବିଜେପି ପ୍ରାର୍ଥୀ ହୋଇଥିବା ସ୍ମୃତିରେଖା ପହି ମଧ୍ୟ ଏହି ଟିମରେ ଯାଇନାହାଁନ୍ତି।

### ଓଡ଼ିଶା...

ଜୀବନ୍ତ ରଖିବାରେ ବହୁତ ବଡ଼ ଭୂମିକା ପ୍ରତିପାଳନ କରିଛି। ଭାରତର ସାଂସ୍କୃତିକ ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତିରୁ ଆମକୁ ବହୁତ ଶିକ୍ଷା ମିଳିଥାଏ। ଓଡ଼ିଶାର ସନ୍ତାନ ସ୍ୱାଧୀନତା ସଂଗ୍ରାମରେ ଲଢ଼େଇ କରି ଦିଶା ଦେଖାଇଛନ୍ତି। ପାଇକ ବିଦ୍ରୋହକୁ ଆମେ ଭୁଲିପାରିବା ନାହିଁ। ପାଇକ ବିଦ୍ରୋହ ଉପରେ ମୋ ସରକାରକୁ ଡାକ ଟିକେଟ୍ ଓ ମୁଦ୍ରା ଉନ୍ମୋଚନ କରିବାର ସୁଯୋଗ ମିଳିଛି। ଆମେ ଡଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ କରିବାରେ ସୁଯୋଗ ପାଇଛୁ। ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ହୋଇପାରିଛନ୍ତି। ତାଙ୍କର ପ୍ରେରଣାର ଭାରତରେ ହଜାର ହଜାର କୋଟି ଟଙ୍କାର ଆଦିବାସୀ କଲ୍ୟାଣ ଯୋଜନା ମାଧ୍ୟମରେ ଉପକୃତ ହେଉଛନ୍ତି। ଏଥିରୁ ଦେଶର କୋଟିକୋଟି ଆଦିବାସୀଙ୍କୁ ଲାଭ ମିଳୁଛି। ଓଡ଼ିଶା କେବେ ଆଗକୁ ବଢ଼ିବ? ଯେତବେଳ ଓଡ଼ିଶାର ମହିଳା ଆଗକୁ ବଢ଼ିବେ, ସେହି ସମୟରେ ଓଡ଼ିଶା ବିକଶିତ ହେବ। ଓଡ଼ିଶାର ସାଧବପୁଅ ମାନେ ଜାଭା, ବାଲି, ସୁମତ୍ରାରେ ନୌବାଣିଜ୍ୟ କରୁଥିଲେ। ଯେଉଁ ସମୟରେ କୌଣସି ଟେକ୍ନୋଲୋଜି ନଥିଲା ସେହିସମୟରେ ସାଧବପୁଅ ମାନେ ସାମୁଦ୍ରିକ ବାଣିଜ୍ୟ ସଫଳତାର ସହିତ କରୁଥିଲେ। ୨୦୨୪ରେ ଓଡ଼ିଶାବାସୀ ନୂଆ ଆଶା ଦେଇଛନ୍ତି। ୨୦୩୬ରେ ଓଡ଼ିଶା ଶତବାର୍ଷିକୀ ପାଳନ ହେବ। ଏହି ଅବସରରେ ଓଡ଼ିଶାର ବିକାଶ ଆମକୁ ଦେଖିବାର ଅଛି। ଏକଦା ଓଡ଼ିଶାକୁ ପଛୁଆ କୁହାଯାଉଥିଲା, କିନ୍ତୁ ଓଡ଼ିଶାକୁ ମୁଁ ପୂର୍ବ ଭାରତର ବିକାଶର ଇଞ୍ଜିନ ଭାବେ ଦେଖୁଛି। ଓଡ଼ିଶା ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଦିଗରେ ଅଗ୍ରଗତି କରୁଛି। ଓଡ଼ିଶାର ବିକାଶ ପାଇଁ ଗତବର୍ଷ ତୁଳନାରେ ୩୦ ପ୍ରତିଶତ ଅଧିକ ବଜେଟ୍ ଦିଆଯାଇଛି। ଓଡ଼ିଶାର କୃଷି ଉତ୍ପାଦନ ବଢ଼ାଇ ଚାଷୀମାନଙ୍କୁ ଲାଭବାନ କରାଯିବ। ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଅନ୍ତର୍ଜାତୀୟ ବଜାରରେ ଅଧିକ ଲୋକପ୍ରିୟ କରିବା ପାଇଁ ଉଦ୍ୟମ ହେଉଛି। ଓଡ଼ିଶାରେ ନୂଆ ସରକାରର ୧୦୦ ଦିନରେ ୪୫ହଜାର କୋଟି ନିବେଶକୁ ମଂଜୁରୀ ମିଳିଛି। ଏହି ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଉଚ୍ଚକୋଟୀର ବୋଲି ବର୍ଣ୍ଣନା କରିଛନ୍ତି। ଓଡ଼ିଶାରେ ବିକାଶ, ଓଡ଼ିଶାରେ ରେଳ ନେଟୱର୍କ, ଟେଲିଫୋନ୍ ନେଟୱର୍କ ସଂପର୍କରେ ରେଳମନ୍ତ୍ରୀ କହିଥିଲେ। ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

### ସଭ୍ୟ ସଂଗ୍ରହ...

ହେଲେ। କର୍ମୀ ପଚାରିଲେ, ଆମ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡାଇ କାହାନ୍ତି। ଏଇ ଗୋଟିଏ ପ୍ରଶ୍ନରେ ତିନି ନେତା ଘାଇଲା। କ'ଣ ଉତ୍ତର ଦେବେ ଜାଣିପାରିଲେ ନାହିଁ। ପରେ କର୍ମୀ ପଚାରିଲେ, ଆମକୁ ତ ସବୁବେଳେ ଥାର୍ଡ ଫ୍ଲୋର ଦେଖାଉଥିଲ, ଏବେ ଆମକୁ ସୁରକ୍ଷା ଦେବ କିଏ ? ଏଭଳି ପ୍ରଶ୍ନରେ ନେତାଙ୍କ ଅକଲ ଗୁଡୁମ୍ ହୋଇଗଲା। କର୍ମୀଙ୍କ କୋପ ନିବାରଣ ନିମନ୍ତେ କୌଣସି ପ୍ରକାର ତାଳିପକା କାମ କରି ତିନି ନେତା ସିଧା ଚାଲିଲେ ରାଉରକେଲା। ସେଠାରେ ଝାରସୁଗୁଡା, ସୁନ୍ଦରଗଡ ଓ ଦେବଗଡ ଜିଲ୍ଲାର ସ୍ଥିତି ସମୀକ୍ଷା କରିବାକୁ। ହେଲେ ବୈଠକ ବେଳେ ଦେଖାଗଲା ଯେ ଝାରସୁଗୁଡାର ବିଧାୟକ ପ୍ରାର୍ଥୀ ଦୀପାଳୀ ଦାସ, ସୁନ୍ଦରଗଡ ବିଧାୟକ ଯୋଗେଶ ସିଂହ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ବିଜେଡିରୁ ପ୍ରାର୍ଥୀ ହୋଇଥିବା ଭୀମସେନ ଚୌଧୁରୀ ଓ ରୋହିତ ଜୋସେଫ ତିର୍କୀ କେହି ନାହାନ୍ତି। ଫଳରେ କାହାକୁ ନେଇ ଜିଲ୍ଲା ସମୀକ୍ଷା କରିବେ ତିନି ନେତା ତାହା ଜାଣିପାରିଲେ ନାହିଁ। ଯାହା ସୂଚନା ମିଳୁଛି, ପଶ୍ଚିମ ଓଡ଼ିଶାରେ ବିଜେଡି ଫାଳ ଫାଳ ହେବାରେ ଲାଗିଛି। ଦଳର ତିନି ବରିଷ୍ଠ ନେତାଙ୍କୁ ବିଧାୟକ ଓ ପରାଜିତ ପ୍ରାର୍ଥୀମାନେ ଦେଖା ଦର୍ଶନ ନ ଦେବା ଏହାକୁ ସ୍ପଷ୍ଟ କରୁଛି। ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ ଅଣଦେଖା କରି ତିନି ନେତାଙ୍କୁ ଗସ୍ତକୁ ଜିଲ୍ଲାର କର୍ମୀ ଓ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଫଳରେ ନେତାମାନେ ଆକ୍ରୋଶର ଶିକାର ହେଉଛି । ଜିଲ୍ଲା ସ୍ତରରେ ଥିବା ନେତାଙ୍କୁ ଅନେକ ସନ୍ୟାସୀଙ୍କ ଶିବିରର ବୋଲି ବି କହିବାକୁ ପଛାଉ ନାହାନ୍ତି । ତେଣୁ ଯାହା ଲକ୍ଷ୍ୟ କରାଯାଉଛି ଖୁବ୍‌ଶୀଘ୍ର ବିଜେଡି ଫାଳ ଫାଳ ହେବା ସହିତ ଦଳର କର୍ମୀ ଓ ନେତା ନିଜ ନିଜର ଭବିଷ୍ୟତ ନିଷ୍ପତ୍ତି ଗ୍ରହଣ କରିବେ ।

### ଦଳ ପରେ...

ବେଳେ ଗଣମାଧ୍ୟମକୁ ବାସି ପାଣିରେ ପଚାରୁନଥିବା ବବି ଦାସ ଗତ ଚାରି ଦିନରେ ଦୁଇ ଥର ମିଡିଆକୁ ଲମ୍ବାଚଉଡା ବିବୃତି ଦେଉଛନ୍ତି। ଏଥିରୁ ତାଙ୍କର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। ଏସବୁର ମୂଳ ଉଦ୍ଦେଶ୍ୟ ହେଉଛି ନିଜସ୍ୱ ବ୍ୟବସାୟୀକ ଲାଭ। ବିରଜା ହାଟ ବ୍ୟବସାୟୀଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ କରିବା ଆଳରେ ନିଜର ଇଷ୍ଟେଟ ବ୍ୟବସାୟ ବଢାଇବାକୁ ଲକ୍ଷ୍ୟ ରଖିଥିଲେ ବବି, ଯାହା ଏବେ ଫସର ଫାଟି ଯାଇଛି। ମା ବିରଜାଙ୍କ ପରିକ୍ରମା ପ୍ରକଳ୍ପକୁ ବିଜେପି ବିରୋଧ କରୁନି କି ପ୍ରଶାସନ ବି ବନ୍ଦ କରୁନି। କିନ୍ତୁ ମୂଳ ସମସ୍ୟାଟି ରହିଛି ବିରଜା ହାଟକୁ ନେଇ। ଯୁଗ ଯୁଗରେ ଯେଉଁ ସ୍ଥାନରେ ହାଟ ବସୁଥିଲା ତାହା ଥିଲା ଜଣଙ୍କ ପୈତୃକ ସମ୍ପତ୍ତି। ପ୍ରକଳ୍ପ ପାଇଁ ଆରଏମସି ଜରିଆରେ ସେହି ସମ୍ପତ୍ତି ସମ୍ପୃକ୍ତ ବ୍ୟକ୍ତିଙ୍କ ଉତ୍ତରାଧିକାରୀମାନଙ୍କ ଠାରୁ କିଣାଯାଇଛି। କିନ୍ତୁ ଏଯାଏଁ ଆରଏମସି ସେହି ସ୍ଥାନକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ମଧ୍ୟ କରିନି। ସେପଟେ ପୁରୁଣା ସ୍ଥାନରୁ ହାଟକୁ ହଟେଇ ବ୍ୟବସାୟୀଙ୍କ ପାଇଁ ନୂଆ ଯାଗ ଚିହ୍ନଟ କରାଗଲା। ସେହିସ୍ଥାନକୁ ଜିଲ୍ଲା ପ୍ରଶାସନ ଅଧିଗ୍ରହଣ କରି ମାର୍କେଟ କମ୍ପ୍ଲେକ୍ସ ଆରମ୍ଭ କଲା ଆଉ ବ୍ୟବସାୟୀଙ୍କୁ ସ୍ଥାନାନ୍ତର କଲା। ହେଲେ ସେହି ଯାଗାକୁ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ବ୍ୟବସାୟୀମାନେ ସେଠାକୁ ଯିବାକୁ ରାଜି ନୁହଁନ୍ତି। ହୁଏତ ବିଜେଡି ସରକାରକୁ ଫେରିଥିଲେ ବବି ନିଜ ଲକ୍ଷ୍ୟ ହାସଲ କରିନେଇଥାନ୍ତେ। କିନ୍ତୁ ଦୁର୍ଭାଗ୍ୟ ବିଜେଡି ସରକାରକୁ ଆସିଲା ନାହିଁ, ଆଉ ବ୍ୟବସାୟୀମାନେ ସ୍ୱର ଉଠାଇବାକୁ ବଳ ପାଇଲେ। ହେଲେ ବବି ଓ ଲଲ ଚାହୁଁନାହାଁନ୍ତି ବିରାଜ ବଜାର ପୂର୍ବ ସ୍ଥାନକୁ ଫେରିଆସୁ। ଆରଏମସି ଯେତିକି ଜାଗା ଅଧିଗ୍ରହଣ କରିଛି ପ୍ରକଳ୍ପ ପରେ ବି ହାଟ ପାଇଁ ପର୍ଯ୍ୟାପ୍ତ ଜାଗା ବଳୁଛି। ବ୍ୟବସାୟୀମାନେ ଚାହୁଁଛନ୍ତି ପୁରୁଣା ସ୍ଥାନକୁ ଫେରିଯିବାକୁ। କିନ୍ତୁ ବବି ତାହା କରେଇ ଦେଉନାହାଁନ୍ତି। କାରଣ ହାଟ ପୁରୁଣା ସ୍ଥାନକୁ ଫେରିଆସିଲେ, ତାଙ୍କ ଜାଗାର ରେଟ ମଧ୍ୟ କମିଯିବ। କ୍ଷମତାରେ ଥିବା ବେଳେ ନାଲିଆଖି ଦେଖାଇ ବ୍ୟବସାୟୀଙ୍କୁ ନିଜ କବଜାରେ ରଖିଥିଲେ। ଏବେ ଆଉ ବ୍ୟବସାୟୀ ଚୁପ ରହିବାକୁ ନାରାଜ। ସେମାନେ ଖୋଲାଖୋଲି ବବି ଓ ଲଲଙ୍କ ଏକଛତ୍ରବାଦ ବିରୋଧରେ ସ୍ୱର ଉଠାଉଛନ୍ତି। ପୂର୍ବରୁ ସ୍ଥିତି ଅଲଗା ଥିବାରୁ ଜିଲ୍ଲା ପ୍ରଶାସନ ବି ବବିଙ୍କ କଥା ଅନୁସାରେ ଚାଲୁଥିଲା। ଏବେ ପ୍ରଶାସନ ପୂରା ନିଜ ଢାଞ୍ଚାରେ କାମ କରୁଛି। ବବିଙ୍କୁ ଏହା ହଜମ ହେଉନି, ସେ ହିଂସ୍ର ହୋଇଉଠିଛନ୍ତି। ଏଥିରେ ବଳି ପଡିଯାଇଛନ୍ତି ତାଙ୍କ ଭାଇ ଲଲ ଓ କିଛି ବିଜେଡି କର୍ମୀ।

### କ୍ରାଇମବ୍ରାଞ୍ଚ ...

ଆକ୍ରମଣର ମୂଳ ସୂତ୍ରଧର ଓ କାର୍ପଟଦାର କିଏ ତାକୁ ନେଇ ପୋଲିସ ଅଠାକାଠିରେ ପଡିଯାଇଛି। ଯେଉଁଥିପାଇଁ ପୋଲିସ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଛି। ଯଦିଓ ଏହି ଘଟଣାରେ ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଓରଫ ଲଲଙ୍କୁ ପୋଲିସ ଗିରଫ କରିସାରିଛି, ତଥାପି ଏହି ଆକ୍ରମଣରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ହାତ ଥିବା ମଧ୍ୟ ବିଜେପି ଅଭିଯୋଗ କରୁଛି। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପରେ ବବି ଦାସଙ୍କ ପାଇଁ ଅଡୁଆ ବଢିବାର ଆଶଙ୍କା ରହିଛି।

### ମହିଳାଙ୍କ...

ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ। ନିର୍ମଳ ମୁଣ୍ଡା, ଜଗନ୍ ତନ୍ତୀ, ବଳଭଦ୍ର ତନ୍ତୀ, ଦ୍ୱାରିକା ନାଥ କୁସୁମ ପ୍ରମୁଖ ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୩ ଲକ୍ଷ ୩୭ ହଜାରରୁ ଅଧିକଙ୍କୁ ପ୍ରଥମ କିସ୍ତିର ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୨୦୧ କୋଟି ଟଙ୍କାର ୯୮୪ଟି ପ୍ରକଳ୍ପର ଶୁଭାରମ୍ଭ ଓ ୮୦୮ କୋଟି ୩୦ ଲକ୍ଷ ୧୫ ହଜାର ଟଙ୍କା ବିନିଯୋଗରେ ନିର୍ମିତ ୬୯୨ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେହିପରି ୨୮୮ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଥିଲେ। ଏଥିପାଇଁ ୩୧୨ କୋଟି ୩ ଲକ୍ଷ ୧ ହଜାର ଟଙ୍କା ବିନିଯୋଗ ହେବ। ଏହା ସହିତ ମୁଖ୍ୟମନ୍ତ୍ରୀ ୮୧ କୋଟି ଟଙ୍କାର ଆଉ ୪ ଟି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଥିଲେ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଥିଲେ, ସବୁ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚିତ ଭାବରେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରି ମହିଳା ସଶକ୍ତୀକରଣକୁ ଆଗେଇ ନିଆଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଲେ, ରାଜ୍ୟ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାହା ପ୍ରତିବଦ୍ଧତାର ସହ ପାଳନ କରୁଛନ୍ତି। ଏକ କୋଟିରୁ ଅଧିକ ମହିଳା ନିଜେ ଘରୁ ବାହାରି ଡକ୍ୟୁମେଣ୍ଟ ଡିଜିଟାଇଜେସନ କରିଛନ୍ତି। ଏହା ଏକ ବଡ ଉପଲବ୍ଧି। ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ କହିଥିଲେ ଯେ ଓଡ଼ିଶା ଏବେ ବିକାଶ ପଥରେ ବ୍ୟାପକ ଅଗ୍ରଗତି କରୁଛି। ଓଡ଼ିଶା ନିଶ୍ଚୟ ଏକ ନମ୍ବର ରାଜ୍ୟ ହେବ। ରଘୁନାଥପାଲି ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହିଳା ଓ ଶିଶୁ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଧନ୍ୟବାଦ ଅର୍ପଣ କରିଥିଲେ।

# କିଏ ଶୁଣିବ ଜୁତି ବେଓ୍ୱାଙ୍କ ଦୁଃଖ ?



## ଭାଗ୍ୟକୁ ଆଦରି ପାଗଳ ପୁଅ ସହିତ ଚାଳ ଘରେ ବିତୁଛି ଜୀବନ

**ମହାକାଳପଡ଼ା, ୨୪।୧୧ (ସଂଚାର ବ୍ୟୁରୋ) :** ବୟସ ୮୦ ହେବାକୁ ବସିଲାଣି। ଅଣ୍ଟା ନଇଁଗଲା ପରେ ସିଧା ଚାଲିବାକୁ ଅକ୍ଷମ। ପାଗଳ ପୁଅଟି ସହିତ ଦଦରା ଚାଳ ଛପର ଘରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ଜୁତିଙ୍କ ଅସହାୟତା ଉପରେ କାହାରି ଦୃଷ୍ଟି ପଡୁନି। ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ଅସହାୟ ବିଧବା ବୃଦ୍ଧା ଜୁତି ବେଓ୍ୱାଙ୍କ କଥା। ଜୁତିଙ୍କୁ ଯେବେ ୫୬ ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ନିଜର ପାଗଳ ପୁଅ ଓ ୨ ଝିଅଙ୍କୁ ପାଳି ପୋଷି ବଡ କଲାପରେ ଦୁଇ ଝିଅଙ୍କ ବିବାହ କରିଥିଲେ। ଜୁତି ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ରେ ରାସନ୍ କାର୍ଡ ଓ ମଧୁବାବୁ ପେନସନ ଯୋଜନା ରେ ଭତ୍ତା ପାଉଛନ୍ତି। ପକ୍କାଘର ଖଣ୍ଡିଏ ନଥିବାରୁ ନିଜର ଚାଳ ଛପର ଘରେ ପାଗଳ ପୁଅ ସହିତ ରହି ଆସୁଛନ୍ତି। ବର୍ଷା ପବନ ହେଲେ ମନରେ ଅସୁମାରୀ ଭୟ ସୃଷ୍ଟି କରୁଛି। ଜୁତିଙ୍କ କହିବା ମୁତାବକ ମୋତେ ବୟସ ହେଲାଣି ମୁଁ କେତେବେଳେ ମରିଯିବି ହେଲେ ପାଗଳ ପୁଅଟି କେମିତି ଚଳିବ? ରହିବ କେଉଁଠି ? ସରକାରଙ୍କ ପକ୍ଷରୁ ଅନେକ ସମୟରେ ଭିନ୍ନକ୍ଷମ ମାନଙ୍କ ପାଇଁ ବିଭିନ୍ନ ସହାୟତା ମିଳୁଛି। ଯଦି ଆବାସ ଘର ଖଣ୍ଡିଏ ମିଳି ପାରନ୍ତା ତେବେ ଜୀବନ ବଞ୍ଚିବା ପାଇଁ ସୁବିଧା ହୁଅନ୍ତା। ବର୍ତ୍ତମାନ ଜିଲ୍ଲା ଓ ବ୍ଲକ ପ୍ରଶାସନ ଜୁତି ବେଓ୍ୱାଙ୍କ ଦୁଃଖ ଶୁଣି କିଭଳି ପଦକ୍ଷେପ ଗ୍ରହଣ କରିବେ ଦେଖିବାକୁ ବାକି ।

### ଏକକ ବ୍ୟବହୃତ ପ୍ଲାଷ୍ଟିକର ପୁନଃଚକ୍ରଣ ପାଇଁ ସହଜ ହେବ ବ୍ୟବସ୍ଥା

# ସରକାରଙ୍କୁ ପ୍ରସ୍ତାବ ଦେଲା ଉତ୍କଳମଣି ଯୁବକ ସଂଘ

**କେନ୍ଦ୍ରାପଡ଼ା, ୨୪।୧୧ (ସଂଚାର ବ୍ୟୁରୋ) :** ଦିନକୁ ଦିନ ବଢିବାରେ ଲାଗିଛି ପ୍ଲାଷ୍ଟିକର ବ୍ୟବହାର। ଗଦାଗଦା ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣ ସହିତ ଜୀବଜଗତ ପାଇଁ ହାନିକାରକ ପାଲଟିଛି। ଏହାର ସୁପରିଚାଳନା ଓ ପୁନଃଚକ୍ରଣ ଏବେ ସମସ୍ତଙ୍କ ପାଇଁ ଆହ୍ୱାନ ପାଲଟିଛି। ଏହିଭଳି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳମଣି ଯୁବକ ସଂଘ ଏକ ଅଭିନବ ପ୍ରସ୍ତାବ ଚିଠି ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଇଛନ୍ତି।

ପ୍ଲାଷ୍ଟିକ୍ ବ୍ୟବହାର ଏବଂ ବର୍ଜ୍ୟ ପ୍ରଦୂଷଣକୁ ଦୂର କରିବାକୁ ପୌରପାଳିକା, ମହାନଗର ନିଗମ ର ଜନଗହଳିପୂର୍ଣ୍ଣ ସ୍ଥାନ, ମେଡିକାଲ୍, ମହାବିଦ୍ୟାଳୟ,ପାର୍କରେ ପଲି ଏଥିଲିନ ଟେରେପ୍ଥେଲେଟ (ପ.ଇ.ଟି) ବୋତଲ ସ୍ଲେଡର୍ ମେସିନ୍ ସ୍ଥାପନ ପାଇଁ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଏହି ମେସିନ ସ୍ଥାପନା ହେବା ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟର ସଠିକ ପରିଚାଳନା ଏବଂ ପୁନଃଚକ୍ରଣ ପ୍ରକ୍ରିୟା ସହଜ ହୋଇ ପାରିବ। ପ୍ରତ୍ୟେକ ଶିକ୍ଷା ସଂସ୍ଥାନ, ବଜାର, ବସ ଷ୍ଟାଣ୍ଡ, ମେଡିକାଲ୍, ଏବଂ ସାର୍ବଜନୀନ ସ୍ଥାନଗୁଡ଼ିକରେ ଏହି ମେସିନ୍ ସ୍ଥାପନ କଲେ,ପ୍ଲାଷ୍ଟିକ୍ ବର୍ଜ୍ୟର ସଂଗ୍ରହ, ବିଭାଜନ ଏବଂ ପୁନଃଚକ୍ରଣ ସହଜ ହେବ। ଏହା ଦ୍ୱାରା ପ୍ରଦୂଷଣ କମିବା ସହିତ ଜଳ ସଂରକ୍ଷଣରେ ବଡ଼ ସଫଳତା ମିଳିବ।



ପ୍ଲାଷ୍ଟିକ୍ ପୁନଃଚକ୍ରଣ ପ୍ରସଙ୍ଗରେ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା କହିଛନ୍ତି, "ପ୍ଲାଷ୍ଟିକ୍ ପ୍ରଦୂଷଣ ଆଜି ବିଶ୍ୱ ପାଇଁ ଏକ ଗମ୍ଭୀର ସମସ୍ୟା। ଏହି ସ୍ଲେଡର୍ ମେସିନ୍ ସ୍ଥାପନ ଦ୍ୱାରା ସର୍ବସାଧାରଣଙ୍କୁ ପୁନଃଚକ୍ରଣ ସମ୍ପର୍କିତ ସଚେତନତା ଅଣାଯାଇପାରିବ। ଏହି ମେସିନରେ ବୋତଲ ଭରିଲେ ମେସିନ ତାହାକୁ ଛୋଟ ଛୋଟ ପେଣ୍ଡୁଳା ଆକାର କରାଇ ଦେବ ଏବଂ ସେହି ପ୍ଲାଷ୍ଟିକ ପେଣ୍ଡୁଳା ପୁନଃ ଚକ୍ରଣ ପାଇଁ ବିଭିନ୍ନ କମ୍ପାନୀ ମାନଙ୍କୁ ବିକ୍ରୀ କରାଯାଇପାରିବ। ସେଥିରୁ ଜୋତା, ଖେଳାଳି ମାନଙ୍କ ଜର୍ସି ଆଦି ପ୍ରସ୍ତୁତ ହୋଇ ପାରୁଛି। ତତ୍ ସହିତ ଯଦି ମେସିନ୍ ରେ ପ୍ଲାଷ୍ଟିକ ବୋତଲ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ କୌଣସି ପ୍ରୋତ୍ସାହନ ପାଇଁ ବ୍ୟବସ୍ଥା କରାଯିବ ତେବେ ଜନସାଧାରଣଙ୍କ ମଧ୍ୟରେ ଏଥିପାଇଁ ଆଗ୍ରହ ବୃଦ୍ଧି ପାଇବ। ଏହି ପ୍ରସ୍ତାବ ଆଗତ ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଚିଠି ନମ୍ବର ୧୧୩୯୩) ବିଭାଗୀୟ ମହାନଗର ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ସ୍ଲେଡିଙ୍ଗ ମେସିନ ସ୍ଥାପନା ହେବ,ଏହାଦ୍ୱାରା ପ୍ଲାଷ୍ଟିକ ବୋତଲ ଗୁଡ଼ିକୁ ଏଣେତେଣେ ପଡ଼ିବା ହ୍ରାସ ହେବ ଓ ସମସ୍ତେ ଅତି ସହଜରେ ପୁନଃ ଚକ୍ରଣ ପାଇଁ ପ୍ରୟାସ କରିବେ। ଯେଉଁ ପ୍ଲାଷ୍ଟିକ ବୋତଲ ଏଣେତେଣେ ଫିଙ୍ଗା ଯାଉଥିଲା ତାହା କମ୍ ହେବ। ଯାହାଦ୍ୱାରା ପ୍ରଦୂଷଣ ଅନେକ ମାତ୍ରାରେ ନିୟନ୍ତ୍ରଣ ହୋଇପାରିବ।

### ଅସହାୟ ମଞ୍ଜୁଲତାଙ୍କ ଦାହ ପାଇଁ କେହି ନଥିଲେ

# ଶବ ସତ୍କାର କଲା ଯୁବକ ସଂଘ



**କେନ୍ଦ୍ରାପଡା, ୨୪।୧୧ (ସଂଚାର ବ୍ୟୁରୋ) :** ଦୀର୍ଘ ଦିନ ଧରି ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରିଥିବା କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପଞ୍ଚାୟତ ମଣିଛକ ନିକଟସ୍ଥ ସରକାରୀ ରାସ୍ତା କଡରେ ଏକ ଝୁମ୍ପୁଡି ଘରେ ମଞ୍ଜୁଲତା ଓ ସ୍ୱାମୀ ରତ୍ନାକର ବାରିକ ରହି ଆସୁଥିଲେ । ମଞ୍ଜୁଲତା ବାରିକ କିଛିଦିନ ଅସୁସ୍ଥତା କାରଣରୁ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଗତ ୨୩ ତାରିଖ ସକାଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ମଞ୍ଜୁଲତାଙ୍କ ସ୍ୱାମୀ ରତ୍ନାକର ମଧ୍ୟ ଅସୁସ୍ଥତା କାରଣରୁ ବିଛଣାରୁ ଉଠି ପାରୁ ନାହାଁନ୍ତି। ନିଜର କେହି ପ୍ରିୟଜନ ନଥିବାରୁ ମର ଶରୀର ପଡି ରହିଥିବା ଖବର ପ୍ରସାରିତ ହେବା ପରେ ଓସ୍ତପୁର ଗ୍ରାମର ରଘୁନାଥଜୀଉ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରି ମଞ୍ଜୁଲତାଙ୍କୁ ମୁଖାଗ୍ନି ଦେବା ସହ ସତ୍କାର କାର୍ଯ୍ୟ ସମାପନ କରିଥିଲେ । ଯାହାକୁ ନେଇ ଆଖପାଖ ଅଂଚଳରେ ସମସ୍ତେ ଏନେଇ ବାହା ବାହା କହୁଛନ୍ତି । ତାଙ୍କର ଶୁଦ୍ଧିକାର୍ଯ୍ୟ ପାଇଁ ସରକାର ତଥା ପ୍ରଶାସନିକ ସହଯୋଗର ଆବଶ୍ୟକ ଅଛି । ସତ୍କାର ସମୟରେ ଯୁବକ ସଂଘର ନିହାର ରଞ୍ଜନ ପତି, ସୁରେନ୍ଦ୍ର ପତି, ପ୍ରଦ୍ୟୁମ୍ନ ସ୍ୱାଇଁ, ହୃଦାନନ୍ଦ ଦାସ, ଜୟନ୍ତୀ ଲେଙ୍କା, ନିରାକାର ଦଳାଇ, ସୂର୍ଯ୍ୟକାନ୍ତ ପରିଡା, ଲାଲୁ ପ୍ରସାଦ ନାୟକ, ସୌମ୍ୟ ପ୍ରକାଶ ସ୍ୱାଇଁ, ସତ୍ୟ ପ୍ରକାଶ ଘଡେଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଦଣ୍ଡ ପ୍ରଣାମ ମାରି କେନ୍ଦ୍ରାପଡ଼ାରୁ ଶ୍ରୀକ୍ଷେତ୍ର ଗସ୍ତ



**କେନ୍ଦ୍ରାପଡ଼ା, ୨୪।୧୧ (ସଂଚାର ବ୍ୟୁରୋ) :** ଦଣ୍ଡ ପ୍ରଣାମ ମାରି ମାରି ଭକ୍ତଙ୍କ ଗରଦପୁର ବ୍ଲକ ଶ୍ରୀ ଶ୍ରୀ ହରୀହର କ୍ଷେତ୍ର ମାହାଳ ଜଗନ୍ନାଥ ମନ୍ଦିରରୁ ପୁରୀ ଶ୍ରୀ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଛନ୍ତି । ପ୍ରାୟ ୧୫୦ କିଲୋମିଟର ବାଟ ଅତିକ୍ରମ କରିବାକୁ ଥିବା ବେଳେ ପ୍ରାୟ ୩ ମାସ ସମୟ ଲାଗିବ ବୋଲି ଜାଣିବାକୁ ମିଳିଛି । ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରୀ ହରିହର କ୍ଷେତ୍ର ମାହାଳ ଜଗନ୍ନାଥ ମନ୍ଦିରରୁ ଦଣ୍ଡ ପ୍ରଣାମ ମାରି ମାରି ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଭକ୍ତ ଗଙ୍ଗାଧର ସାମଲ। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ଶୁଭଦ୍ରାଙ୍କୁ ମୁଣ୍ଡିଆମାରି ଶ୍ରୀକ୍ଷେତ୍ର ଅଭିମୁଖେ ଭକ୍ତ ଗଙ୍ଗାଧର ମନ୍ଦିର ପରିଷରରୁ ବାହାରିବା ବେଳେ ସୃଷ୍ଟି ହୋଇଥିଲା ଭାବମୟ ପରିବେଶ। ଭଜନ କିର୍ତ୍ତନ ସହିତ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ଚର୍ତୁଦିଗ। ଭକ୍ତ ଗଙ୍ଗାଧର ପ୍ରାୟ ଦେଢ ବର୍ଷ ତଳେ ଦଣ୍ଡ ପ୍ରଣାମ ମାରି ମାରି ପ୍ରଥମେ ଶ୍ରୀ ହରିହର କ୍ଷେତ୍ର ମାହାଳରୁ ତୁଳସୀକ୍ଷେତ୍ର ଶ୍ରୀ ବଳଦେବଜୀଉଙ୍କ ନିକଟକୁ ଯାତ୍ରା କରିଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ଘର ସହ ଗୁହାଳ

**ମହାକାଳପଡ଼ା, ୨୪।୧୧ (ସଂଚାର ବ୍ୟୁରୋ) :** ଗୁହାଳରେ ଦେଇଥିବା ଧୁଆଁ ରୁ ଗୁହାଳ ଘର ସମେତ ରହୁଥିବା ଘରେ ଅଗ୍ନିକାଣ୍ଡ ଘଟି ସବୁକିଛି ଜଳି ଯାଇଛି। ମହାକାଳପଡ଼ା ବରକନ୍ଧା ପଞ୍ଚାୟତର ଗୋଖାଖଟି ଗ୍ରାମର ଗୟାଧର ସ୍ୱାଇଁ ଗାଈଗୋରୁଙ୍କ ପାଇଁ ଗୁହାଳ ଭିତରେ ଧୁଆଁ ଦେଇଥିଲେ। ସଂଧ୍ୟା ପ୍ରାୟ ୮ ଘଟିକା ସମୟରେ ହଠାତ ନିଆଁ ଜଳିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଗୁହାଳରୁ ଗାଈଗୋରୁଙ୍କୁ କାଢ଼ି ଚିତ୍କାର କରିବା ପରେ ସାହିପଡିଶା ଲୋକେ ଅଗ୍ନିଶମ ବାହିନୀକୁ ଫୋନ୍ କରିବା ସହିତ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ଅଗ୍ନିକାଣ୍ଡ ରେ ଗୁହାଳ ଘର ସହିତ ରହୁଥିବା ଘର ସମ୍ପୂର୍ଣ୍ଣ ଜଳି ଯାଇଛି।

# ଜିଲ୍ଲାପାଳଙ୍କୁ ଦେଖାଇଲେ କଳାକୃତି



**କେନ୍ଦ୍ରାପଡା, ୨୪।୧୧ (ସଂଚାର ବ୍ୟୁରୋ) :** ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପର ମହିଳା ମାନେ ବିଭିନ୍ନ ପ୍ରକାର ଖଦିର ହସ୍ତ ଡେରାବିଶ ବ୍ଲକ ଗୋଲରାହାଟ ଗ୍ରାମରେ ପ୍ରସ୍ତୁତ ହେଉଥିବା ସୁନାମଧନ୍ୟ ସାମଗ୍ରୀ ନିର୍ମାଣ କରି ଆଜି ଜିଲ୍ଲାପାଳଙ୍କୁ ପ୍ରଦର୍ଶିତ କରିଛନ୍ତି। ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପରେ ପ୍ରାୟ ଶତାଧିକ ମହିଳା ଏଥିରୁ ନିଜର ପରିବାର ପୋଷଣ କରୁଥିବା ଜଣାପଡିଛି । ଏହି ଗ୍ରୁପରେ ହସ୍ତ ଦ୍ୱାରା ନିର୍ମିତ ବିଭିନ୍ନ ରଂଗର ଖଦି କପଡା ଉପରେ ଏମ୍ବ୍ରୋଡରୀ ଡିଜାଇନ, ଟସର ଜ୍ୟାକେଟ, ଖଦି ସାର୍ଟ, ପଞ୍ଜାବୀ, ଲେଡିଜ କୃତି, ଲେଡିଜ ଡ୍ରେସ, ଟେବୁଲ କ୍ଲଥ, ଛାତ୍ରଛାତ୍ରୀଙ୍କ ଡ୍ରେସ, ଚାନ୍ଦୁଆ, ଡୋର ସ୍କ୍ରିନ, କାନ୍ଥରେ ଝୁଲା ଡିଜାଇନ ଆଦି କରିବା ସହ ବିଭିନ୍ନ ସାମଗ୍ରୀ ତିଆରି କରି ସରକାରଙ୍କର ମେଳା ମାଧ୍ୟମରେ ଜିଲ୍ଲାରେ ବିଭିନ୍ନ ଅଂଚଳରେ ପ୍ରଦର୍ଶନ କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ୍ୟ ମେଳାରେ ପ୍ରଦର୍ଶନ କରି ରୋଜଗାରକ୍ଷମ ହୋଇପାରିଛି । ଅନୁଷ୍ଠାନର ସଭାନେତ୍ରୀ ଲେସାତୁନ ବିବି ଓ ସଂପାଦିକା ରେସମା ବେଗମ ଜିଲ୍ଲାପାଳଙ୍କୁ ହସ୍ତ ନିର୍ମିତ ପ୍ରଦର୍ଶିତ କରି ଜିଲ୍ଲାପାଳଙ୍କୁ ତାଙ୍କ ଅନୁଷ୍ଠାନ ବୁଲି ଦେଖିବା ପାଇଁ ଅନୁରୋଧ କରିଛନ୍ତି । ଖଦି ଓ ଟସର କପଡା ଉପରେ ହସ୍ତ ନିର୍ମିତ ବିଭିନ୍ନ କଳାକୁ ଦେଖି ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା ମଧ୍ୟ କରିଛନ୍ତି ।

### କେନ୍ଦ୍ରାପଡା ଜିଲ୍ଲା ଏଡିଇଓ ସଂଘ ଗଠିତ

# ଜ୍ୟୋତି ସଭାପତି, ପାରେଶ୍ୱର ସମ୍ପାଦକ

**କେନ୍ଦ୍ରାପଡା, ୨୪।୧୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ଆକାଉଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ)ମାନଙ୍କ ଜିଲ୍ଲାସ୍ତରୀୟ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କେନ୍ଦ୍ରାପଡା ସହରସ୍ଥିତ ଶ୍ୟାମାକାଳୀ ମଣ୍ଡପ ପରିସରରେ ଶନିବାରଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସର୍ବସମ୍ମତି କ୍ରମେ ଜ୍ୟୋତିରଂଜନ ପତି-ସଭାପତି, ଲିପେସ ମହାନ୍ତି -ଉପସଭାପତି, ପାରେଶ୍ୱର ରାୟ-ସମ୍ପାଦକ, ଅଶୋକ କୁମାର ବରଜ-ସହ ସମ୍ପାଦକ, ଶୁଭ୍ରାଂଶୁ ଶେଖର ଦାସ-ସଂଗଠନ ସମ୍ପାଦକ ଓ ସତ୍ୟପ୍ରକାଶ ପାଣି-କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି ମନୋନୟନ ପରେ ନୂତନ କର୍ମକର୍ତ୍ତା ଓ ଜିଲ୍ଲାର ଏଡ଼ିଇଓମାନଙ୍କ ମଧ୍ୟରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ରାଜ୍ୟ ସମ୍ପାଦକ ସଂଗ୍ରାମ ସିଂହ, ସଂଗଠନ ସମ୍ପାଦକ ଡ. ଅଜୟ କୁମାର ଜେନା, କୋଷାଧ୍ୟକ୍ଷ ଦେବାଶିଷ ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ମଳୟ କୁମାର ସାହୁ ଏବଂ ତ୍ରିଲୋଚନ ବିଶ୍ୱାଳ




ପ୍ରମୁଖ ଯୋଗ ଦେଇ ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହ କେନ୍ଦ୍ରାପଡା ଜିଲ୍ଲା ରାଜ୍ୟରେ ପ୍ରଥମ ସଂଗଠନ ଭାବେ କର୍ମକର୍ତ୍ତା ମନୋନୟକ କରି ଆଗକୁ ବଢିଥିବାରୁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା ଏଡ଼ିଇଓ ସଂଘ ପକ୍ଷରୁ ଉପସ୍ଥିତ ରାଜ୍ୟ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।

# ଗ୍ରାମାଞ୍ଚଳ ଭଲି ଟୁର୍ଣ୍ଣାମେଣ୍ଟ: ମା ଜୟଦୁର୍ଗା ଟିମ୍ ଚମ୍ପିୟାନ

**ରାଜନଗର, ୨୪।୧୧ (ସଂଚାର ବ୍ୟୁରୋ) :**ରାଜନଗର ବ୍ଲକର ଡାଙ୍ଗମାଳ ଠାରେ ଗ୍ରାମାଞ୍ଚଳ ଭଲିବଲ ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୪ଟି ଦଳ ମଧ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭିତରକନିକାର ମା'ଜୟଦୁର୍ଗା ଭଲିବଲ ଟିମ ବାଘମାରି ଭଲିବଲ ଟିମକୁ ୨-୦ ରେ ହରାଇ ଚମ୍ପିୟାନ ହୋଇଛି। ମା'ଜୟଦୁର୍ଗା ଭଲିବଲ ଟିମ ପକ୍ଷରୁ ଏହି ଗ୍ରାମାଞ୍ଚଳ ଭଲିବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ମା'ଜୟଦୁର୍ଗା ଭଲିବଲ ଟିମ ହାତିଆଗଣ୍ଡ ଭଲିବଲ ଟିମ୍ ସହିତ ଓ ବାଘମାରି ଭଲିବଲ ଟିମ ରଗଡ଼ାପାଟିଆ ଭଲିବଲ ଟିମ ସହିତ ଲିଗ ମ୍ୟାଚ ଖେଳା ଯାଇଥିଲା। ମା'ଜୟଦୁର୍ଗା ଭଲିବଲ ଟିମ ଓ ବାଘମାରୀ ଭଲିବଲ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜୟଦୁର୍ଗା ଭଲିବଲ ଟିମ ବାଘମାରିକୁ ୨୫-୧୮ ଓ ୨୫-୧୭ ଗୋଲରେ ହରାଇ ଚମ୍ପିୟାନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏସିଏଫ ମାନସ କୁମାର ଦାସ ମୁଖ୍ୟ ଅତିଥି, ସମିତିସଭ୍ୟ ଶ୍ରୀଚରଣ ଦାସ, ନାଏବ ସରପଞ୍ଚ କାର୍ତିକ ବେହେରା, ଶିକ୍ଷାବିତ ଚିତ ରଞ୍ଜନ ବେହେରା, ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ସୂର୍ଯ୍ୟ ନାରାୟଣ ଲେଙ୍କା, ତ୍ରିଲୋଚନ ଦାସ, ତାପସ କୁମାର ପରିଡ଼ା, ମୋହନ ଚନ୍ଦ୍ର ବିଶ୍ୱାଳ, କୃତିବାସ ପ୍ରଧାନ, ଜଗବନ୍ଧୁ ଖଟୁଆ, ଯୁବନେତା



ପ୍ରଭାତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁନିଲ ରାଉତରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ରୋହିତ ବେହେରାଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଶ୍ରୀ ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମ ଜୟନ୍ତୀ

**ବୋରିଗୁମ୍ମା, ୨୪।୧୧ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ପରିସରରେ ଭଗବାନ ଶ୍ରୀ ସତ୍ୟସାଇ ବାବା ଙ୍କ ୯୯ ତମ ଜନ୍ମ ଜୟନ୍ତୀ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବୋରିଗୁମ୍ମା ଭଜନ ମଣ୍ଡଳୀର ଆବାହକ ଶରତ କୁମାର ଦାସଙ୍କ ସହଯୋଗରେ ପ୍ରାତଃ ୪.୩୦ରେ ଓଁକାର ସୁପ୍ରଭାତମ, ୫ ଟାରେ ନଗର ସଂକୀର୍ତ୍ତନ, ସକାଳ ୯ଟାରେ ଭଗବାନ ସତ୍ୟସାଇ ବାବାଙ୍କ ଫଟୋ ରାଲି କରାଯାଇ ୧୦ ଟା ରେ ପୂଜା ଆରମ୍ଭ କରାଯାଇଥିଲା।ମଧ୍ୟାହ୍ନ ୧୨ ଟା ରେ ନାରାୟଣ ସେବା, ସନ୍ଧ୍ୟା ୫.୩୦ରେ ୯୯ ଟି ପ୍ରଦୀପ ପ୍ରଜ୍ୱଳନ,୬.୧୫ ରେ ବାଲବିକାଶ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ଓ ଆଳତୀ କରାଯାଇଥିଲା।ତେବେ ସତ୍ୟସାଇ ସଦସ୍ୟ ମାନେ କଠୋର ଶୃଙ୍ଖଳା ଅନୁସରଣ କରୁଛନ୍ତି। ସତ୍ୟସାଇ ସଦସ୍ୟମାନେ ବିଭିନ୍ନ ସମୟରେ ନାରାୟଣ ସେବା କରିବା ସହ ମାନବ ସେବା କୁ ମାଧବ ସେବା ବୋଲି ମତ ଦେଇଛନ୍ତି। ଶ୍ରୀ ଭଗବାନ ସତ୍ୟସାଇ ବାବାଙ୍କ ଜନ୍ମ ଜୟନ୍ତୀ ରେ ଶହ ଶହ ସତ୍ୟସାଇ ଭକ୍ତ ମନ୍ଦିରକୁ ଆସି ବାବାଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ।

# ସିପିଆଇ(ଏମ୍) କେନ୍ଦ୍ରାପଡା ଜିଲ୍ଲା ୧୧ଶ ସମ୍ମିଳନୀ ଉଦ୍‌ଯାପିତ

**ରାଜକନିକା, ୨୪।୧୧ (ସଂଚାର ବ୍ୟୁରୋ) :** ଦରଦାମ ନିୟନ୍ତ୍ରଣ କରିବା, ବେକାରୀଙ୍କୁ ନିଯୁକ୍ତି ଦେବା ସହିତ ଖାଲି ପଡିଥିବା ସମସ୍ତ ପଦବୀ ପୂରଣ କରିବା, ଜାତିଗତ ଜନଗଣନା କରିବା, ଚାଷୀର ସମସ୍ତ ବଳକା ଧାନ କ୍ରୟ କରିବା, କୁମ୍ଭୀର




ସମେତ ବଣ୍ୟଜନ୍ତୁଙ୍କ ଠାରୁ ଧନ ଜୀବନ ରକ୍ଷା କରିବା, ଚାନ୍ଦବାଲି-କେନ୍ଦ୍ରାପଡା ରେଳ ସଂଯୋଗ କରିବା, ପରିବର୍ଦ୍ଧିତ ଇକୋ ସମ୍ବେଦିତ ଜୋନକୁ ପ୍ରତ୍ୟାହାର କରିବା ଦାବିରେ ରବିବାର ଦିନ ସିପିଆଇ(ଏମ୍) ୧୧ଶ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ଆରମ୍ଭରେ ପାର୍ଟିର ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ ପାର୍ଟିର ପତାକା ଉତ୍ତୋଳନ କରିଥିଲେ। ସହିଦ ବେଦିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରୟାତ ପାର୍ଟି ନେତା ବାବାଜୀ ପରିଡାଙ୍କ ନାଁରେ ନାମିତ ମଞ୍ଚରେ ଘରୋଇ ଅଧିବେଶରେ ଆରମ୍ଭ ହୋଇଥିଲା। ଜଗତଜୀବନ ଦାଶ, ନଳିନୀପ୍ରଭା ତରାଇ,ସୋମନାଥ ବିଶ୍ୱାଳଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜମେଶ୍ୱର ସାମନ୍ତରାୟ କହିଲେ ଜନଗଣଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷାକରି ଜନବାଦୀ ଦାବି ଗୁଡିକୁ ନେଇ ବ୍ୟାପକ ଆନ୍ଦୋଳନ କରିବାକୁ ପଡିବ। ଜିଲ୍ଲା ସମ୍ପାଦକ ଗୟାଧର ଧଳ ଗତ ୩ବର୍ଷର ସାଙ୍ଗଠନିକ ରିପୋର୍ଟ ପାଠ କଲାପରେ ଉପସ୍ଥିତ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଶତାଧିକ ପ୍ରତିନିଧିମାନଙ୍କୁ ନେଇ ଚାଲିଥିବା ଏହି ସମ୍ମିଳନୀ ଆସନ୍ତା ତିନିବର୍ଷ ପାଇଁ ଏକ ୯ଜଣିଆ ଜିଲ୍ଲା କମିଟି ନିର୍ବାଚିତ କରିଛି।

# ୫ ସ୍ୱର୍ଣ୍ଣ ଜିତିଲା ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର, ୨୪।୧୧ (ସଂଚାର ବ୍ୟୁରୋ) :** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଇଣ୍ଟରନ୍ୟାସନାଲ କନଭେନସନ ଅନ୍ କ୍ୱାଲିଟି କଣ୍ଟ୍ରୋଲ ସର୍କଲ, ୨୦୨୪ରେ ପାଞ୍ଚଟି ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଛି। ଶ୍ରୀଲଙ୍କା ଆସୋସିଏସନ୍ ଫର୍ ଆଡଭାନ୍ସମେଣ୍ଟ ଅଫ୍ କ୍ୱାଲିଟି ଆଣ୍ଡ ପ୍ରୋଡକ୍ଟିଭିଟି (ଏସ୍‌ଏଲ୍‌ଏଏକ୍ୟୁପି) ଦ୍ୱାରା କଲମ୍ବୋଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଚଳିତ ବର୍ଷର ଥିମ୍ ରହିଥିଲା "ବିୟଣ୍ଡ ବାଉଣ୍ଡରିଜ୍: ଏ କ୍ୱେଷ୍ଟ ଫର୍ କ୍ୱାଲିଟି, ପ୍ରୋଡକ୍ଟିଭିଟି ଆଣ୍ଡ ଇନୋଭେସନ୍"। ଏଥିରେ ୧୪ ଦେଶରୁ ୧୦୮୩ ଟିମ୍ ଯୋଗ ଦେଇଥିଲେ ଏବଂ ଗୁଣବତ୍ତା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମସ୍ତେ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ଅଭିନବ ସମାଧାନ ଏବଂ ଗୁଣବତ୍ତାରେ ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ପାଇଁ ଟିପିଏସ୍‌ଓଡିଏଲ୍ ଟିମ୍ ପୁରସ୍କୃତ ହୋଇଛି। ଏହି ସଫଳତା




ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଆଇସିକ୍ୟୁସିସି ୨୦୨୪ ରେ ଉତ୍ତମ ପ୍ରଦର୍ଶନ କରିଥିବା ସମସ୍ତ ଟିମକୁ ମୁଁ ଶୁଭେଚ୍ଛା ଜଣାଉଛି। ଏହି ପୁରସ୍କାର ଆମର କର୍ମଚାରୀମାନଙ୍କ ଦଳଗତ ପ୍ରୟାସ ଏବଂ ନିଷ୍ଠାପର ସେବାକୁ ପ୍ରମାଣିତ କରୁଛି। ଟିପିଏସ୍‌ଓଡିଏଲରେ ଆମେ କର୍ମଚାରୀ ନିୟୋଜନ ଦ୍ୱାରା ଗ୍ରାହକ-କୈନ୍ଦ୍ରିକ ସେବା ଯୋଗାଇବା ସହ ଗୁଣବତ୍ତା ଉତ୍କର୍ଷତା ହାସଲ କରିବା ଦିଗରେ ପ୍ରତିବଦ୍ଧ ରହିଛୁ। ଏହି ପୁରସ୍କାର ନିରନ୍ତର ଉନ୍ନତି ସହ ଅଭିନବତାକୁ ପ୍ରୋତ୍ସାହନ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ, ଯାହା ଗୁଣବତ୍ତା ଏବଂ ଉତ୍ପାଦକତା କ୍ଷେତ୍ରରେ ବୈଶ୍ୱିକ ମାନଦଣ୍ଡକୁ ପୂରଣ କରୁଛି।

ଅନ୍ତର୍ଜାତୀୟ ସ୍ତରରେ ଏହି ସମ୍ମାନ ଭରସାଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କୈନ୍ଦ୍ରିକ ସେବା କ୍ଷେତ୍ରରେ କମ୍ପାନୀର ଭିଜନକୁ ସୁଦୃଢ଼ କରିବାରେ ସହାୟକ ହେବ। ବିଦ୍ୟୁତ ବିତରଣ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ ଆପଣାଇବା ସହ ପ୍ରତିଭାକୁ ପ୍ରୋତ୍ସାହନ କରିବା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହି ଆସିଛି।

# ଖଣତାରେ ଗାନ୍ଧୀ ପ୍ରତିମୂର୍ତ୍ତି ଓ ସୁବିଧା ଗୃହ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୨୪।୧୧ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଣତା ପଂଚାୟତରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସୁବିଧା ଗୃହ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଖଣତା ସରପଞ୍ଚ ଅନିଲ ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ପଂଚାୟତର ସୁବିଧା ଗୃହ ଉଦଘାଟନ କରିଥିଲେ । ଏହି ଉତ୍ସବରେ ଖଣତା ସମିତି ସଭ୍ୟ ସୁରେଶ ଜେନା, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ସାମ୍ବାଦିକ ଭାସ୍କର ରାଉତରାୟ, ପୂର୍ବତନ ସରପଞ୍ଚ ଦିବାକର ସେଠୀ ଓ ନାୟବ ସରପଞ୍ଚ ବାସନ୍ତୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପିଇ ଓ ତପନ ପ୍ରଧାନ ଓ ଜି ଆର ଏସ ଇତିଶ୍ରୀ ମିଶ୍ର ପରିଚାଳନା କରିଥିବାବେଳେ ୱାର୍ଡମେମ୍ବର ଅକ୍ଷୟ ଲେଙ୍କା, ନୟନା ବାରିକ, କୃଷ୍ଣ ଚନ୍ଦ୍ର ରାଉତ ଆର୍ତ୍ତତ୍ରାଣ ପ୍ରଧାନ,ବସନ୍ତ ବେହେରା, ସବିତା ରାଉତ, ସୁଚିତ୍ରା ମଲିକ, ଡମ୍ବରୁ ସେଠୀ, ସୁଭଦ୍ରା ନାୟକ ଓ ପ୍ରଶାନ୍ତ ସେଠୀ ପରିଚାଳନାରେ ସହଯୋଗ କରିଥିଲେ ।

# ମୂର୍ଚ୍ଛନା କଳା ପରିଷଦ ଉଦ୍‌ଘାଟିତ



**ରାଜନଗର, ୨୪।୧୧ (ସଂଚାର ବ୍ୟୁରୋ) :** ରାଜନଗରସ୍ଥିତ ସେଂଟ ଜାଭିୟର ସ୍କୁଲ ଆନୁକୂଲ୍ୟରେ ମୂର୍ଚ୍ଛନା କଳା ପରିଷଦର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଗୁରୁଜୀ ଶୁକଦେବ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ବସନ୍ତ କୁମାର ହାତି, ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ ଦୁର୍ଗା ପ୍ରସନ୍ନ ଜେନା, ଯୁବକବି ପବିତ୍ର ବ୍ରହ୍ମପୁତ୍ର ନାୟକ, ଯୁବ ଆଇନଜିବୀ ଦେବଦତ୍ତ ସେଠୀ, ବରିଷ୍ଠ କଳାକାର ରାମଚନ୍ଦ୍ର ବାରିକ, ପ୍ରହଲ୍ଲାଦ ରାଉତ, ବେଲପାଳ ନିମ୍ନ ମୌଳିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଧାସ୍ମିତା ବିଶ୍ୱାଳ, ଜଗନ୍ନାଥପୁର ଶାସନ ଶିକ୍ଷାନିକେତନର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କର ଲୁକାୟିତ ପ୍ରତିଭାର ବିକାଶ ମୂର୍ଚ୍ଛନା କଳାପରିଷଦର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଯୁବ ପ୍ରତିଭା ଆଶୁତୋଷ ନାଥଶର୍ମା, ଆର୍ଯ୍ୟନ ବେହେରା, ରାମଚନ୍ଦ୍ର ବାରିକ ପ୍ରମୁଖ ଭଜନ ପରିବେଷଣ କରିଥିଲେ।

# ପୋଖରୀରେ ବୁଡି ଶିଶୁକନ୍ୟା ମୃତ

**ରାଜନଗର, ୨୪।୧୧ (ସଂଚାର ବ୍ୟୁରୋ):** ରାଜନଗର ଥାନା ସଦର ମହକୁମା ପଞ୍ଚାୟତର ଡିଆପାରି ଗ୍ରାମର କାର୍ତିକ ସେଠୀଙ୍କ ୨ ବର୍ଷର ନାତୁଣୀ କୌଶଲ୍ୟା ସେଠୀ ଆଜି ସକାଳ ୮ଟାରେ ଖେଳୁଥିବା ସମୟରେ ପୋଖରୀରେ ପଡ଼ି ଯାଇଥିଲା। ଘରଲୋକ ଦୀର୍ଘସମୟ ଧରି କୋଶଲ୍ୟାକୁ ନପାଇବାରୁ ଏଣେତେଣେ ଖୋଜାଖୋଜି କରିଥିଲେ। ଗାଁ ଲୋକେ କୌଶଲ୍ୟା ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ କୌଶଲ୍ୟାଙ୍କୁ ପୋଖରୀରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁନି ଝିଅ କୌଶଲ୍ୟାଙ୍କ ମୃତ୍ୟୁରେ ପୁରା ପରିବାର ଭାଙ୍ଗି ପଡ଼ିଥିବା ବେଳେ ଡିଆପାରି ଗାଁରେ ଶୋକର ଛାୟା ଖେଳିଯାଇଛି।

# ନାଉଗାଁ ବ୍ଲକ ଗାଁ ସାଥି ସଙ୍ଘର ବୈଠକ

**ନାଉଗାଁ, ୨୪।୧୧ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକର ଗାଁ ସାଥି ସଙ୍ଘର ସମସ୍ତ ଗାଁ ସାଥୀ ମାନଙ୍କୁ ନେଇ ନାଉଗାଁର ଚଗଲା ଦାସ ମଠ ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ କମିଟି ର ସଭ୍ୟ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗ ଦେଇଥିଲେ, ଗାଁ ସାଥୀ ମାନଙ୍କର ବିଭିନ୍ନ ଦାବି ବିଷୟରେ ଆଲୋଚନା କରିବା ସହିତ ଗାଁ ସାଥୀ ମାନଙ୍କର ମାସିକ ପ୍ରୋତ୍ସାହନ ଓ ସ୍ଥାୟୀ ନିଯୁକ୍ତି ପ୍ରସଙ୍ଗରେ ଶ୍ରୀ ସ୍ୱାଇଁ ଆଲୋଚନା କରିଥିଲେ। ଆସନ୍ତା ୨୫ ତାରିଖ ଦିନ ରାଜ୍ୟ ଗାଁ ସାଥୀ ସଙ୍ଘ ସହିତ ଏକ ଉଚ୍ଚ ସ୍ତରୀୟ ସରକାରୀ ଆଲୋଚନା ହେବ। ଏଥି ସହିତ ସମସ୍ତ ଗାଁ ସାଥୀ ମଧ୍ୟ




ଉତ୍ସାହିତ ଥିବାର ଦେଖା ଦେଇଥିଲା । ଗାଁ ସାଥୀ ସଙ୍ଘର ରାଜ୍ୟ କମିଟିର ସଭ୍ୟ ତଥା ନାଉଗାଁ ବ୍ଲକର ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, ତଥା ନାଉଗାଁ ବ୍ଲକର ସମ୍ପାଦକ ସାରଦା ପ୍ରସନ ଆଚାର୍ଯ୍ୟ ସମେତ ଅନ୍ୟ ଗାଁ ସାଥୀ ମାନଙ୍କ ମାଧ୍ୟମରେ ଚୁମକି ଗିରି, ଅଭିମନ୍ୟୁ ବିଶ୍ୱାଳ, ସୁରେଶ ଚନ୍ଦ୍ର ଦାସ, ରଶ୍ମିତା ଦାସ, ସୁଦ୍ଧା ରାଣୀ ପରିଡା, କୃତିବାସ ନାୟକ ସମେତ ବହୁ ଗାଁ ସାଥୀ ସଭାରେ ଯୋଗ ଦେଇଥିଲେ।




## ତିନି ଶହ କୋଟିର ଦେଣ ନେଣ

ନିକଟରେ ହୋଇଥିବା ୩୦୦ କୋଟି ଟଙ୍କାର ଦେ'ଣ ନେ'ଣକୁ ନେଇ ଚର୍ଚ୍ଚା। ଅବଶ୍ୟ ଏହା ପୁଞ୍ଜି ନିବେଶ ନୁହେଁ କି ଋଣ ନୁହେଁ। କେହି ବି କାହାକୁ ଉଧାର ଦେଇ ନାହାନ୍ତି। ହେଲେ ଟଙ୍କା ଦିଆ ନିଆର ଖବର ଭୁବନେଶ୍ୱର ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଉଡିବାରେ ଲାଗିଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ ଜଣେ ଅଣରାଜନୈତିକ ବ୍ୟକ୍ତି (ପୂର୍ବରୁ ରାଜନୀତିରେ ଥିଲେ) ନିଜର ସୁରକ୍ଷା ପାଇଁ ଏହି ଦେଣ ନେଣ କରିଛନ୍ତି। ଟଙ୍କା ସିଧା ଭୁବନେଶ୍ୱରରୁ ଦିଲ୍ଲୀ ଯାଇଛି। ତେବେ ଏ ଟଙ୍କା କାହା ପାଖକୁ ଯାଇଛି ତାହାର ସେଭଳି ଠୋସ୍ ପ୍ରମାଣ ନାହିଁ। ଯେହେତୁ ଭୁବନେଶ୍ୱରରୁ ଟଙ୍କା ଯିବାର ଖବରଟି କିଛି ଲୋକ ପାଇଛନ୍ତି ତେଣୁ ତାହା ଚର୍ଚ୍ଚାକୁ ଜୋରଦାର କରିବାରେ ଲାଗିଛି।




ତେବେ ନିଆଁରେ ଘିଅ ଢାଳିଛି ଯେଉଁ ବ୍ୟକ୍ତିଙ୍କ ନାଁଟି ଏହି କାରବାର ସହିତ ଯୋଡିହୋଇ ଯାଇଛି ତାଙ୍କ ନାଁରେ ହଜାରେ ଅଳିଆ ଥିଲେ ବି ସିଏ କିନ୍ତୁ ଭୁବନେଶ୍ୱରରେ ବିନ୍‌ଦାସ ହୋଇ ବୁଲୁଛନ୍ତି। ନିକଟରେ ତାଙ୍କୁ ଜାଲ ପକାଇ ଧରିବାର ଖବର ଉଡିବା ପରେ ବାବୁ କୁଆଡେ ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ କମାଇଥିବା ମାତ୍ର ଅର୍ଥରୁ ୩ଶହ କୋଟି ଛାଡିଛନ୍ତି। ଏହି ଟଙ୍କା କୁଆଡେ ଠିକଣା ସ୍ଥାନରେ ପହଁଚିଛି ଓ ବାବୁ ଏବେ କିଛି ଦିନ ପାଇଁ ପୁରା ସୁରକ୍ଷିତ ବୋଲି କୁହାଯାଉଛି। ତେବେ ନିନ୍ଦୁକମାନେ କହୁଛନ୍ତି ଯେ ଟଙ୍କା ପାଇଥିବା ଲୋକ କିନ୍ତୁ ମୁଣି ଖାଲି ନକରିବା ପର୍ଯ୍ୟନ୍ତ ମଝିରେ ମଝିରେ ଏମିତି ଶୋଷି ଚାଲିଥିବେ ଓ ମାଲ୍ ପାଇଲା ପରେ ସବୁ କିଛି ଭୁଲିଯାଇ କିଛିଦିନ ଶୋଇ ପଡିବେ।

## ଗୋଲାପି ଦୃଶ୍ୟରେ କମିଶନରଙ୍କ ମୁଣ୍ଡ ଗୋଲ

ନୂଆ ପୁଲିସ୍ କମିଶନର ନିଜ ଥାନା ଅଞ୍ଚଳର ଗୋଲାପି ଦୃଶ୍ୟ ଦେଖିବା ପରେ ତାଙ୍କ ମୁଣ୍ଡ ଗୋଲ ହେଲାଣି। ଚୋରଙ୍କୁ ଜଗିବାପାଇଁ ପୁଲିସ୍ ମୁତୟନ କରିବା ବଦଳରେ ନିଜ ଅଧିନରେ ଥିବା ବାବୁ ବାବୁଆଣୀମାନଙ୍କୁ ଜଗିବା ଉପରେ ଗୁରୁତ୍ୱ ଦେଲେଣି। ରାଜଧାନୀର ଅଧିକାଂଶ ଥାନରେ ଏବେ




ପ୍ରେମରତୁ ଚାଲିଛି। କେଉଁଠି ବାବୁଙ୍କ ବଦଳରେ ବାବୁଆଣି ଉପାସ କଲେଣି ତ ଆଉ କେଉଁଠି ରାତି ଡ୍ୟୁଟିରେ ଥିବା ବାବୁଆଣି କାର୍ ଭିତରେ। ଚୋର ପୁଲିସ୍ ଖେଳିଲେଣି। ଆଉ ଜଣେ ବାବୁଆଣି ତ ସବୁ ସୀମା ଟପି ନିଜର ପ୍ରେମ ପରିସରକୁ ରାଜପଥ ଡିଆଁଇ ସହର ଭିତରେ ହଇଚଇ କରୁଛନ୍ତି। ଏଭଳି ଖବର କମିଶନରଙ୍କ କାନରେ ପଡିବା ପରେ ସିଏ ଏବେ କାହାକୁ ଜଗିବେ ଜାଣିପାରୁ ନାହାନ୍ତି। ସହଜେ ତ ଆଗକୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଆସୁଛନ୍ତି। ତାଙ୍କ ସହିତ ଭାରତର ସୁରକ୍ଷା ପରାମର୍ଶଦାତା ଡୋଭାଲ ବି। ତେଣୁ ଏହି ସମୟରେ ଥାନାଗୁଡିକରେ ଯେଭଳି ଗୋଲାପି କାର୍ଯ୍ୟକ୍ରମ ଚାଲିଛି ତାହାର ନିରାକରଣ କରାନଗଲେ ସବୁ ବିଭ୍ରାଟ ହୋଇଯିବ ବୋଲି କିଛି ଖାକିବାବୁ କମିଶନରଙ୍କ କାନରେ କହିଥିବା ଜଣାଯାଇଛି।

## ସାରଦାଙ୍କ ପାଇଁ ଶିବ ପୂଜା



ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ପାଇଁ ଶିବ ପୂଜା ହେଉଛି। ତେବେ ଏ ପୂଜା ସାରଦାଙ୍କ ମଙ୍ଗଳ ପାଇଁ ନୁହେଁ, ସାରଦାଙ୍କ ପ୍ରଭାବ ହ୍ରାସ ପାଇ ହେଉଥିବା ଆଲୋଚନା ଚାଲିଛି। କଟକ ଜୋବ୍ରାସ୍ଥିତ ଏହି ମନ୍ଦିରରେ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ମହାଦେବ ପୂଜାର ଖବର ପଦାକୁ ଯିବାପରେ କଟକରୁ ମାହାଙ୍ଗା ପର୍ଯ୍ୟନ୍ତ ଏହି ଆଲୋଚନା ଚାଲିଛି। ମାହାଙ୍ଗାରେ ସାରଦା ଏବେ ବିଜେଡି ପାଇଁ ମହଙ୍ଗା ହେଉଥିବାରୁ ତାଙ୍କର ପ୍ରଭାବ ହ୍ରାସ ପାଇଁ ପ୍ରତାପ ଏଭଳି ପୂଜା କରୁଥିବା ନେଇ ଆଲୋଚନା ହେଉଥିବାବେଳେ ଏହା କିନ୍ତୁ ମାନସିକ ଗ୍ରହଶାନ୍ତି ପୂଜା ବୋଲି ପ୍ରତାପଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ଅନେକ ଦୁଇଟି କଥାକୁ ବିଶ୍ୱାସ ବି କରୁଛନ୍ତି। କାରଣ ଗୋଟିଏ ପଟେ ସାରଦା ମାହାଙ୍ଗାରେ ନିଜର ସମ୍ରାଜ୍ୟ ବଢାଇ ଚାଲିଥିବାବେଳେ ଅନ୍ୟପଟେ ପ୍ରତାପ ବିଜେଡି ରାଜନୀତିରେ କୋଣଠେସା ହେବାରେ ଲାଗିଛନ୍ତି। ତେଣୁ ନିଜର ସୁରକ୍ଷା ପାଇଁ ଯେଉଁ ରୁଦ୍ରାଭିଷେକ କରୁଛନ୍ତି ତାହା ଦୁଇଟି ଯାକ ରିଷ୍କକୁ ଖଣ୍ଡନ କରିବ ବୋଲି କୁହାଯାଉଛି। ହେଲେ କିଛି ନିନ୍ଦୁକଙ୍କ କହିବା କଥା ଯେ ବାତୁଅମାନଙ୍କ ଉପରେ ପୂଜାପାଠର ସେଭଳି ପ୍ରଭାବ ପଡୁନଥିବାରୁ ପ୍ରତାପଙ୍କ ଏହି ପୂଜା ଗୋଟିଏ ପଟକୁ କାମ ଦେବ।



## ପୂର୍ବତନ କହିବାକୁ ଡରୁଛନ୍ତି

ବିରୋଧିଦଳ ନେତାଙ୍କ ସମ୍ମୁଖରେ ବସିଥିବା ଜଣେ ପୂର୍ବତନ ବିଧାୟକଙ୍କ ଫୋନ ରିଂ ହେଲା। ଫୋନ ଧରିଥିବା ନେତା ହାଲୋ କହିବାପରେ ସେପଟୁ ଫୋନ କରିଥିବା ଲୋକ ପଚାରିଲେ, କେଉଁଠି ଅଛ ? ନେତା କହିଲେ, ସିଏମ୍‌ଙ୍କ ପାଖରେ। ଫୋନ କରିଥିବା ଲୋକଜଣଙ୍କ ପଚାରିଲେ, ତୁମ ନେତା କ'ଣ ଏବେ ବି ସିଏମ୍ ? ଏତିକି ପଚାରିବା ପରେ ଆରପଟୁ ଫୋନ୍ କଟିଗଲା। ଫୋନ୍ କରିଥିବା ଲୋକ ଜଣଙ୍କ ସବୁ ବୁଝିଗଲେ। ପୂର୍ବତନ ସିଏମ୍‌ଙ୍କ ଚାଟୁକାରିତା ପାଇଁ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ତାଙ୍କ ପାଖରେ ବସୁଥିବା ଲୋକ ସିଏମ୍ ବୋଲି କହୁଛନ୍ତି। ତାଙ୍କର ମନ କଥାଟି ମନରେ ଥିଲା। ସହଜରେ ବିଶ୍ୱାସ କରିପାରୁନଥିଲେ। ହେଲେ ନିକଟରେ ବିଜେଡି ପକ୍ଷରୁ ସଂସଦର ଶୀତକାଳୀନ ଅଧିବେଶନ ପାଇଁ ଜାରି କାର୍ଯ୍ୟକ୍ରମର ଯେଉଁ ତାଲିକା ବାହାରିଲା ତାହାର ଶେଷ ପାରାରେ ବି ବିରୋଧିଦଳ ନେତାଙ୍କୁ ସିଏମ୍ ବୋଲି ଲେଖାଯାଇଥିଲା। ଏତକ ଦେଖିବାପରେ ଏବେ ଫୋନ୍ କରିଥିବା ଲୋକ ଜଣଙ୍କ ନିଜ ବିଶ୍ୱାସର ପ୍ରମାଣ ପାଇଥିବା କହିଛନ୍ତି। ହେଲେ ଦ୍ୱନ୍ଦରେ ଅଛନ୍ତି, ପୂର୍ବତନ ସିଏମ୍ ଏବେ ନିଜକୁ ସିଏମ୍ ଥିବା ଭାବୁଛନ୍ତି ନା ତେଲ ମାରିବାପାଇଁ କିଛି ନେତା ତାଙ୍କ ଆଗରେ ବସି ଏଭଳି କହୁଛନ୍ତି ?



## ରାଜଧାନୀରେ ତେଲିଆ ଠକ

ରାଜଧାନୀରେ ଏବେ ଜଣେ ଯୁବକ ନୂଆ ଉପାୟରେ ଠକାମୀ ଆରମ୍ଭ କରିଛନ୍ତି। ଭାରତୀୟ ତୈଳ ନିଗମରେ ଚାକିରି କରାଇଦେବାକୁ କହି ଲୋକଙ୍କୁ ଚୂନ ଲଗାଉଛି। ତେବେ ବଡ କଥା ହେଉଛି ଯେଉଁମାନେ ଏହି ଠକର କାରବାର ଉପରେ ସନ୍ଦେହ କରୁଛନ୍ତି ଠକ ସେମାନଙ୍କୁ ନିକଟରେ ଅବସରଗ୍ରହଣ କରିଥିବା ଜଣେ ମୁଖ୍ୟ ଶାସନ ସଚିବ ଶଳା ବୋଲି ପରିଚୟ ଦେଉଛି। କାଳେ ଲୋକେ ବିଶ୍ୱାସ ନକରିବେ ସେଥିପାଇଁ ମୁଖ୍ୟ ସଚିବଙ୍କ ଇତିହାସର ପୂରା ବିବରଣୀ ପ୍ରଦାନ କରୁଛି। କାହାକୁ ଭୁବନେଶ୍ୱର ଆଇଓସିଏଲ୍‌ରେ ତ ଆଉ କାହାକୁ ବାଲେଶ୍ୱରରେ ଚାକିରି କରାଇ ଦେବାକୁ କହି ଟଙ୍କା ଆଦାୟ କରୁଛି। ନିଜେ ଆଇଓସିଏଲ୍ ଦପ୍ତର ଭିତରେ ଛିଡାହୋଇ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡିଛି। ଏଥି ସହିତ ଆଉ କିଛି ବିମାନ ଯାତ୍ରାର ଫଟୋ ବି ଛାଡିଛି। ରାଜଧାନୀରେ ଏଭଳି ଧୂର୍ତ୍ତ ଠକ ହାବୁଡରେ ପଡିଥିବା ଲୋକେ ତାକୁ ତେଲିଆ ଠକ ବୋଲି କହିଲେଣି। କାରଣ ଚାକିରି ପାଇଁ ପଞ୍ଜିକରଣ ନାଁରେ ୫ହଜାର ଟଙ୍କା ନେଲା ପରେ ତେଲ ଭଳି ଖସି ପଳାଉଛି। ତେବେ ନିକଟରେ ଜଣେ ବ୍ୟକ୍ତିଙ୍କୁ ନିଜର ଫଟୋ ଛାଡିବା ସହିତ ତାଙ୍କ ଠାରୁ ଫୋନ୍ ପେରେ ଟଙ୍କା ନେଇ ଏହି ତେଲିଆ ଠକ ଏବେ ଅକଳରେ ପଡିଛି।

# ବିରୋଧୀ ହେବାକୁ ମାନସିକ ପ୍ରସ୍ତୁତ ନାହିଁ ବିଜେଡି

- ତ୍ରୁଟି ସ୍ୱୀକାର କରି ହିଂସା ରାସ୍ତା ପରିହାର କରୁ
- ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପ୍ରାୟୋଜିତ ଗଣ୍ଡଗୋଳ



**ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ):** ଗଣତନ୍ତ୍ରରେ ହିଂସାକୁ କେହି ସମର୍ଥନ କରିବା ଉଚିତ୍ ନୁହେଁ। ବିଜେଡି କେଉଁ ଅର୍ଥରେ ଏହାକୁ ସମର୍ଥନ କରୁଛନ୍ତି ତାହା ବୁଝାପଡୁନି। ସେମାନେ ଏହାକୁ ନିନ୍ଦା କରିବା ସହ ବିରୋଧ କରିବା ଆବଶ୍ୟକ। ଆଇନ୍ ତା'ବାଟରେ ଯିବ ବୋଲି କହିବା ଉଚିତ୍। ପୂର୍ବରୁ ସେମାନେ ବହୁତ୍ ବଡ଼ବଡ଼ କଥା କହୁଥିଲେ। ହେଲେ କ୍ଷମତା ଯିବା ପରେ ବିରୋଧୀ ହେବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇନାହାନ୍ତି। ଭଗବାନ ସଦ୍‌ବୁଦ୍ଧି ଦିଅନ୍ତୁ। ସେମାନେ ଭୁଲ ରାସ୍ତାକୁ ନ ଯାଆନ୍ତୁ। ହିଂସା ରାସ୍ତା ପରିହାର କରନ୍ତୁ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଯାଜପୁର ଜିଲ୍ଲା ବିରଜା ହାଟ ହିଂସା ପ୍ରସଙ୍ଗରେ ବକ୍ତବ୍ୟ ଦେଇ ଶ୍ରୀ ସାମଲ କହିଛନ୍ତି ଯେ, ଜଣେ ବ୍ୟକ୍ତି ତା' ନିଜ ସ୍ୱାର୍ଥ ପାଇଁ ସବୁକିଛି କରୁଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହା ପ୍ରାୟୋଜିତ ଗଣ୍ଡଗୋଳ ଭଳି ଜଣାପଡୁଛି। ତଦନ୍ତ ହେଲେ ସବୁ କିଛି ସ୍ପଷ୍ଟ ହେବ। ଏହି ଘଟଣାର ଯେତେ ନିନ୍ଦା କଲେ ବି କମ୍ ହେବ। ବିଜେଡି ଯେତେ ପ୍ରେସ୍‌ରେ କୁହନ୍ତୁ, ମାତ୍ର ଚୋର ଚୋର ବୋଲି ଭିଡ଼ରେ କହି ଚୋର ଖସିଯିବା ଭଳି କାମ ହେଉଛି। ନିଜ ତ୍ରୁଟି ସ୍ୱୀକାର କରନ୍ତୁ। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଗଣ୍ଡଗୋଳ ହେଉଛି ବୋଲି ମାନିଯାଆନ୍ତୁ। ଯଦି କିଛି କାମ କରିପାରି ନାହାନ୍ତି, ମାନିଯାଆନ୍ତୁ ବିଜେପି ସରକାର କରିବ। ୧୫ ବର୍ଷ ଭିତରେ କେଉଁ ସବୁ କାମ କରି ପାରିନାହଁ ତାହାକୁ ସ୍ୱୀକାର କରନ୍ତୁ, ବିଜେପି ଏଇ ୫ ବର୍ଷରେ କରିଦେବ। ଏସବୁ ବିଷୟ ସେମାନେ ରାତିରେ ଶୋଇବା ପୂର୍ବରୁ ଚିନ୍ତା କରନ୍ତୁ। ନିଜେ କରିଥିବା ଭୁଲ୍‌ର ପ୍ରାୟଶ୍ଚିତ କରନ୍ତୁ ବୋଲି ଶ୍ରୀ ସାମଲ କହିଛନ୍ତି।

## ୪ରେ ପୁରୀ ଆସୁଛନ୍ତି ରାଷ୍ଟ୍ରପତି
## ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି

**ମୁତୟନ ହେବେ ୮୦ ପ୍ଲାଟୁନ ଫୋର୍ସ, ୩୦୦ ବରିଷ୍ଠ ଅଧିକାରୀ**

**ପୁରୀ,୨୪।୧୧ (ସଂଚାର ବ୍ୟୁରୋ):** ଡିସେମ୍ବର ୪ରେ ପୁରୀ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏଥିସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବେ ରାଷ୍ଟ୍ରପତି। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ମଧ୍ୟ ଯୋଗ ଦେବେ ରାଷ୍ଟ୍ରପତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ ଆଜି ପୁରୀ ଗସ୍ତରେ ଆସି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ ସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ପୁଲିସ ଡିଜି ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସମଙ୍ଗ ପାର୍କିଂ, ବ୍ଲୁ ଫ୍ଲାଗ୍ ବିଚ୍, ରାଜଭବନ ସହ ସମୁଦ୍ର କୂଳ ଯାଇ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଏସପିଙ୍କ କାର୍ଯ୍ୟାଳୟରେ ବୈଠକ କରିଥିଲେ ଡିଜିପି।ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଛନ୍ତି ଡିଜିପି ୱାଇ.ବି ଖୁରାନିଆ। ସୁରକ୍ଷା ଦାୟିତ୍ୱରେ ସମୁଦାୟ ୮୦ ପ୍ଲାଟୁନ ପୁଲିସ୍ ଫୋର୍ସ ସହ ୩୦୦ ବରିଷ୍ଠ ଅଧିକାରୀ ମୁତୟନ ହେବେ। ଭୁବନେଶ୍ୱର ଠାରୁ ପୁରୀ ଏବଂ ସମ୍ପୂର୍ଣ୍ଣ ପୁରୀ ସହରରେ ଟ୍ରାଫିକ୍ ଏବଂ ପାର୍କିଂ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ସେହିପରି ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି କହିଛନ୍ତି ଡିଜିପି। ନୌସେନା ଦିବସ ଅବସରରେ ୨୫ଟି ଜାହାଜ ସହ ୪୦ଟି ଏୟାରକ୍ରାଫ୍ଟ ଶୋ' ଦେଖିବାର ସୁଯୋଗ ପାଇବେ ଦର୍ଶକ। ତେଣୁ ଦର୍ଶକ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇଛି ପୁଲିସ ପ୍ରଶାସନ।

## ଜୀଅନ୍ତା ଜଳିଗଲେ ଡ୍ରାଇଭର

**ବାଲେଶ୍ୱର,୨୪।୧୧(ସଂଚାର ବ୍ୟୁରୋ):** ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟରେ ଏକ କଣ୍ଟେନର ଟୋଲଗେଟକୁ ଧକ୍କା ଦେଇ ହୁତୁ ହୁତୁ ହୋଇ ଜଳିଯାଇଛି। ଏହାର ଡ୍ରାଇଭର ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହେଲପର ମଧ୍ୟ ଜଳି ଯାଇ ଥିବା ସନ୍ଦେହ କରାଯାଉଛି । କଣ୍ଟେନରଟି ପଶ୍ଚିମବଙ୍ଗରୁ ଓଡ଼ିଶା ଭିତରକୁ ପ୍ରବେଶ ବେଳେ ଗତ ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି । ଖବର ପାଇ ଅଗ୍ନିଶମ ବାହିନୀ ଓ ଜଳେଶ୍ୱର ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ଦୁର୍ଘଟଣା ପରଠୁ ରାସ୍ତାର ଦୁଇପଟେ ଶହ ଶହ ଗାଡି ଅଟକି ରହିଥିଲା। ପୋଲିସର ଉଦ୍ୟମରେ ରାସ୍ତା ସଫା କରାଯାଇ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଡ୍ରାଇଭରର ଆଖି ଲାଗି ଯିବାରୁ ଏଭଳି ଭୟଙ୍କର ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି।

## ବାଂଲାଦେଶୀ ନାବାଳିକା ଉଦ୍ଧାର, ୨ ଗିରଫ

**କଟକ,୨୪।୧୧ (ସଂଚାର ବ୍ୟୁରୋ):** ମଧୁପାଟଣା ଛକରୁ ଉଦ୍ଧାର ବାଂଲାଦେଶୀ ନାବାଳିକାଙ୍କ ବୟାନ ରେକର୍ଡ ହୋଇଛି । ସେ କେଉଁଠୁ ଆସିଲେ, କାହା କାହା ସହ ଥିଲେ ପୋଲିସ ଆଗରେ ସବୁ ତଥ୍ୟ ରଖିଛନ୍ତି ନାବାଳିକା । ୫ ଜଣ ବ୍ୟକ୍ତି ତାଙ୍କୁ ବାଂଲାଦେଶରୁ ଓଡ଼ିଶା ଆଣିଥିଲେ। ଏହି ୫ ଜଣଙ୍କ ମଧ୍ୟରେ କିଛି ବାଂଲାଦେଶୀ, ପଶ୍ଚିମବଙ୍ଗ ଓ ଓଡ଼ିଶାର ବୋଲି କହିଛନ୍ତି କଟକ ଡିସିପି ଜଗମୋହନ ମୀନା । ଉଦ୍ଧାର ହୋଇଥିବା ନାବାଳିକାଙ୍କ ବୟସ ୧୬। ସୋସାଲ ମିଡିଆରେ ଚାକିରିର ଅଫର ଦେଇ ତାଙ୍କୁ ଓଡ଼ିଶା ଅଣାଯାଇଥିବା ସ୍ପଷ୍ଟ ହୋଇଛି। ରାକେଟରେ ଥିବା ଯୁବକମାନଙ୍କ ବିଷୟରେ ନାବାଳିକା ବେଶୀ କିଛି କହିପାରୁନାହାନ୍ତି । ନାବାଳିକାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ପରୀକ୍ଷା କରାଯାଇଛି। ନାବାଳିକାଙ୍କୁ ଦୁଷ୍କର୍ମ ସଂପର୍କରେ ସ୍ପଷ୍ଟ ହୋଇ ନ ଥିବା କହିଛନ୍ତି ଡିସିପି ମୀନା। ନାବାଳିକାଙ୍କ ବାବଦରେ ସବିଶେଷ ତଥ୍ୟ ପାଇଁ ବାଂଲାଦେଶ ଦୂତାବାସ ସହ ଯୋଗାଯୋଗ କରାଯିବ। ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଠାବ କରିବାକୁ ଉଦ୍ୟମ କରାଯାଉଛି। ଏହାସହିତ ମଧୁପାଟଣା ଥାନା ପୁଲିସ ଶ୍ରୀକୋରୁଆଁ ଅଞ୍ଚଳରୁ ଦୁଇ ଦଲାଲ ଦମ୍ପତିଙ୍କୁ ଗିରଫ କରିଛି। ଏଥିରେ ଆଉ ଜଣେ ମାଷ୍ଟରମାଇଣ୍ଡର ଚେହେରା ପଦାକୁ ଆସିଛି । କୋଲକାତାର ଜଣେ ମାଷ୍ଟର ମାଇଣ୍ଡକୁ ଧରିବାକୁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରିଛି । ଏହା ସହିତ ବାଂଲାଦେଶ ଦୂତାବାସ ସହ ଯୋଗାଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥିବା ଡିସିପି କହିଛନ୍ତି।

- ଆଜି ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି

## ୪ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୨୪।୧୧ (ସଂଚାର ବ୍ୟୁରୋ):** ମାର୍ଗଶୀର କୃଷ୍ଣ ପକ୍ଷ ଦଶମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଶ୍ରୀମନ୍ଦିରରେ ଚାରିଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ବଢ଼ିବା ପରେ ଅପରାହ୍ଣ ପ୍ରାୟ ୫ଟା ସମୟରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଜୀଉମାନଙ୍କଠାରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନର ସୁରକ୍ଷା ପାଇଁ ଶ୍ରୀବିଗ୍ରହମାନଙ୍କୁ ପଇତାଲାଗି କରାଯାଏ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପାଟରା ସେବକଙ୍କୁ ପଇତା ବୋଳିବା ପାଇଁ ତିନି ରଙ୍ଗର ବାସୁଙ୍ଗା ପାଟ ଯୋଗାଇଦେଇଥାଏ। ପାଟରା ସେବକ ଉକ୍ତ ବାସୁଙ୍ଗା ପାଟ ନେଇ ଶ୍ରୀଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି ପାଟ ପଇତା ବୋଳିଥାନ୍ତି। ପାଟରା ସେବକ ସେହିଦିନ ଦେଉଳ କରଣଙ୍କୁ ଏହି ପଇତା ଯୋଗାଇଥାନ୍ତି। ଏହାକୁ ଶ୍ରୀବିଗ୍ରହମାନଙ୍କୁ ଲାଗି କରାଯାଇଥାଏ। ତେବେ ଏହା ମହାପ୍ରଭୁଙ୍କର ଏକ ଗୁପ୍ତ ସେବା ହୋଇଥିବାରୁ ପଇତାଲାଗି ନୀତି ସମୟରେ ସାଧାରଣ ଦର୍ଶନ ବନ୍ଦ ରୁହେ। ଏହି ଗୁପ୍ତ ନୀତି ପାଇଁ ଆସନ୍ତାକାଲି ଦ୍ୱିତୀୟ ଭୋଗ ମଣ୍ଡପ ବଢ଼ିବା ପରେ ସନ୍ଧ୍ୟା ୫ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରାୟ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ପଇତାଲାଗି ନୀତି ପରେ ତିନି ଠାକୁରଙ୍କୁ ମହାସ୍ନାନ କରାଯାଇ ପୁନର୍ବାର ଦର୍ଶନ ବ୍ୟବସ୍ଥା ଚାଲୁ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


## ରତ୍ନଭଣ୍ଡାରରେ ଗୁପ୍ତ କୋଠରି କି ସୁଡ଼ଙ୍ଗ ନାହିଁ

**ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ କୌଣସି ଗୁପ୍ତ କୋଠରୀ କି ରହସ୍ୟପୂର୍ଣ୍ଣ ସୁଡ଼ଙ୍ଗ ନାହିଁ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ୪୫ ପୃଷ୍ଠା ସମ୍ବଳିତ ଜିପିଆରଏସ୍ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେବା ପରେ ସାମ୍ନାକୁ ଆସିଛି ଏ ତଥ୍ୟ। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି କୋଠରୀ ନଥିବା ଜିପିଆର ସର୍ଭେରୁ ସ୍ପଷ୍ଟ ସଙ୍କେତ ମିଳିବା ପରେ ଏବେ ମରାମତି ପାଇଁ ବାଟ ଫିଟିଛି। ଦିନେ ଦୁଇ ଦିନରେ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହୋଇଯିବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେପ୍ଟମ୍ବର ୨୧ ଓ ୨୨ ଦୁଇଦିନ ଧରି ହାଇଦ୍ରାବାଦସ୍ଥିତ ନ୍ୟାସନାଲ ଜିଓଫିଜିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ରତ୍ନଭଣ୍ଡାରର ଜିପିଆର ସର୍ଭେ ହୋଇଥିଲା। ଦୁଇ ମାସ ପରେ ଏହି ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ଆଇନ ମନ୍ତ୍ରୀ କହିଛନ୍ତି ଯେ ରତ୍ନଭଣ୍ଡାର ଭିତରେ ଧାତବ ଦ୍ରବ୍ୟ ଥିବାର ଯେଉଁ ପରିକଳ୍ପନା ଥିଲା, ସେମିତି କିଛି ବି ନାହିଁ। ଜାନୁଆରୀ ୩୧ ସୁଦ୍ଧା ରତ୍ନଭଣ୍ଡାର ମରାମତି ସହ ଗଣତି ମଣତି କାମ ସାରିବାକୁ ବି ଲକ୍ଷ୍ୟ ରଖାଯାଇଛି। ଆଗେ ଭଣ୍ଡାରଗୃହ ମରାମତ କାମ ସରିଲେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ତା ଭିତରକୁ ଯିବ। ତାପରେ ସୁରକ୍ଷିତ ପରିବେଶ ଓ ପରିସ୍ଥିତିରେ ଗଣତି ମଣତି କରାଯିବ।

ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି କୋଠରୀ ନଥିବା କଥାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥ ସଂସ୍କୃତି ଗବେଷକ। ଏମିତିକି ବଳି ପାତାଳ ମନ୍ଦିରରୁ ସୁଡଙ୍ଗ ସନ୍ଦେହକୁ କାହିଁକି ଗୁରୁତ୍ୱ ଦିଆ ନ ଯାଇ ଲେଜର ସ୍କାନିଂ କରାହେଲା ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଜିପିଆର ସର୍ଭେ ରିପୋର୍ଟରେ କି ତଥ୍ୟ ଆସିଛି ତାକୁ ସାର୍ବଜନୀନ କରିବାକୁ ବି ଦାବି କରିଛନ୍ତି। ସେପଟେ ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ମଧ୍ୟ କହିଛନ୍ତି, ରତ୍ନଭଣ୍ଡାରରେ ସୁଡ଼ଙ୍ଗ ନାହିଁ। ଏହାର ପଶ୍ଚିମ ଓ ପୂର୍ବପଟ କାନ୍ଥରେ କ୍ରାକ୍ ସହ ଚଟାଣ ମରାମତି ଦରକାର। ଛତିଶା ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ସହମତିରେ ଯେଉଁ ତାରିଖ ଆସିବ, ସେହିଦିନ ମରାମତି ଆରମ୍ଭ କରିବେ ବୋଲି ସେ ସୂଚନା ଦେଇଛନ୍ତି।

## ରାଗିଗଲେ ନଗର ଉନ୍ନୟନ ମନ୍ତ୍ରୀ



**ଭୁବନେଶ୍ୱର,୨୪।୧୧ (ସଂଚାର ବ୍ୟୁରୋ):** ବାଙ୍ଗିରିପୋଷି ଘାଟି ରାସ୍ତା ମରାମତିକୁ ନେଇ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଜାତୀୟ ରାଜପଥର ଉଚ୍ଚପଦସ୍ଥ ଅଧିକାରୀ ଓ ପିଡିଙ୍କ ଉପରେ ବିଷୋଦ୍‌ଗାର କରିଛନ୍ତି। ପିଡିଙ୍କୁ ଗିରଫ କରି ଜେଲ୍ ପଠାଇବାକୁ କହିଛନ୍ତି ମନ୍ତ୍ରୀ। ଦୀର୍ଘ ବର୍ଷ ହେଲାଣି ବାଙ୍ଗିରିପୋଷି ଘାଟି ରାସ୍ତାରେ ଯାତାୟାତ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରବିବାର ବାଙ୍ଗିରିପୋଷି ଘାଟିରେ ପହଞ୍ଚି କାମ ତଦାରଖ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ଥିବାରୁ ସେଠାରେ ଜିଲ୍ଲାପାଳ, ସପି, ବାଙ୍ଗିରିପୋଷି ବିଧାୟିକାଙ୍କ ସହ ଅନେକ ସରକାରୀ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ହେଲେ ଜାତୀୟ ରାଜପଥ ବିଭାଗ ଅଧିକାରୀମାନେ କିନ୍ତୁ ନ ଥିଲେ। କାମର ଶିଥିଳତା ସହ ସେଠାରେ ପିଡି ବା ତାଙ୍କର କୌଣସି ଷ୍ଟାଫ ନ ଥିବାରୁ ଚିହିଁକି ଉଠିଥିଲେ ମନ୍ତ୍ରୀ।ସେ ଏନ୍‌ଏଚ୍ ଅଧିକାରୀଙ୍କୁ ଫୋନ କରି ପିଡିଙ୍କୁ ନିଲମ୍ବନ ଓ ଗିରଫ କରିବାକୁ ଚେତାବନୀ ଦେଇଥିଲେ।

## ୯ ଦିନରେ ୨୫୦ କୋଟି

**କଟକ,୨୪।୧୧ (ସଂଚାର ବ୍ୟୁରୋ):** ନଅ ଦିନର ବାଲିଯାତ୍ରା ପରେ ଆଜି ଶାନ୍ତ ପଡ଼ିଛି ମହାନଦୀ ପଠା। ବାଲିଯାତ୍ରା ପଡ଼ିଆରେ ଡେରା ପକାଇଥିବା ବ୍ୟବସାୟୀ ଏବେ ଘରବାହୁଡ଼ା ହୋଇଛନ୍ତି। ଏଥର ବାଲିଯାତ୍ରାରେ ରେକର୍ଡ ୨୫୦ କୋଟି ଟଙ୍କାର ବ୍ୟବସାୟ ହୋଇଛି। ଶନିବାର ଶେଷ ଦିନରେ ବାଲିଯାତ୍ରାରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ବାଲିଯାତ୍ରା ସରୁଥିବାରୁ ଲୋକେ ସୁଯୋଗ ହାତ ଛଡ଼ା କରିବାକୁ ଚାହୁଁ ନ ଥିଲେ। ବିଭିନ୍ନ ଷ୍ଟଲରେ ନାନା ଅଫର ମଧ୍ୟ ଲଗାଇଥିଲେ ବ୍ୟବସାୟୀ। ଲୋକେ ବିଭିନ୍ନ ଜିନିଷ ଘରକୁ କିଣି ନେଇଥିଲେ। ଶେଷ ଦିନରେ ପ୍ରାୟ ୫ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ୯ ଦିନରେ ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବା କୁହାଯାଉଛି।

# ଆୟୋଗଙ୍କ ଜିଦ୍-ସରକାର ଗଣିବେ ଡଣ୍ଡ

**ଭୁବନେଶ୍ୱର, ୨୪।୧୧:** ଓଡ଼ିଶା ଲୋକସେବା ଆୟୋଗର ତ୍ରୁଟି ଓ ଜିଦ୍ ଯୋଗୁଁ ୫ବର୍ଷ ଧରି ଚାକିରିରୁ ବଞ୍ଚିତ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ରାଜ୍ୟ ସରକାର ଲକ୍ଷେ ଟଙ୍କାର ଡଣ୍ଡ ଗଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ୫ବର୍ଷ ଧରି ଚାକିରିରୁ ବଞ୍ଚିତ ଥିବା ଏହି ପ୍ରାର୍ଥୀ ଜଣକ ଏହି ସମୟସୀମା ଭିତରେ ଅନ୍ୟୁନ ୫୦ଲକ୍ଷ ଟଙ୍କା ବେତନ ଆକାରରେ ପାଇଥାନ୍ତେ। ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯିବ ତାହା ଏବେ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥିବା ବେଳେ ରାଜ୍ୟ ସରକାର ଏ ସଂକ୍ରାନ୍ତରେ ହାଇକୋର୍ଟଙ୍କ ରାୟର ଅନୁପାଳନ ରିପୋର୍ଟ ନିର୍ଦ୍ଧାରିତ ସମୟସୀମା ଭିତରେ ଦାଖଲ କରିପାରି ନାହାନ୍ତି।

ଜଣେ ବରିଷ୍ଠ ଅଧିକାରୀ ଏ ପ୍ରସଂଗକୁ ସ୍ୱୀକାର କରି କହିଛନ୍ତି ଯେ ଓଡ଼ିଶା ପ୍ରଶାସନିକ ସେବାରେ ୨୦୧୯ ମସିହାରେ ଏହି ପ୍ରାର୍ଥୀ ଜଣକ ଯୋଗଦେବା କଥା। ସେ ଢେର ଅଧିକ ନମ୍ବର ରଖିଥିଲେ ମଧ୍ୟ ପରିବର୍ତ୍ତୀ ସମୟରେ ଲୋକସେବା ଆୟୋଗ ତାଙ୍କ ପ୍ରାର୍ଥୀତ୍ୱକୁ ରଦ୍ଦ କରି ତାଙ୍କଠାରୁ ୩୦୦ ନମ୍ବର କମ୍ ରଖିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଥିଲେ। ଏ ପ୍ରସଂଗ ରାଜ୍ୟ ସରକାରଙ୍କ ନଜରକୁ ଆସିବା ପରେ ଏହି ବଞ୍ଚିତ ପ୍ରାର୍ଥୀଙ୍କ ନାମକୁ ଓଡ଼ିଶା ଲୋକସଭା ଆୟୋଗ ଯୋଗ୍ୟତା ତାଲିକାରେ ସାମିଲ କରି ଅଣ ସଂରକ୍ଷିତ ପ୍ରାର୍ଥୀ ଭାବେ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବାକୁ କୁ ହା ଯା ଇ ଥି ଲ । । ସାଧାରଣ ପ୍ରଶାସନ ବିଭାଗର ପତ୍ରକୁ ଆୟୋଗ ଅଣଦେଖା କରିବା ପରେ ସେତେବେଳର ମୁଖ୍ୟ ଶାସନ ସଚିବ ମଧ୍ୟ ଏହି ବଞ୍ଚିତ ପ୍ରାର୍ଥୀଙ୍କ ନାମ ପଠାଇବା ପାଇଁ କହିଥିଲେ। ପୂର୍ବରୁ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକାରଣ ମଧ୍ୟ ଆଇନନାଯାୟୀ ଏହି ବଞ୍ଚିତ ପ୍ରାର୍ଥୀଙ୍କ କଥା ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏ ସମସ୍ତକୁ ଆୟୋଗ ଅଣଦେଖା କରିବା ଫଳରେ ସମ୍ପୃକ୍ତ ପ୍ରାର୍ଥୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ରାଜ୍ୟ ସରକାର, ଲୋକସେବା ଆୟୋଗ ଏବଂ ବଞ୍ଚିତ ପ୍ରାର୍ଥୀଙ୍କ ପକ୍ଷର ଯୁକ୍ତି ଶୁଣିବା ପରେ ତାଙ୍କ ପ୍ରାର୍ଥୀତ୍ୱକୁ ନାକଚ କରାଯିବା ବେଆଇନ୍ ବୋଲି ମତବ୍ୟକ୍ତ କରି ଯୋଗ୍ୟତା ତାଲିକାରେ ଏହି ପ୍ରାର୍ଥୀଙ୍କ ନାମ ଯଥା ସ୍ଥାନରେ ସ୍ଥାନିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏମିତିକି ପଦବୀ ଖାଲିନଥିଲେ ଏହି ପ୍ରାର୍ଥୀଙ୍କ ପାଇଁ ସୁପରନ୍ୟୁମେରାରୀ ପଦବୀ ସୃଷ୍ଟି ସହିତ ଯୋଗ୍ୟତା ଆଧାରରେ ତାଙ୍କର ବରିଷ୍ଠତା ସ୍ଥିର କରିବା ଏବଂ ତାଙ୍କଠାରୁ କମ୍ ନମ୍ବର ରଖିଥିବା ପ୍ରାର୍ଥୀମାନେ ଯେବେଠାରୁ ନିଯୁକ୍ତି ପାଇଛନ୍ତି ସେହି ତାରିଖରୁ ତାଙ୍କୁ ପିଛିଲା ଭାବେ ନିଯୁକ୍ତି ଦେବା ସହ ତାଙ୍କ କନିଷ୍ଠ ପ୍ରାର୍ଥୀଙ୍କ ସମକକ୍ଷ ବେତନ ମୋସନାଲ୍ ହାରରେ ନିର୍ଦ୍ଧାରଣ କରିବାକୁ ହାଇକୋର୍ଟ ସ୍ପଷ୍ଟ ଭାବେ ରାୟରେ ଉଲ୍ଲେଖ କରିଥିଲେ।

କେବଳ ସେତିକି ନୁହେଁ, ଯଦି ତାଙ୍କର କେହି କନିଷ୍ଠ ଇତିମଧ୍ୟରେ ପଦୋନ୍ନତି ପାଇଥାନ୍ତି ତେବେ ବଞ୍ଚିତ ପ୍ରାର୍ଥୀଙ୍କୁ ବି ପିଛିଲା ତାରିଖରୁ ପଦୋନ୍ନତି ଦେବା ପାଇଁ ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ ଥିଲା। ଦୀର୍ଘ ୫ବର୍ଷ ଧରି ଏହି ବଞ୍ଚିତ ପ୍ରାର୍ଥୀଜଣକ ତାଙ୍କ ଅଧିକାରରୁ ବଞ୍ଚିତ ହୋଇଥିବା ପରିପ୍ରେକ୍ଷୀରେ ସରକାରୀ ପ୍ରତିପକ୍ଷ ରାୟ ପ୍ରକାଶ ପାଇବାର ଦୁଇମାସ ମଧ୍ୟରେ ତାଙ୍କୁ ଲକ୍ଷେ ଟଙ୍କା ପ୍ରଦାନ କରିବାକୁ ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସଂଗେ ସଂଗେ ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଏହି ରାୟର ଅନୁପାଳନ ରିପୋର୍ଟ କୋର୍ଟରେ ଦାଖଲ କରିବା ଲାଗି ନିର୍ଦ୍ଦିଷ୍ଟ ଭାବେ କହିଥିଲେ।

ଓଡ଼ିଶା ହାଇକୋର୍ଟ ୨୦୨୩ ଡିସେମ୍ବର ମାସରେ ଏହି ମାମଲାର ରାୟ ପ୍ରଦାନ କରିବା ପରେ ଲୋକସେବା ଆୟୋଗ ଯଥା ସ୍ଥାନରେ ବଞ୍ଚିତ ପ୍ରାର୍ଥୀଙ୍କ ନାମ ସ୍ଥାନିତ କରି ସାନି ଯୋଗ୍ୟତା ତାଲିକା ପଠାଇଥିଲେ। ଏହି ଆଧାରରେ ଗତ ଜୁଲାଇ ୨୪ ତାରିଖରେ ରାଜ୍ୟ ସରକାର ଏହି ପ୍ରାର୍ଥୀଙ୍କୁ ଓଏଏସ୍ ଅଫିସର ଭାବେ ନିଯୁକ୍ତି ଦେଇଛନ୍ତି। ସେ ମଧ୍ୟ ତୁରନ୍ତ କାର୍ଯ୍ୟରେ ଯୋଗ ଦେଇସାରିଛନ୍ତି। ତେବେ ରାୟର ଅନୁପାଳନ ରିପୋର୍ଟ ଦାଖଲ କରିବାରେ ବିଳମ୍ବ ହେବାର ଅନ୍ୟତମ କାରଣ ଲକ୍ଷେ ଟଙ୍କାରେ ଅଟକିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ହାଇକୋର୍ଟଙ୍କୁ ରାଜ୍ୟ ସରକାର ଅନୁପାଳନ ରିପୋର୍ଟ ପ୍ରଦାନ କରିବା ପାଇଁ ପ୍ରଶାସନିକ କସରତ ଚାଲିଥିବା ଜଣାପଡ଼ିଛି। (ତଥ୍ୟ)

## ୩ ମାସରେ ଉତ୍ତର ଓଡ଼ିଶା ବିକାଶ ପରିଷଦ

**ସୁନ୍ଦରଗଡ, ,୨୪।୧୧ (ସଂଚାର ବ୍ୟୁରୋ):** ଆଉ ୨ରୁ ୩ ମାସ ମଧ୍ୟରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ହେବ। ଏଥିପାଇଁ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ ହୋଇ କାମ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ସଂସ୍କୃତି ଭବନରେ ରବିବାର ବିଜେପି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏଥିପାଇଁ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁନ୍ଦରଗଡ଼ ପଶ୍ଚିମ ଓଡ଼ିଶାରେ ଏବେ ଅଛି। ଆଗକୁ ଏହା ଉତ୍ତର ଓଡ଼ିଶାରେ ସାମିଲ ହେବ। ମୁଖ୍ୟମନ୍ତ୍ରୀ ଭାବେ ସେ ନିଜେ ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ କରିବାକୁ ଚାହୁଁଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏ ଘୋଷଣା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଓଡ଼ିଶା ସରକାର ୧୯୯୮ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଗଠନ କରିଥିଲେ। ଏହି ପରିଷଦରେ ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ସମେତ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡକୁ ମଧ୍ୟ ସାମିଲ କରିଥିଲେ। ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ରେ ନିର୍ମିତ ମେଡିକାଲ କଲେଜ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପାଣ୍ଠି ଦେଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଏଲନ୍ ମସ୍କଙ୍କ ସମ୍ପତ୍ତି ୩୪୮ ବିଲିୟନ ଡଲାର, ଟେସଲା ସେୟାର ଉପରମୁହାଁ

**ନୂଆଦିଲ୍ଲୀ,୨୪।୧୧:** ଟେସ୍‌ଲା ତଥା ସ୍ପେସ୍‌ଏକ୍ସ ସିଇଓ ଏଲନ ମସ୍କ ଇତିହାସର ସବୁଠୁ ଧନୀ ମାନ୍ୟତା ହାସଲ କରିଛନ୍ତି । ତାଙ୍କ ସମ୍ପତ୍ତି ୩୪୮ ବିଲିୟନ ଡଲାର ବା ୩୪୮ ୦୦ କୋଟି ଡଲାରକୁ ବୃଦ୍ଧି ହୋଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀରୁ ଜଣାପଡ଼ିଛି । ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଟେସ୍‌ଲା ସେୟାର ଉପରମୁହାଁ ହୋଇଚାଲିଛି । ଏଥିଯୋଗୁ ଏଲନ ମସ୍କଙ୍କ ସମ୍ପତ୍ତି ଦ୍ରୁତ ବେଗରେ ବଢୁଛି । ଫଳରେ ସେ ଇତିହାସ ରଚିଛନ୍ତି । ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀ ମୁତାବକ, ଶନିବାର ଏଲନ ମସ୍କଙ୍କ ସମ୍ପତ୍ତି ୩୪୮ ବିଲିୟନ ଡଲାରକୁ ବଢ଼ିଛି। ଗତ ବର୍ଷକରେ ୧୧୯ ବିଲିୟନ ଡଲାର ସମ୍ପତ୍ତି ଯୋଡ଼ିବାକୁ ସକ୍ଷମ ହୋଇଛନ୍ତି ମସ୍କ । ୱାଲ୍‌ଷ୍ଟ୍ରିଟ ଜର୍ଣ୍ଣାଲ ରିପୋର୍ଟ ଅନୁସାରେ, ଏଲନ୍ ମସ୍କଙ୍କ ଜେନେରେଟିଭ ଏଆଇ କମ୍ପାନି ଏକ୍ସଏଆଇର ଭାଲ୍ୟୁଏସନ ଏବେ ୫୦ ବିଲିୟନ ଡଲାରକୁ ବୃଦ୍ଧି ହୋଇଛି ।



ଫଳରେ ଏହା ଏଲନ୍ ମସ୍କଙ୍କ ସମ୍ପତ୍ତିରେ ୧୩ ବିଲିୟନ ଡଲାର ଯୋଡ଼ିଛି ।

ଆମେରିକା ନିର୍ବାଚନ ଦିନ ଟେସଲା ସେୟାର ୪୦% ବୃଦ୍ଧି ହୋଇଥିଲା । ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଟେସ୍‌ଲାର ଅଭିବୃଦ୍ଧିକୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି ବିଶେଷଜ୍ଞ । ବିଶେଷ କରି ସ୍ୱଂୟଚାଳିତ ଯାନ କ୍ଷେତ୍ରରେ କମ୍ପାନି ଅଧିକ କାମ କରିବାକୁ ସକ୍ଷମ ହେବ ବୋଲି ଅନୁମାନ କରାଯାଇଛି । ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାରରେ ଏଲନ ମସ୍କ ୧୦୦ ନିୟୁତ ଡଲାର ଖର୍ଚ୍ଚ କରିଥିଲେ। ବିଜୟ ପରେ ଟ୍ରମ୍ପ ଏଲନ ମସ୍କ ଏବଂ ବିବେକ ରାମାସ୍ୱାମୀଙ୍କୁ ଏକ ନୂଆ ବିଭାଗ ଡିପାର୍ଟମେଣ୍ଟ ଫର୍ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସିର ଦାୟିତ୍ୱ ଦେଇଛନ୍ତି । ଟ୍ରମ୍ପଙ୍କ ଶାସନକାଳ ଆରମ୍ଭ ପରେ ବିଭିନ୍ନ ନିୟମକୁ ବ୍ୟବସ୍ଥିତ କରାଯିବା ଯୋଗୁ ଏହାର ଲାଭ ଟେସ୍‌ଲା ବିଶେଷ ଭାବେ ପାଇବ ବୋଲି ଆଶା କରାଯାଏ । ବର୍ତ୍ତମାନର ନିୟାମକ ଆହ୍ୱାନ ମଧ୍ୟରେ କମ୍ପାନି ସେଲ୍ଫ ଡ୍ରାଇଭିଂ ଟେକ୍ନୋଲୋଜି ଉପରେ ବିଶେଷ ଧ୍ୟାନ ଦେବାକୁ ସକ୍ଷମ ହୋଇନି । ଯାହା ଆଗାମୀ ଦିନରେ ତ୍ୱରାନ୍ୱିତ ହେବାର ଢ଼େର ସମ୍ଭାବନା ରହିଛି ।

ସେହିଭଳି ସ୍ପେସ୍‌ଏକ୍ସର ପରବର୍ତ୍ତୀ ପର୍ଯ୍ୟାୟ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଜାରି ରହିଛି । ଏହା ଦ୍ୱାରା କମ୍ପାନିର ଭାଲ୍ୟୁ ୨୫୦ ବିଲିୟନ ଡଲାରକୁ ବୃଦ୍ଧି ପାଇପାରେ । ଏହା ମସ୍କଙ୍କ ସମ୍ପତ୍ତିକୁ ଅତିରିକ୍ତ ୧୮ ବିଲିୟନ ଡଲାର ବଢ଼ାଇପାରେ । ସ୍ପେସ୍‌ଏକ୍ସରେ ଏଲନ ମସ୍କଙ୍କର ୪୨% ମାଲିକାନା ରହିଛି । ଏହି ଫାର୍ମର ଭାଲ୍ୟୁ ଜୁନ୍‌ରେ ୨୧୦ ବିଲିୟନ ଡଲାର ରହିଥିଲା । ଏହାବାଦ ସେ ଅନ୍ୟ କମ୍ପାନିରେ ମଧ୍ୟ ନିବେଶ କରିଛନ୍ତି । ଏହା ମଧ୍ୟରେ ନ୍ୟୁରାଲିଙ୍କ ଏବଂ ଏକ୍ସ ରହିଛି ।

# ଓଲା ଓ ୟୁବରରେ ଯାତ୍ରା ସମୟରେ ଅସୁବିଧା ହେଲେ କମେଣ୍ଟ ବକ୍ସରେ ଅଭିଯୋଗ କରିପାରିବେ

**ନୂଆଦିଲ୍ଲୀ,୨୪।୧୧ :** ବଡ ବଡ ସହରରେ ଓଲା ଏବଂ ୟୁବର ର ମାର୍କେଟ ସେୟାର ବୃଦ୍ଧି ପାଉଛି । ସେମାନଙ୍କର ଗ୍ରାହକ ମଧ୍ୟ ଦିନକୁ ଦିନ ବଢୁଛନ୍ତି। ଏପରି ସ୍ଥିତିରେ, ଜାଣି ରଖନ୍ତୁ ଯଦି ଓଲା କିମ୍ବା ୟୁବର ରେ ଟ୍ରାଭେଲ କରିବା ସମୟରେ ଆପଣଙ୍କୁ କିଛି ଅସୁବିଧା ହୁଏ ତେବେ କମ୍ପାନୀକୁ କିପରି ଅଭିଯୋଗ କରାଯାଇପାରିବ ।

ଯଦି ଆପଣଙ୍କୁ ଓଲା କିମ୍ବା ୟୁବର ସହିତ ଟ୍ରାଭେଲ ସମ୍ବନ୍ଧୀୟ କିଛି ଅଭିଯୋଗ କରିବାକୁ ପଡିବ, ତେବେ ଆପଣଙ୍କୁ ଏ ବିଷୟରେ ଅଧିକ ଚିନ୍ତା କରିବାକୁ ପଡିବ ନାହିଁ । ଯେତେବେଳେ ଆପଣଙ୍କର ରାଇଡ୍ ପୁରା ହେବେ, ତେବେ କମ୍ପାନୀ ଆପଣଙ୍କଠାରୁ ରାଇଡ୍ କିମ୍ବା ଡ୍ରାଇଭର ବିଷୟରେ ରିଭିୟୁ ନେବ। ଯେଉଁଥିରେ ଆପଣଙ୍କୁ ଉଭୟଙ୍କୁ ରେଟିଂ ଦେବାକୁ ପଡିବ । ରେଟିଂ ଦେବା ସହିତ ଏଥିରେ ଏକ କମେଣ୍ଟ ବକ୍ସ ମଧ୍ୟ ଅଛି । ଯେଉଁଥିରେ ଆପଣ ଡାଇରେକ୍ଟ ଆପଣଙ୍କର ଅଭିଯୋଗ ଲେଖିପାରିବେ ।

ଏହା ବ୍ୟତୀତ ଯଦିଓ ଆପଣ ସେହି ସ୍ଥାନରେ ଅଭିଯୋଗ ନକରନ୍ତି ତଥାପି କମ୍ପାନୀ ଆପଣଙ୍କୁ ଅଭିଯୋଗ କରିବାରେ ଅପ୍ସନ ଦେବ ଯାହାଫଳରେ ଆପଣ ପରେ ଅଭିଯୋଗ କରିପାରିବେ। ଓଲା ବିଷୟରେ କହିବାକୁ ଗଲେ ଏଥିରେ ଆପଣଙ୍କୁ ସପୋର୍ଟ ଅପ୍ସନ ମିଳିବ, ଯେଉଁଠାରେ ଆପଣ ଅଭିଯୋଗ କରିପାରିବେ । ଏଠାରେ ଆପଣ ଯେଉଁ




ରାଇଡ୍ ସମ୍ବନ୍ଧରେ ଅଭିଯୋଗ କରିବାକୁ ଚାହୁଁଛନ୍ତି ସେହି ରାଇଡ୍ ଉପରେ କ୍ଲିକ୍ କରିବେ । ଯାହାପରେ ଆପଣଙ୍କୁ ଅନେକ ପ୍ରକାରର ଅଭିଯୋଗ ପାଇଁ ଅପ୍ସନ ମିଳିବ । ସେଥିମଧ୍ୟରୁ ଆପଣଙ୍କର ଅଭିଯୋଗକୁ ଚୁଜ୍ କରି ସେଥିରେ କ୍ଲିକ୍ କରିବେ । ଏହିଭଳି ୟୁବର ରେ ମଧ୍ୟ ହୋଇଥାଏ । ଏଥିରେ ଆପଣ ହେଲ୍ପ ଅପ୍ସନ ସେକ୍ସନକୁ ଯିବାପରେ ଏହି ଅପ୍ସନ ପାଇବେ ।

ୱେବସାଇଟ୍ ମାଧ୍ୟମରେ ଗ୍ରାହକଙ୍କ ନିକଟରେ ଅଭିଯୋଗ କରିବାର ଅପ୍ସନ ମଧ୍ୟ ଅଛି । ୟୁବର ର ସମ୍ବନ୍ଧିତ ଅଭିଯୋଗ ଆପ୍ https://help.ୟୁବର.com/riders/section/help-with-a-trip?nodeId=595d429d-21e4-4c75-b422-72affa33c5c8 ଲିଙ୍କକୁ ଯାଇ ଅଭିଯୋଗ କରିପାରିବେ । ଏହିଭଳି ଓଲାରେ ଅଭିଯୋଗ କରିବା ପାଇଁ ଆପଣ https://help.ଓଲାcabs.com/support/home ଲିଙ୍କ ଉପରେ କ୍ଲିକ୍ କରିପାରିବେ । ଏହାବ୍ୟତୀତ, ଆପଣ support.au@ଓଲାcabs.com ଏବଂ security@ଓଲାcabs.com ମେଲ ଆଇଡ଼ିରେ ମଧ୍ୟ ଆପଣ ଅଭିଯୋଗକୁ ମେଲ୍ କରି ଦାଖଲ କରିପାରିବେ। ଉଭୟ କମ୍ପାନୀ ସେମାନଙ୍କ ଗ୍ରାହକଙ୍କୁ ସେମାନଙ୍କ ସମସ୍ୟା ବିଷୟରେ ଅଭିଯୋଗ କରିବାର ସୁଯୋଗ ଦିଅନ୍ତି । ଉଭୟ କମ୍ପାନୀ ଗ୍ରାହକଙ୍କୁ ଅନେକ ଅଭିଯୋଗ ପାଇଁ ଅପ୍ସନ ମଧ୍ୟ ଦେଇଛନ୍ତି।

ସେହିଭଳି ଓଲା ଗ୍ରାହକଙ୍କୁ ଅଭିଯୋଗ କରିବା ପାଇଁ ଅନେକ ଲିଖିତ ଅପ୍ସନ ଦେଇଥାଏ । ସେଉଁଥିରେ ସେଫ୍ଟି, ପେମେଣ୍ଟ, ରାଇଡ୍ ଏକ୍ସପ୍ରିଏନ୍ସ ଭଳି ଅନେକ ଜିନିଷ ସମ୍ବନ୍ଧରେ ଅଭିଯୋଗ କରିପାରିବେ ।

## ପେଟ୍ରୋଲ ଦର ଅପରିବର୍ତ୍ତିତ

**ଭୁବନେଶ୍ୱର,୨୪।୧୧:** ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ । ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୫ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୨ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୨ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୪୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୯ ଟଙ୍କା ୯୭ ପଇସା ରହିଛି । କୋଲକାତାରେ ପେଟ୍ରୋଲ ଦର ୧୦୪ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୭୬ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ୍ୟ ଜାଣିପାରିବେ । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ ।

## ରିସର୍ଚ୍ଚ ଇନପୁଟ୍‌ରେ ସମଗ୍ର ଭାରତରେ ୪ର୍ଥ ସ୍ଥାନରେ କିଟ୍

**ଭୁବନେଶ୍ୱର,୨୪।୧୧ :** ପ୍ରତିବର୍ଷ ପରି ଚଳିତବର୍ଷ ଟାଇମ୍‌ସ ହାଇଅର ଏଜୁକେସନ୍ ଇଣ୍ଟରଡିସିପ୍ଲିନାରୀ ସାଇନ୍‌ସ ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଏହି ତାଲିକାରେ ଇଣ୍ଟରଡିସିପ୍ଲିନାରୀ ସାଇନ୍‌ସ ରିସର୍ଚ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବିଶ୍ୱର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ସ୍ଥାନ ପାଇଛନ୍ତି । ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍ୟାଙ୍କିଙ୍ଗ ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ ସହ ସମଗ୍ର ବିଶ୍ୱରେ ୯୨ତମ ସ୍ଥାନରେ ରହିଛି । ଭାରତରେ ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟକୁ ପଛରେ ପକାଇ କିଟ୍ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନରେ ରହିଛି । ଏହି ସଫଳତା କିଟ୍‌ର ଉନ୍ନତ ଇଣ୍ଟରଡିସିପ୍ଲିନାରୀ ସାଇନ୍‌ସ ରିସର୍ଚ୍ଚ ଓ ଇନୋଭେସନ୍‌ର ପ୍ରତିବଦ୍ଧତା ପ୍ରତିପାଦିତ କରୁଛି । ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ଶ୍ରେଷ୍ଠ ୪ର୍ଥ ସ୍ଥାନରେ ରହିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ।

# ଦେବାଳିଆ ହେବ ଆମେରିକା: ୬.୩ ବିଲିୟନ ଡ଼ଲାର ଦୈନିକ ଋଣ

**ୱାଶିଂଟନ, ୨୪।୧୧:** ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପୂର୍ବରୁ ଦେଶର ଋଣ ରେକର୍ଡସ୍ତରରେ ପହଞ୍ଚିଛି।ବିଶ୍ୱର ବୃହତ୍ତମ ଅର୍ଥନୀତି ଥିବା ଦେଶ ଆମେରିକାର ଋଣ ୩୬ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଚଳିତ ବର୍ଷ ଏହା ଦୁଇ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି। ଗତ ୩୧୬ ଦିନରେ, ଆମେରିକାର ଋଣ ପ୍ରତିଦିନ ୬.୩ ବିଲିୟନ ଡ଼ଲାର ବୃଦ୍ଧି ପାଇଛି। ଅର୍ଥାତ୍ ପ୍ରତିଦିନ ପ୍ରାୟ ୫,୩୧,୯୪,୮୫,୭୮,୪୯୦ ଟଙ୍କା।

ଏହାର ଅର୍ଥ ପ୍ରତ୍ୟେକ ଆମେରିକୀୟ ନାଗରିକଙ୍କର ୧୦୮,୦୦୦ ଋଣ ଅଛି। ଜିଡିପିର ଶତକଡ଼ା ନିଅଣ୍ଟ ଖର୍ଚ୍ଚ ଦ୍ୱିତୀୟ ବିଶ୍ୱଯୁଦ୍ଧସ୍ତରରେ ପହଞ୍ଚିଛି। କରୋନା ମହାମାରୀ ଆରମ୍ଭ ହେବା ପରେ ଆମେରିକାର ଋଣ ପ୍ରାୟ ୧୬ ଟ୍ରିଲିୟନ ଡଲାରରେ ବୃଦ୍ଧି ପାଇଛି। ଆମେରିକାର ଇତିହାସରେ ଏହା ଏପରି କେବେ ହୋଇ ନ ଥିଲା।


ଗତ ୨୪ ବର୍ଷ ମଧ୍ୟରେ ଆମେରିକାର ଋଣ ୬ ଗୁଣା ବୃଦ୍ଧି ପାଇଛି। ୨୦୦୦ ମସିହାରେ ଆମେରିକାର ୫.୭ ଟ୍ରିଲିୟନ ଡଲାରର ଋଣ ଥିଲା।



୨୦୧୦ରେ ଏହା ୧୨.୩ ଟ୍ରିଲିୟନ ଡଲାର ଏବଂ ୨୦୨୦ ରେ ୨୩.୨ ଟ୍ରିଲିୟନ ଡଲାର ଥିଲା। ଆମେରିକା କଂଗ୍ରେସର ବଜେଟ୍ ତଥ୍ୟ ଅନୁଯାୟୀ ଆସନ୍ତା ଦଶନ୍ଧି ସୁଦ୍ଧା ଦେଶର ଋଣ ୫୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଦେଶର ଋଣ ଜିଡିପିର ପ୍ରାୟ ୧୨୫% ଅଟେ। ପରିସ୍ଥିତି ଏପରି ହୋଇଛି ଯେ ସୁଧ ଦେୟ ପାଇଁ ଆମେରିକାକୁ ପ୍ରତିଦିନ ୧.୮ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଏଥିରୁ ସ୍ପଷ୍ଟ ହୋଇଛି ଯେ ସରକାରଙ୍କ ରୋଜଗାର ହ୍ରାସ ପାଉଛି ଏବଂ ବ୍ୟୟ ବୃଦ୍ଧି ପାଇଛି।

ବିଶେଷଜ୍ଞମାନେ କହିଛନ୍ତି ଯେ ଦେଶର ଅର୍ଥନୀତି ଏବଂ ଜାତୀୟ ସୁରକ୍ଷା ପାଇଁ ଏହା ଭଲ କଥା ନୁହେଁ। କୁହାଯାଉଛି ଆମେରିକାର ଋଣ-ଜିଡିପି ଅନୁପାତ ଆସନ୍ତା କିଛି ବର୍ଷ ମଧ୍ୟରେ ୨୦୦% ରେ ପହଞ୍ଚିପାରେ। ଅର୍ଥାତ୍ ଦେଶର ଋଣ ଅର୍ଥନୀତିର ଦ୍ୱିଗୁଣିତ ହେବ। ଯଦି ଏହା ଘଟେ, ଋଣ ପରିଶୋଧ ହେବା ମାତ୍ରେ ଆମେରିକାର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଯିବ। ଏହି କାରଣରୁ, ଅନୁସନ୍ଧାନ ଏବଂ ବିକାଶ, ଭିତ୍ତିଭୂମି ଏବଂ ଶିକ୍ଷା ପାଇଁ ମୋଟ ଖର୍ଚ୍ଚ ଅପେକ୍ଷା ସରକାର ସୁଧ ଦେବାରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଏହା ଏକ ଚିନ୍ତାର ବିଷୟ ଯେ ଦେଶର ଋଣ ଏକ ସମୟରେ ବୃଦ୍ଧି ପାଉଛି ଯେତେବେଳେ ଦେଶର ଅର୍ଥନୀତି ଭଲ ସ୍ଥିତିରେ ଅଛି। ସାଧାରଣତଃ, ଯେତେବେଳେ ଅର୍ଥନୀତିରେ ଦୁର୍ବଳତା ଥାଏ, ସରକାର ଅଭିବୃଦ୍ଧି ପାଇଁ ବ୍ୟୟ ବୃଦ୍ଧି କରନ୍ତି।ଋଣ ବୃଦ୍ଧି ଯୋଗୁ ଦେଶରେ ପୁଣି ଥରେ ସଟଡାଉନ୍ ହେବାର ପରିସ୍ଥିତି ହୋଇପାରେ। ଋଣ ସମ୍ବନ୍ଧରେ ଉଭୟ ପକ୍ଷ ଅର୍ଥାତ୍ ରିପବ୍ଲିକାନ୍ ଏବଂ ଡେମୋକ୍ରାଟଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଥାଏ। କିନ୍ତୁ ପ୍ରକୃତ କଥା ହେଉଛି ଉଭୟ ଦଳର କାର୍ଯ୍ୟକାଳ ମଧ୍ୟରେ ଦେଶର ଋଣ ବୃଦ୍ଧି ପାଇଛି। ଏହାର ପ୍ରଭାବ ଦେଶର କ୍ରେଡିଟ୍ ରେଟିଂରେ ମଧ୍ୟ ଦୃଶ୍ୟମାନ ହେବାରେ ଲାଗିଛି। ଗତ ବର୍ଷ ଅଗଷ୍ଟରେ, ଫିଚ୍ ଆମେରିକାର ସାର୍ବଭୌମ ଋଣର ମୂଲ୍ୟାୟନକୁ ଏଏ + ରୁ ଏଏଏ କୁ ହ୍ରାସ କରିଥିଲା । ମୁଡିସ୍ ମଧ୍ୟ ଚେତାବନୀ ଦେଇଥିଲା ଯେ ଏହା ଆମେରିକାର ଏଏଏକୁ କାଟିପାରେ। ଗତ ବର୍ଷ ଜୁନ୍ ମାସରେ ଆମେରିକା ପ୍ରଥମ ଥର ପାଇଁ ଡିଫଲ୍ଟର ସୀମାକୁ ଆସିଥିଲା ଏବଂ ଏହି ପରିସ୍ଥିତି ପୁଣି ଥରେ ଘଟିଛି।

# ହାଇକୋର୍ଟରେ ଚାକିରି ସୁଯୋଗ, ତୁରନ୍ତ କରନ୍ତୁ ଆବେଦନ



**ନୂଆଦିଲ୍ଲୀ,୨୪।୧୧ :** ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ଖୁସି ଖବର । ଆଉ ଯଦି ଆପଣ ହାଇକୋର୍ଟରେ ଚାକିରି ଖୋଜୁଛନ୍ତି, ତେବେ ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ଝାଡ଼ଖଣ୍ଡ ହାଇକୋର୍ଟଙ୍କ ଦ୍ୱାରା ଏକ ନିଯୁକ୍ତି ବିଜ୍ଞପ୍ତି ଜାରି କରାଯାଇଛି । ଯାହା ଅନୁଯାୟୀ କୋର୍ଟରେ ନିଯୁକ୍ତି କରାଯିବ । ଏହି ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ନିଯୁକ୍ତି ପାଇଁ ଆବେଦନ କରିବାର ଶେଷ ତାରିଖ ୩୦ ନଭେମ୍ବର ପର୍ଯ୍ୟନ୍ତ ରହିଛି । ଆବେଦନ କରିବାକୁ ଇଚ୍ଛୁକ ଥିବା ପ୍ରାର୍ଥୀ ଅଫିସିଆଲ୍ ସାଇଟ୍ jharkhandhighcourt.nic.in କୁ ଯାଇ ଆବେଦନ କରିପାରିବେ ।

ଜରୁରୀ ତାରିଖ : ଏହି ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆବେଦନ କରିବାର ଶେଷ ତାରିଖ ହେଉଛି ନଭେମ୍ବର ୩୦, ୨୦୨୪ ରହିଛି । ପଦବୀ ସଂଖ୍ୟା -୧୫। ଶିକ୍ଷାଗତ ଯୋଗ୍ୟତା :ଏହି ନିଯୁକ୍ତି ପାଇଁ ଆବେଦନ କରିବାକୁ ପ୍ରାର୍ଥୀ ଆଇନରେ ଡିଗ୍ରୀ ହାସଲ କରିବା ସହ ଆଡଭୋକେଟ୍ ଭାବରେ କାର୍ଯ୍ୟ କରିବାର ୭ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ବୟସ ସୀମା :ଏହି ନିଯୁକ୍ତି ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ବୟସ ୩୫ ବର୍ଷରୁ ୪୫ ବର୍ଷ ମଧ୍ୟରେ ହେବା ଉଚିତ । ଆବେଦନ ଶୁଳ୍କ : ସାଧାରଣ ବର୍ଗ ପ୍ରାର୍ଥୀଏବଂ ଅନ୍ୟାନ୍ୟ ବର୍ଗ ପାଇଁ ଫି ୧୦୦୦ ଟଙ୍କା ରହିଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି, ୫୦୦ ଟଙ୍କା ଆବେଦନ କରିପାରିବେ। ତେବେ ଏହି ନିଯୁକ୍ତି ବିଷୟରେ ଅଧିକ ଜାଣିବା ପାଇଁ ପ୍ରାର୍ଥୀମାନେ ଅଫିସିଆଲ ୱେବସାଇଟର ସାହାଯ୍ୟ ନେଇପାରିବେ । ଆବେଦନ କରିବାକୁ, ହାଇକୋର୍ଟର ଅଫିସିଆଲ୍ ୱେବସାଇଟ୍ jharkhand highcourt.nic.in କୁ ଯାଆନ୍ତୁ ।

ବର୍ତ୍ତମାନ ଆବେଦନକାରୀଙ୍କୁ ନିଯୁକ୍ତି ବଟନ୍ ଉପରେ କ୍ଲିକ୍ କରିବାକୁ ପଡିବ ଏବଂ ଏହା ପରେ ଜିଲ୍ଲା ଜଜ୍ ପଦ ପାଇଁ ଆବେଦନ ଫର୍ମ ଉପରେ କ୍ଲିକ୍ କରିବାକୁ ପଡିବ ।

ପରବର୍ତ୍ତୀ ପେଜରେ ପଞ୍ଜୀକରଣ ପାଇଁ ଆବଶ୍ୟକ ସୂଚନା ପୂରଣ କରି ପଞ୍ଜିକରଣ କର । ପଞ୍ଜୀକରଣ ପରେ, ପରବର୍ତ୍ତୀ ପ୍ରକ୍ରିୟା ମଧ୍ୟ ସଂପୂର୍ଣ୍ଣ କରନ୍ତୁ । ଏହା ପରେ ନିର୍ଦ୍ଧାରିତ ଦେୟ ପ୍ରଦାନ କରନ୍ତୁ । ବର୍ତ୍ତମାନ ପ୍ରାର୍ଥୀମାନେ ଆବେଦନ ଫର୍ମ ଦାଖଲ କରନ୍ତୁ । ତା'ପରେ ପ୍ରାର୍ଥୀମାନେ ଫର୍ମ ଡାଉନଲୋଡ୍ କରନ୍ତୁ । ଶେଷରେ ପ୍ରାର୍ଥୀମାନେ ଆବେଦନ ଫର୍ମରୁ ଏକ ପ୍ରିଣ୍ଟ ବାହାର କରିବା ଉଚିତ୍ । ଅଧିକ ଜାଣିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ : jharkhandhighcourt.nic.in।

# ରେଳବାଇର ବାରମ୍ବାର ଅନୁରୋଧ ସତ୍ତ୍ୱେ ଉତ୍ତର ଦେଉ ନାହାନ୍ତି ଅଭିଯୋଗକାରୀ

**ନୂଆଦିଲ୍ଲୀ,୨୪।୧୧:** ସୋସିଆଲ ମିଡିଆରେ ପ୍ରାୟତଃ ଟ୍ରେନରେ ସିଟ ନମିଳିବାର ଅଭିଯୋଗ ଓ ଫଟୋ ଭାଇରାଲ ହୋଇଥାଏ। ଏହି ପୋଷ୍ଟ ମଧ୍ୟରୁ କିଛି ଯାତ୍ରୀ ନିଜ ସମସ୍ୟା ଜଣାଇବାକୁ ପୋଷ୍ଟ କରିଥାଆନ୍ତି ତ ଆଉ କିଛିଜଣ ଘଟଣାକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରିଥାଆନ୍ତି।

ସୋସିଆଲ ମିଡିଆରେ ଭାଇରାଲ ପୋଷ୍ଟରେ ଜଣେ ମହିଳା ଲାଲଶାଢ଼ି ପିନ୍ଧି ରେଳ ଚଟାଣରେ ବସିଥିବା ଦେଖିବାକୁ ମିଳୁଛି। ଏହି ଫଟୋକୁ ସୋସିଆଲ ମିଡିଆରେ ଜିତେଶ ନାମକ ସୋସିଆଲ ମିଡିଆ ବ୍ୟବହାରକାରୀ ଏକ୍ସରେ ସେୟାର କରି ଦାବି କରିଛନ୍ତି,



'ଫଟୋରେ ଦେଖିବାକୁ ମିଳୁଥିବା ମହିଳା ଜଣକ ହେଉଛନ୍ତି ମୋ ସ୍ତ୍ରୀ।' ଏହି ପୋଷ୍ଟ ପୂର୍ବରୁ ପୋଟେଟୋ ନାମକ ସୋସିଆଲ ମିଡିଆ ବ୍ୟବହାରକାରୀ ଏକ୍ସରେ ଏହି ଫଟୋ ସେୟାର କରି ଲେଖିଥିଲେ, 'ପ୍ରିୟ ମାତା-ପିତା ନିଜ ଝିଅର ବିବାହ ଏମିତି ବ୍ୟକ୍ତିଙ୍କ ସହ କରନ୍ତୁ ନାହିଁ ଯିଏ ନିଜର ସହିତ ଆପଣଙ୍କ ଝିଅକୁ ସମ୍ମାନଜନକ ଜୀବନ ଦେଇ ପାରିବନାହିଁ।' ଏହି ପୋଷ୍ଟ ପରେ ଜିତେଶ ଫଟୋକୁ ରି-ସେୟାର କରି ରେଳ ମନ୍ତ୍ରାଳୟକୁ କଟାକ୍ଷ କରିଥିଲେ। ଜିତେଶ ଲେଖିଥିଲେ, 'ଧନ୍ୟବାଦ। ଅଶ୍ୱିନୀ ବୈଷ୍ଣବ ଜି। ଆପଣଙ୍କ ଦୟାରୁ ମୋର ସ୍ତ୍ରୀଙ୍କୁ ଏହି ୱାର୍ଲଡ କ୍ଲାସ ଟ୍ରେନ ସୁବିଧା ମିଳିଛି। ମୁଁ ସାରା ଜୀବନ ପାଇଁ ଆପଣଙ୍କ ନିକଟରେ ଋଣୀ ହୋଇ ରହିବି।' ରେଳ ସେବାର ଅଧିକାରିକ ହ୍ୟାଣ୍ଡେଲରେ ଏହି ପୋଷ୍ଟର ପ୍ରତିକ୍ରିୟା ଦେଇ ଜିତେଶଙ୍କ ଠାରୁ ଯାତ୍ରାର ସମ୍ପୂର୍ଣ୍ଣ ବିବରଣୀ ମାଗିଥିଲେ। ଆପଣ ପଠାଇଥିବା ବିବରଣୀ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇପାରିବ। ଆପଣ ରେଳ ମଦଦ ୱେବସାଇଟରେ ଯାଇ ଅଭିଯୋଗ କରି ୧୩୯ରେ କଲ କରି ପାରିବେ।' ବାରମ୍ବାର ରେଳୱେର ଅନୁରୋଧ କ୍ରମେ ଜିତେଶ କୌଣସି ଯାତ୍ରା ସମ୍ପର୍କୀୟ ବିବରଣୀ ସେୟାର କରି ନଥିଲେ। ଯାହାକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସପ୍ତାହକରେ ସୁନା ୪ହଜାର ମହଙ୍ଗା

**ଭୁବନେଶ୍ୱର,୨୪।୧୧:** ସୁନା ଦର ପୁଣି ହୁ ହୁ ବଢ଼ିଚାଲିଛି। ଚଳିତ ସପ୍ତାହରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୪ ହଜାର ଟଙ୍କା (୩୯୯୦ ଟଙ୍କା) ବଢ଼ିଯାଇଛି। ଏଥିଯୋଗୁ ୧୦ ଗ୍ରାମ୍ ସୁନା ଦର ଭୁବନେଶ୍ୱର ବଜାରରେ ୭୯୬୪୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଶନିବାର ସୁନା ୮୨୦ ଟଙ୍କା ମହଙ୍ଗା ହୋଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୭୫୦ ଟଙ୍କା ବୃଦ୍ଧି ଘଟି ୭୩୦୦୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଶନିବାର ଏହି ଧାତୁ ମୂଲ୍ୟରେ ୭୫୦ ଟଙ୍କା ବୃଦ୍ଧି ଘଟିଛି। ଲଗାତାର ୬ ଦିନ ହେଲା ସୁନା ଦରରେ ବଡ଼ଧରଣର ବୃଦ୍ଧି ଘଟିଛି। ଏହି ହାରରେ ଯଦି ସୁନା ଦର ବୃଦ୍ଧି ଘଟେ ତାହେଲେ ନିକଟ ଭବିଷ୍ୟତରେ ଏହା ନୂଆ ରେକର୍ଡ କରିବା ଆଶଙ୍କା ରହିଛି।

# କାନାଡ଼ାରେ ଗୁରୁତର ଆର୍ଥିକ ସଂକଟ

- 'ସାଲ୍‌ଭେସନ୍ ଆର୍ମି' ରିପୋର୍ଟ
- ପିଲାଙ୍କ ପେଟ ଭରିବା ପାଇଁ କମ୍ ଖାଉଛନ୍ତି ୨୫% ମା'ବାପା
- ଅନ୍ୟ ଖର୍ଚ୍ଚ ପୂରଣ ପାଇଁ କମ୍ ତେଜରାତି ସାମଗ୍ରୀ କିଣୁଛନ୍ତି

**ନୂଆଦିଲ୍ଲୀ,୨୪।୧୧:** ସଂପ୍ରତି କାନାଡ଼ାବାସୀ ଖାଦ୍ୟ ଓ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ପିଲାଙ୍କ ପେଟ ଭରିବା ପାଇଁ କାନାଡ଼ାର ୨୫ ପ୍ରତିଶତ ମା'ବାପା କମ୍ ଖାଉଛନ୍ତି। କାନାଡ଼ାର ନାଗରିକମାନେ ନିଯୁକ୍ତି ଏବଂ ମୁଦ୍ରାସ୍ଫୀତିକୁ ନେଇ ଚାଲେଞ୍ଜର୍ ସାମ୍ନା କରୁଛନ୍ତି। କାନାଡ଼ାବାସୀଙ୍କ ଉପରେ ଏହାର ଚାପ କେତେ ରହିଛି ତାହା ନିକଟରେ ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ରିପୋର୍ଟରେ କୁହାଯାଇଛି ଯେ କାନାଡ଼ାରେ ପ୍ରତି ୪ ମା'ବାପାଙ୍କ ମଧ୍ୟରୁ ଗୋଟିଏ ମା'ବାପା ସେମାନଙ୍କ ପିଲାଙ୍କ ପେଟ ଭଲରେ ଭରିବା ପାଇଁ ନିଜର ପେଟକୁ କମ୍ ଖାଉଛନ୍ତି। ସାଲଭେସନ ଆର୍ମି ପକ୍ଷରୁ ଗତ ୨୧ ତାରିଖରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ସର୍ଭେରେ ଭାଗ ନେଇଥିବା ୯୦ ପ୍ରତିଶତରୁ ଅଧିକ ବ୍ୟକ୍ତି ସେମାନଙ୍କ ଅନ୍ୟ ଆର୍ଥିକ ଆବଶ୍ୟକତାକୁ ପୂରଣ ପାଇଁ ତେଜରାତି ସାମଗ୍ରୀ ଖର୍ଚ୍ଚ କମାଇଛନ୍ତି।




କାନାଡ଼ାରେ ଲୋକମାନେ ଯେଭଳି ସୁଲଭ ମୂଲ୍ୟରେ କେତେକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ସମର୍ଥ ହେବେ ସେଥିପାଇଁ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ନିକଟ ଭବିଷ୍ୟତରେ ଜିଏସ୍‌ଟି ହ୍ରାସ କରିବେ ବୋଲି ଅନୁମାନ କରାଯାଉଛି। କାନାଡ଼ାର ଖାଦ୍ୟ ବ୍ୟାଙ୍କଗୁଡ଼ିକରେ ମଧ୍ୟ ବର୍ତ୍ତମାନ ଖାଦ୍ୟ ଅଭାବ ରହିଛି। କେତେକ ଅତ୍ୟାବଶ୍ୟକ ଖର୍ଚ୍ଚ ନକମାଇ ସବୁ ଆବଶ୍ୟକ ଖର୍ଚ୍ଚ ପୂରଣ କରିବା ବହୁ ଲୋକଙ୍କ ପାଇଁ ସମ୍ଭବ ହେଉନାହିଁ। ଅନେକ ପରିବାର ବଞ୍ଚିବାର ମାନ ସହ ଜଡ଼ିତ ଏକାଧିକ ବିଷୟରେ ମାତ୍ରାଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ କାନାଡ଼ାରେ ଗମ୍ଭୀର ଆର୍ଥିକ ସଂକଟ ଉପୁଜିଥିବା ଏଥିରୁ ସ୍ପଷ୍ଟ ହେଉଛି। ଆସନ୍ତାବର୍ଷ କାନାଡ଼ାରେ ନିର୍ବାଚନ ହେବାକୁ ଥିବା ବେଳେ ଏଭଳି ସ୍ଥିତି ଚିନ୍ତା ବଢ଼ାଇଛି। ତେଜରାତି ସାମଗ୍ରୀରେ ଖର୍ଚ୍ଚ ହ୍ରାସ ଦ୍ୱାରା ଅଳ୍ପ ଅର୍ଥ ସଞ୍ଚୟ ହେଉଥିଲେ ମଧ୍ୟ ସର୍ଭେରେ ଭାଗ ନେଇଥିବା ୯୦ ପ୍ରତିଶତରୁ ଅଧିକ ବ୍ୟକ୍ତି ଏହା କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ବ୍ୟକ୍ତି କମ୍ ପୁଷ୍ଟିକର ଖାଦ୍ୟ କିଣୁଛନ୍ତି। କାରଣ ତାହାର ଦାମ୍ କମ୍ ରହୁଛି। ୮୪ ପ୍ରତିଶତ ଲୋକ ଖାଦ୍ୟ ଖାଇବାକୁ ଏଡ଼ାଇ ଦେଉଛନ୍ତି। କାନାଡ଼ାରେ ଅର୍ଥନୈତିକ ସଂକଟର ଏହା କେବଳ ଏକମାତ୍ର ଲକ୍ଷଣ ନୁହେଁ। କାନାଡ଼ାବାସୀ ଏଭଳି ସଂକଟରେ କିଭଳି ଜୀବନ ଜିଉଁଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଅନେକ ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ସ୍ଥିତିରେ ଲୋକମାନେ ଯେଭଳି ସୁଲଭ ମୂଲ୍ୟରେ ବିଭିନ୍ନ ସାମଗ୍ରୀ ପାଇପାରିବେ ସେ ନେଇ କାନାଡ଼ା ସରକାର ଏକ ବଡ଼ ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ଏଥିରେ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ହ୍ରାସ ଅନ୍ୟତମ ବୋଲି କୁହାଯାଉଛି।

## ‘ତୁ ମୋ କମଜୋରୀ’ରେ ଖଳନାୟକ ଭୂମିକାରେ ଭିଶାନ୍ତ



**ନବରଙ୍ଗପୁର, ୨୪।୧୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ପାଇଁ ଗର୍ବ ଓ ଗୌରବ କଥା। କଳା ଓ ସଂସ୍କୃତିର ଗନ୍ତାଘର ଆମ ନବରଙ୍ଗପୁର। ଓଲିଉଡକୁ ନବରଙ୍ଗପୁର ଜିଲ୍ଲା ଶ୍ରୀରାମ ପଣ୍ଡା, ମୁନ୍ନା ଖାଁ, ଭିକ ଭଞ୍ଜ, ଶୁଭାଶିଷ ଦାଶ, ନିହାର ସାମଲ, ନବ କିଶୋର ପଣ୍ଡା, ସୁରେଶ ମହାନ୍ତି, ଆତ୍ମା ନନ୍ଦଙ୍କ ଭଳି ଅନେକ ସଫଳ ଅଭିନେତା ଦେଇ ଓଡିଶା ସିନେ ଜଗତକୁ ଗୌରବାନ୍ୱିତ କରିଥିବା ବେଳେ ଏହି କ୍ଷେତ୍ରରେ ଯୋଡି ହୋଇଯାଇଛି ଆଉ ଏକ ନାମ । ନବରଙ୍ଗପୁର ସହରର ଏକ ଉଦ୍ୟମାନ ଯୁବକ ଭିଶାନ୍ତ ଭିସ୍ ପ୍ରଥମ ଥର ପାଇଁ ସେ ବଡ ପରଦାରେ ଅଭିନୟ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର - ତୁ ମୋ କମଜରୀରେ ସେ ଖଳନାୟକ ଭୂମିକାରେ ଅଭିନୟ କରିଥିବା କହିଛନ୍ତି। ନବରଙ୍ଗପୁର ଭଳି ଏକ ଜିଲ୍ଲାରୁ ବଡ ପରଦାରେ ଅଭିନୟ କରିଥିବା ନିଶ୍ଚିତ ଭାବରେ ଏକ ଗୌରବର ବିଷୟ। ନବରଙ୍ଗପୁର ସହର ନୂଆବନ୍ଧ ସାହିରେ ତାଙ୍କ ଘର ରହିଥିବା ବେଳେ ବାପା ଏମ ବାସୁ ଓ ମା ଏମ ଜ୍ୟୋତିଙ୍କ ପ୍ରଥମ ସନ୍ତାନ ଅଟନ୍ତି । ପୂର୍ବରୁ ସେ ସିନେ ପ୍ରଡକ୍ସନ ସଂସ୍ଥାର କ୍ରିୟୁ ମେମ୍ବର ଭାବେ କାର୍ଯ୍ୟ କରୁଥିବା ବେଳେ ବଲିଉଡ ଓ ଓଲିଉଡର ଆଗଧାଡ଼ିର ଅଭିନେତା ଓ ଅଭିନେତ୍ରୀଙ୍କ ସହ ମିଶିବାର ସୁଯୋଗ ମିଳିଥିଲା । ଯାହା ତାଙ୍କୁ ଅଭିନୟରେ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲା । ସୁପ୍ରିମ ଇଣ୍ଟରଟେଇନମେଣ୍ଟ ପ୍ରଡକ୍ସନ ସଂସ୍ଥାଙ୍କୁ ଅଭିନୟ ପାଇଁ ସୁଯୋଗ ଦେଇଥିଲା । ତାଙ୍କ ଅଭିନିତ ଏହା ପ୍ରଥମ ଚଳଚିତ୍ର ହୋଇଥିବା ବେଳେ ନବରଙ୍ଗପୁର ସହର ରେ ଖୁସିର ଲହରୀ ଖେଳି ଯାଇଛି । ତାଙ୍କରି ଅଭିନିତ ଏହି ଚଳଚ୍ଚିତ୍ରର ସଫଳତା ପାଇଁ ସେ ସମସ୍ତ ଜିଲ୍ଲାବାସୀଙ୍କ ଆଶୀର୍ବାଦ କାମନା କରିଛନ୍ତି। ନବରଙ୍ଗପୁର ସହରରେ ଥିବା ଗ୍ଲାଜ୍ ସିନେମା ହଲ୍ ରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି । ନବରଙ୍ଗପୁର ସୋସିଆଲ ମିଡିଆ ଗ୍ରୁପ ନରଙ୍ଗପୁରିଆ ଗ୍ରୁପ ତରଫରୁ ଭିଶାନ୍ତ ଭାଇ ଓ “ତୁ ମୋ କମଜରୀ”ର ସମସ୍ତ ଟିମ୍‌କୁ ଅନେକ ଶୁଭକାମନା ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

### ମହାତ୍ମାଗାନ୍ଧୀ ଡିଗ୍ରୀ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ

# ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**କାକଟପୁର/ଅସ୍ତରଙ୍ଗ, ୨୪।୧୧ (ସଂଚାର ବ୍ୟୁରୋ) :** ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ କରିବା ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଅଧିକ ଆଗ୍ରହ ଜନ୍ମାଇବା ପାଇଁ ୫ଟି ଯୋଜନାରେ ମହାବିଦ୍ୟାଳୟ ଗୁଡିକର ରୂପାନ୍ତରଣ କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉକୁଳେଇ ସ୍ଥିତ ମହାତ୍ମାଗାନ୍ଧୀ ଡିଗ୍ରୀ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ରୂପାନ୍ତୀକରଣ କାର୍ଯ୍ୟରେ ନିମ୍ନମାନର କାର୍ଯ୍ୟ ସହ ନିର୍ମାଣ

### ଠିକାଦାରଙ୍କ ମର୍ଜିରେ ଚାଲିଛି କାମ

କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ନିଜ ସୁବିଧା ଓ ଲାଭକୁ ଦେଖି ଠିକାଦାର ମର୍ଜିରେ କାମ କରୁଛନ୍ତି। ନିମ୍ନ ମାନର ଇଟା ସହ ବ୍ୟବହୃତ ଲୁହା ଛଡ଼ ମଧ୍ୟରେ ବ୍ୟବଧାନ ମଧ୍ୟ ସଠିକ ରହୁନାହିଁ। କଂକ୍ରିଟ ମିଶ୍ରଣ ଅତି ନିମ୍ନମାନର। କିଭଳି କମ୍ କଂକ୍ରିଟ ପଡିବ ସୁବିଧା ଦେଖି ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟ ସ୍ଥଳରେ ଯନ୍ତ୍ରୀଙ୍କ ଦେଖା ମିଳୁନଥିବା ବେଳେ ଅଭିଯୋଗ କଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ।

ସରକାର ମହାବିଦ୍ୟାଳୟ ଗୁଡିକ ରୂପାନ୍ତରଣ ସହ ସ୍ମାର୍ଟ କ୍ଲାସ ହେବା ପାଇଁ ୫୦ଲକ୍ଷ ଲେଖାଏଁ ଟଙ୍କା ଆସିଥିବା ବେଳେ ଯନ୍ତ୍ରୀ ଓ ଠିକାଦାର ସହ ସରକାରୀ ଅଧିକାରୀ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ ଚାଲୁ ରହିଛି। ଉପଯୁକ୍ତ ପରିମାଣ ବାଲି କି ସିମେଣ୍ଟ ବ୍ୟବହୃତ ହେଉନାହିଁ। ଲୁହା ଜାଲିରେ ୮ଇଞ୍ଚ ବ୍ୟବଧାନରେ ଲୁହା ଛଡ଼ ବନ୍ଧା ଯିବାର



ନିୟମ ଥିବା ବେଳେ ୧୨ଇଞ୍ଚ ଲେଖାଏଁ ଛାଡି ଛଡ଼ ବନ୍ଧା ଯାଉଛି। ଯାହା ଫଳରେ କମ୍ ଦିନରେ ଘର ଦୁର୍ବଳତା ଆଶଙ୍କା ରହିଛି। କଂକ୍ରିଟ ଢ଼ଳେଇ ହେଉ କିମ୍ବା ନିମ୍ନ ମାନର ଇଟା ଦେଇ ଯୋଡ଼େଇ କାମ ସଠିକ ଭାବେ କରାଯାଉନାହିଁ। ନିମ୍ନ ମାନର କାର୍ଯ୍ୟ ହେଉଛି କି ନାହିଁ ଉଚ୍ଚ ପଦସ୍ତ ବିଭାଗୀୟ ଅଧିକାରୀ ପହଂଚି ଯାଞ୍ଚ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବି ମାନେ କହିଛନ୍ତି।

ଯାହା ଚର୍ଚ୍ଚା ହେଉଛି ବିଭାଗୀୟ ଅଧିକାରୀଙ୍କ ଭିତୁରିଆ ପକେଟ ଗରମ ହେଉଥିବା ମହାବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ନିମ୍ନ ମାନର ଚାଲୁଚି। ମାତ୍ର ଏହାକୁ ଫୁ “କରି ଠିକଦାର କାମ କରୁଛନ୍ତି। ଏ ସମ୍ପର୍କ ରେ ବ୍ଲକ ସହକାରୀ ଯନ୍ତ୍ରୀ ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ।ରୂପାନ୍ତିକରଣ କାର୍ଯ୍ୟକୁ ଭିଜିଲାନ୍ସ ବିଭାଗ ସହ ଉଚ୍ଚ ପଦସ୍ତ ଅଧିକାରୀ ତଦନ୍ତ କରିଲେ ଯନ୍ତ୍ରୀ ଓ ଠିକାଦାର ପକେଟ ଗରମ ଗୁମର ଲୋକଲୋଚନକୁ ଆସି ପାରିବ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।



## ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

**ଜଗତସିଂହପୁର, ୨୪।୧୧ (ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି।ଏହି ଅବସରରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତସିଂହପୁର ର ଗର୍ବ ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମ ନେଇଥିଲେ। ଏକାଧାର ରେ ସେ ଜଣେ ରାଜନେତା, ସ୍ୱାଧୀନତା ସଂଗ୍ରାମୀ ଓ ଲେଖକ ଥିଲେ । ଆଜି ତାଙ୍କର ପବିତ୍ର ଜନ୍ମ ତିଥି ରେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା,ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମା ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ମଦ ମୁକ୍ତି ଯୁବବାହିନୀ ତରଫରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

**ସୁବର୍ଣ୍ଣପୁର, ୨୪।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିରାମହରାଜପୁର ମହାବିଦ୍ୟାଳୟ ପରିସରରେ ମଦମୁକ୍ତି ଯୁବବାହିନୀ ଓଡିଶା ସୁବର୍ଣ୍ଣପୁର ଶାଖା ତରଫରୁ ଆଜି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳନ ସହ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ ସହ ସଶକ୍ତ ନିଶାନିବାରଣ ଆଇନ ଲାଗୁ କରିବାକୁ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ନବ ବାବୁଙ୍କ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶା ନିଶାନିବାରଣ ଆଇନ ୧୯୫୬ ବିଧାନସଭାରେ ଆଗତ କରାଇଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଏହି ଆଇନକୁ କାର୍ଯ୍ୟକାରୀ କରାଗଲାନାହିଁ ଫଳରେ ଆଜିର ସମାଜ ନିଶା କବଳରେ କବଳିତ। ନାରୀ ନିର୍ଯାତନା, ରାସ୍ତା ଦୁର୍ଘଟଣା, ଅକାଳ ମୃତ୍ୟୁ, ଅପରାଧ ଚରମ ସୀମାରେ ପହଞ୍ଚିଛି। ତେଣୁ ମଦକୁ ସମ୍ପୂର୍ଣ୍ଣ ବନ୍ଦ କଲେ ସୁସ୍ଥ ସମାଜ ଗଠନ ହୋଇପାରିବ। କାର୍ଯ୍ୟକ୍ରମ ରେ ଜିଲ୍ଲା ସଂଯୋଜକ ସୁଦାମ ଗାଈଗରିଆ ଯୋଗଦେଇ ନବବାବୁଙ୍କ ନିତି ଆଦର୍ଶ ବିଷୟରେ ଆଲୋଚନା କରିବା ସହ ଓଡିଶା ସରକାର ସଂଗ୍ରହ କରୁଥିବା ଅବକାରୀ ରାଜସ୍ୱ ତୁଳନା ରେ ଅଧିକ କ୍ଷତି ହେଉଥିବା ସୂଚନା ସହ ଟେକଚନ୍ଦ କମିସନ ତଥ୍ୟ ଉପସ୍ଥାପନା କରିଥିଲେ।ମଦ ମୁକ୍ତି ଯୁବବାହିନୀ ର ଅନ୍ୟତମ ସଦସ୍ୟ ରାମେଶ୍ୱର ବଡ଼ମାଳୀ ଯୁବପିଢ଼ି ନିଶା ଠାରୁ ଦୁରେଇ ରହିବାକୁ ଆହ୍ୱାନ ଦେଇଥିଲେ

# ଜୟପୁର ପୌରାଞ୍ଚଳ ‘ପରବ’ ଅନୁଷ୍ଠିତ

## ଭଗବତୀ ମନ୍ଦିରରୁ ମଶାଲଯାତ୍ରା ଶୁଭାରମ୍ଭ

**ଜୟପୁର, ୨୪।୧୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳ ‘ପରବ’ ଶନିବାର ଅନୁଷ୍ଠିତ ହୋଇଥିଲା।ଜୟପୁର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ପୀଠରେ ପୂଜାର୍ଚ୍ଚନ କରାଯାଇ ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ବାଜାବାଜଣା ଆଦିବାସୀ ନୃତ୍ୟରେ



ଏହି ଶୋଭାଯାତ୍ରା ଦଶହରା ପଡିଆସ୍ଥିତ ସଭାସ୍ଥଳୀ ପର୍ଯ୍ୟନ୍ତ ବିଶାଳ ପଟୁଆରରେ ଯାଇ ମଶାଲ ପହଞ୍ଚି ସେଠାରେ ସ୍ଥାପନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ, ସସ୍ୟା ରେଡ୍ଡୀ, ଏସ୍‌ଡିପିଓ ଅଙ୍କିତ ବର୍ମା, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୌର ଉପାଧ୍ୟକ୍ଷା ବି. ସୁନିତା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ ମଶାଲ ଧରି ଯାତ୍ରାରେ ସାମିଲ ହୋଇ ସଭାସ୍ଥଳୀ ଠାରେ ପହଞ୍ଚିଥିଲେ। ଆୟୋଜିତ ସଭାକାର୍ଯ୍ୟରେ ଅତିଥିମାନେ ‘ପରବ’ ଉତ୍ସବ ଆନନ୍ଦ ଓ ଉଲ୍ଲାସରେ ପାଳନ କରିବା ନେଇ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଏହି ଅବସରରେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଫୁଲବାଡ କ୍ରୀଡା କମ୍ପ୍ଲେକ୍ସଠାରେ କବାଡି ଏବଂ ଅନ୍ୟାନ୍ୟ ଦୌଡକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ପୌର କର୍ମଚାରୀ ସହଯୋଗ କରିଥିଲେ।

# ଡେପୁଟି ସିଇଓଙ୍କ ବରଗଡ ଗସ୍ତ

**ବରଗଡ, ୨୪।୧୧ (ସଂଚାର ବ୍ୟୁରୋ):** ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବୁଥ୍ ସ୍ତରରେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ-୨୦୨୫ ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ମତଦାତାଙ୍କ ନାମ ଯାଞ୍ଚ, ପଞ୍ଜୀକରଣ, ଅପସାରଣ,ସଂଶୋଧନ କିମ୍ବା ସ୍ଥାନାନ୍ତରିକରଣ କରିବା ପାଇଁ ସମସ୍ତ ବୁଥ ଠାରେ ନଭେମ୍ବର ମାସର ୨,୯,୧୬ ଏବଂ ୨୪ ତାରିଖ ଦିନ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପାଳନ କରିବା ସହ ବୁଥ ସ୍ତରୀୟ ଅଧିକାରୀ ନିଜ ବୁଥ ରେ ଉପସ୍ଥିତ ରହି ଉପରୋକ୍ତ କାର୍ଯ୍ୟ କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଡେପୁଟି ସିଇଓ ଡ଼ ଲକ୍ଷ୍ମଣ ପ୍ରସାଦ ସାହୁ ବରଗଡ ଜିଲ୍ଲା ଗସ୍ତରେ ଆସି ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରପାଲି ଏନଏସି ଅଂଚଳର ମହଦା ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବୁଥ ନମ୍ବର ୧୦, ୧୧ ଓ ୧୨, ଏବଂ ବରଗଡ଼ ନିର୍ବାଚନ ମଣ୍ଡଳୀର କୁସନପୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବୁଥ ନମ୍ବର ୧୧୩ ଓ ୧୧୪, ଶକ୍ତି ନଗର ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବୁଥ ନମ୍ବର-୬୭, ୬୮ ଓ ୬୯, ମାଷ୍ଟର ଟିକ୍ରା ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବୁଥ୍ ନମ୍ବର -୫୬, ୫୭ ଓ ୫୮ ଏବଂ ଗୋବିନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବୁଥ୍ ନମ୍ବର -୫୧, ୫୨, ୫୩ ପରିଦର୍ଶନ କରିବା ସହ ସମସ୍ତ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରଙ୍କ କାର୍ଯ୍ୟ ସମୀକ୍ଷା କରିଛନ୍ତି । ପରିଦର୍ଶନ ସମୟରେ ଡେପୁଟି ସିଇଓଙ୍କ ସହ ଡେପୁଟି କଲେକ୍ଟର ଶ୍ରୀ ମୁକ୍ତେଶ୍ୱର ପାଣିଗ୍ରାହୀ,ଏଚଆରଏମଏସ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ଛବି ପଢ଼ ଉପସ୍ଥିତ ଥିଲେ ।



ବିଭିନ୍ନ ବୁଥ ପରିଦର୍ଶନ ସହ କଲେ ସମୀକ୍ଷା

## ଚଇତି-୨୦୨୪ ପାଳନ ପାଇଁ ସବ୍‌କମିଟି ଗଠନ

**ରାୟଗଡା, ୨୪।୧୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାରେ ଆସନ୍ତା ଲୋକମହୋତ୍ସବ “ଚଇତି-୨୦୨୪” ପାଳନ ପାଇଁ ଏକ ଜନ୍ମାନ୍ତ ତୟାରି ଆରମ୍ଭ ହୋଇଛି । ଏହି ପ୍ରସଙ୍ଗରେ ଜିଲ୍ଲା ସ୍ତରରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସବକମିଟି ଗଠନ ମାଧ୍ୟମରେ ଆବଶ୍ୟକ ଆୟୋଜନ ମାଷ୍ଟରପ୍ଲାନ ତିଆରି କରାଯାଇଛି । ଏହି ବୈଠକରେ କମିଟିର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଆବାହକଙ୍କ ନାମ ଘୋଷଣା କରାଯାଇଥିଲା, ଯାହାକୁ ନିର୍ଦ୍ଧାରିତ ତାରିଖରେ ବୈଠକ ଡାକି ସଦସ୍ୟ ଗ୍ରହଣ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ସ୍ମରଣିକା ସବକମିଟିର ବୈଠକ ୨୬ ନଭେମ୍ବର, ୨୦୨୪ ଦିନ ପୂର୍ବାହ୍ନ ୧୦ଟାରେ ପିଏ, ଆଇଟିଡିଏଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଏହାର ଅଧ୍ୟକ୍ଷ ହେବେ ପିଏ, ଆଇଟିଡିଏ । ପାଣ୍ଠି ସଂଗ୍ରହ ସବକମିଟି ଜିଲ୍ଲାପରିଷଦ ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ଟାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହେବ । କ୍ରୀଡା ସବକମିଟିର ବୈଠକ ୨୭ ନଭେମ୍ବର, ୨୦୨୪ ପୂର୍ବାହ୍ନ ୧୦ଟାରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ଅନୁଷ୍ଠିତ ହେବ । ପ୍ରଚାର ପ୍ରଶାସନ ସବକମିଟି ସିଡିଓ ଓ ଇଓଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୭ ନଭେମ୍ବର, ୨୦୨୪ ମଧ୍ୟାହ୍ନ ୧୨ଟାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବୈଠକ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମ ସବକମିଟି ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୨୮ ନଭେମ୍ବର, ୨୦୨୪ ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ବୈଠକ ଅନୁଷ୍ଠିତ ହେବ । ଏହି ସମସ୍ତ ସବକମିଟି ରାୟଗଡାରେ ଚଇତି ମହୋତ୍ସବ କାର୍ଯ୍ୟକ୍ରମକୁ ସଫଳ କରିବା ଲକ୍ଷ୍ୟରେ କାମ କରିବ। ସଦସ୍ୟତା ପ୍ରାପ୍ତି ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ବୈଠକରେ ଯୋଗଦାନ କରିପାରିବେ।

### ସିନିୟର ଇନଟ୍ରା କ୍ଲବ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

## ଏନ୍‌ସିଏ ବଲାଙ୍ଗିର ବିଜୟୀ



**ବଲାଙ୍ଗିର, ୨୪।୧୧ (ସଂଚାର ବ୍ୟୁରୋ) :** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିନିୟର ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦର ଆନୁକୂଲ୍ୟରେ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନି ପର୍ବରେ ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସମ୍ପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସମ୍ପାଦକ ଶତୃଘନ ସିଂ, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଓ କ୍ରିକେଟ କୋଚ ଅରୁଣ ନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି ମ୍ୟାଚ ଟି କେଓ୍ୱାଇଏସ୍‌ସି କଣ୍ଟାବାଞ୍ଜି ଓ ବଲାଙ୍ଗିର ଏନ୍‌ସିଏ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନ୍‌ସିଏ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ସମୁଦାୟ ୨୬୬ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ରାଘବେନ୍ଦ୍ର ତ୍ରିପାଠି ସର୍ବାଧିକ ୧୧୧ ରନ୍ ସଂଗ୍ରହ କରିଥିଲେ। କେଓ୍ୱାଏସ୍‌ସି ପକ୍ଷରୁ ସଫଳ ବୋଲର ଭାବରେ ସମିର ଖାନ ଓ ଶ୍ୟାମ ବଛା ପ୍ରତ୍ୟେକ ତିନିଗୋଟି ଲେଖାଏଁ ୱିକେଟ ନେଇଥିଲା। ୨୬୬ ରନ୍ ର ବିଜୟ ଲକ୍ଷ୍ୟକୁ ପିଛା କରି କେଓ୍ୱାଏସ୍‌ସି ଦଳ ସମସ୍ତ ୱିକେଟ ହରାଇ ମାତ୍ର ୧୦୯ ରନ୍ ସଂଗ୍ରହ କରିଥିଲେ। ଫଳରେ ଏହି ମ୍ୟାଚକୁ ଏନ୍‌ସିଏ ଦଳ ୧୫୭ ରନ୍ ରେ ବିଜୟୀ ହୋଇଥିଲେ। ଏନ୍‌ସିଏ ପକ୍ଷରୁ ସଫଳ ବୋଲର ଭାବରେ ଯୋଗେଶ୍ୱର ବାଗ ସର୍ବାଧିନ ୫ଗୋଟି ୱିକେଟ ନେଇଥିଲେ। ଆଜିର ଏହି ମ୍ୟାଚକୁ ରାଜେନ୍ଦ୍ର ସେଠ ଓ ମୁକେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୭୬ତମ ଏନ୍‌ସିସି ଦିବସ

**ବ୍ରହ୍ମପୁର, ୨୪।୧୧ (ସଂଚାର ବ୍ୟୁରୋ):** ଆଜି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୭୬ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି.) ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏନ୍.ସି.ସି. ପତାକା ଉତ୍ତୋଳନ କରିବା ସହ ସମର ଶିକ୍ଷାର୍ଥୀ ବାହିନୀଙ୍କ ଅଭିବାଦନ ଗ୍ରହଣ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର୍ ପଦ୍ମିନୀ ସାହୁ, କର୍ଣ୍ଣେଲ୍ ସମୀର କୁମାର କର, ସୁବେଦାର ମେଜର୍ ବିସମ୍ ଓ ଆର୍ମି ୱିଙ୍ଗ୍ କ୍ୟାପଟେନ୍ ଡ. ଯତୀନ ବିଷୋୟୀ ଏବଂ ନାଭାଲ୍ ୟୁନିଟ୍‌ର ତତ୍ତ୍ୱାବଧାରକ ଡ. ସୁଶୀଲ କୁମାର ରାଠୋର୍‌ଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ, ଆର୍ମି ଓ



ନାଭାଲ୍ ୱିଙ୍ଗ୍‌ର ବହୁ ସୁବେଦାର ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ଦେଶ ଗଠନ, ଶୃଙ୍ଖଳିତ ଆଚରଣ ଓ ଉଚ୍ଚାରଣରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଥିବା ଅଗ୍ରଗଣ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ପୂର୍ବରୁ ଆୟୋଜିତ ବହୁ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସମର ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମର ଶିକ୍ଷାର୍ଥୀ ବାହିନୀ ବିଭିନ୍ନ ପ୍ରକାର ଯୁଦ୍ଧକୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶତାଧିକ ସମର ଶିକ୍ଷାର୍ଥୀବାହିନୀ ଅଂଶଗ୍ରହଣ କରିଥିଲେ।

## ସତ୍ୟସାଇ ବାବାଙ୍କ ୯୯ତମ ଜୟନ୍ତୀ ପାଳିତ

**ଯୋଡ଼ା, ୨୪।୧୧ (ସଂଚାର ବ୍ୟୁରୋ):** ଶ୍ରୀ ସତ୍ୟସାଇ ସେବା ସମିତି, ଯୋଡ଼ା, କେନ୍ଦୁଝର -୧ଦ୍ୱାରା ଶ୍ରୀ ସତ୍ୟସାଇ ବାବା ଙ୍କ ଅନେଶତ ଜନ୍ମ ଜୟନ୍ତୀ ସାଇ ମନ୍ଦିର, ଯୋଡ଼ା ପରିସର ରେ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି. ଶନିବାର ପ୍ରାତଃ ୫. ୩୦ ଘଟିକା ରେ ଓମ କାରମ, ସୁପ୍ରଭାତ ଓ ନଗର ସଂକୀର୍ତ୍ତନ କରାଯାଇ ବାବାଙ୍କ ଷୋଡଶ ଉପଚାର ପୂଜାସହ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ବାଳ ବିକାଶ ପିଲା ମାନଙ୍କ ଦ୍ୱାରା ଭଗବାନ ବାବା ଙ୍କ ପାଦ ପଦ୍ମ ରେ ଫୁଲ ଅର୍ପଣ କରାଯିବା ସହିତ ଭଜନ କରାଯିବା ସହ ନାରାୟଣ ସେବା କରାଯାଇଥିଲା। ସନ୍ଧ୍ୟା ସମୟରେ ମହିଳା ମାନଙ୍କ ଦ୍ୱାରା



୯୯ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସନ୍ଧ୍ୟା କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବେଦ ପାଠ, ସ୍ତୋତ୍ର ଓ ଭକ୍ତି ସଂଗୀତ ପରେ ପରେ ଅବତାର ସାଇଙ୍କ ଦିବ୍ୟ ଲୀଳା ଉପରେ ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜକ ଭାଇ ପ୍ରମୋଦ କୁମାର ଦାଶ ଙ୍କ ପ୍ରବଚନ ଉପସ୍ଥିତ ଶ୍ରୋତା ମାନଙ୍କ ମନକୁ ଭଗବାନ ଆଡକୁ ଆକୃଷ୍ଟ କରି ପାରିଥିଲ।ବାଳ ବିକାଶ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହିଳା ମାନଙ୍କ ଦ୍ୱାରା ପରିବେଷିତ ଜନ୍ମଦିନ ସଂଗୀତ ପରିବେଷଣ ଦ୍ୱାରା ମନ୍ଦିରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ଦୁଖୀ ଦରିଦ୍ର ମାନଙ୍କୁ ଅମୃତ କଳସ, ବସ୍ତ୍ର ବଣ୍ଟନ କରାଯିବା ସହ ଜନ୍ମଦିନ ଲଡୁ ମଧ୍ୟ ବଣ୍ଟନ କରାଯାଇଥିଲା।

### ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

# କାମ ନ ସରୁଣୁ ଅରବିନ୍ଦ ନଗର ରାସ୍ତା ଫାଟି ଆଁ

**ନୟାଗଡ଼, ୨୪।୧୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବେ ରାଜନୈତିକ ଓ ବୁଦ୍ଧିଜିବୀ ମହଲରେ ଆଲୋଚନାର ବିଷୟ ପାଲଟିଛି । ସହର ମଧ୍ୟରେ ନିର୍ମାଣ ହେଉଥିବା ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହେଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ।

ନୟାଗଡ଼ ପୌରାଞ୍ଚଳର ବିଭିନ୍ନ କଲୋନୀ ତଥା ସାହିରେ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା । ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ୧୩ କିମି ରାସ୍ତାକୁ ଦୁଇ ଠିକାଦାରଙ୍କୁ ଦାୟିତ୍ୱ ଦିଆଗଲା। ରାସ୍ତା ନିର୍ମାଣ ଜଣେ ଠିକାଦାର କରିବା ସମ୍ଭବ ଥିବା ବେଳେ ପୂର୍ତ୍ତ ବିଭାଗ ଅତି ଚତୁରତାର ସହ ଦୁଇ ଜଣଙ୍କୁ ଦାୟିତ୍ୱ ଦେଇଛି । ତଥାପି ରାସ୍ତା ନିର୍ମାଣ ବିଳମ୍ବିତ ଭାବେ ଚାଲିଛି । ଯେଉଁ ନୂଆ ରସ୍ତା ନିର୍ମାଣ ହୋଇଛି, ତାହା ମଧ୍ୟରୁ ଅନେକ ଅନାବଶ୍ୟକ ହୋଇଥିଲେ ମଧ୍ୟ ଠିକାଦାର ଓ ପ୍ଲଟ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାକୁ ସୁଦୃଢ କରିବା ପାଇଁ ଅରବିନ୍ଦ ନଗରରେ କେତେକ ଅନାବଶ୍ୟକ ଥିବା ସ୍ଥାନରେ ରାସ୍ତା ନିର୍ମାଣ ହୋଇଛି । ତାହା ପୁଣି ନିମ୍ନମାନର ରାସ୍ତା ନିର୍ମାଣ କରାଯାଇଥିବା ଯୋଗୁଁ ଅନେକ ରାସ୍ତା ନିର୍ମାଣ ପରେ ପରେ ଫାଟି ଆଁ କରିଛି ।



ନୟାଗଡ଼ ପୌରାଞ୍ଚଳ ଅନ୍ତର୍ଗତ ତାରିଣୀନଗର, ସୁରନଗର, ମାର୍ଥାକଲୋନୀ, ସରସ୍ୱତୀ ବିହାର, ୱାର୍ଡ଼ ନଂ ୯ ଏବଂ ୧୦ ଏସ୍‌ପି ରେସିଡେନ୍ସ ଲେନ୍, ରାଧାନାଥ କଲୋନୀ, ପୁରୁଣାରାଜବାଟୀ ରାସ୍ତାକୁ ମିଶାଇ ମୋଟ ୫ କିମି ୪ ମିଟର ରାସ୍ତା ନିର୍ମାଣ ପାଇଁ ୯ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି କାମକୁ ଆରକେଏସଏସ ନାମକ ଠିକାସଂସ୍ଥା ନିର୍ମାଣ କରୁଛି । ୨୦୨୪ ମସିହା ଜାନୁୟାରୀ ୩୧ରୁ ଅକ୍ଟୋମ୍ବର ୩୦ ତାରିଖ ମଧ୍ୟରେ ନିର୍ମାଣ ଶେଷ କରିବା ପାଇଁ ସଂସ୍ଥା ୮ କୋଟି ୫୪ ଲକ୍ଷ ଟଙ୍କାରେ ଟେଣ୍ଡର ହାତେଇଥିଲା । ନିର୍ମାଣ ଅବଧି ଶେଷ ହୋଇଥିବା ବେଳେ ଏହି ରାସ୍ତାକାମ କେବେ ଶେଷ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଠିକ ସେହିଭଳି ଭାବେ ଅନ୍ୟତମ ଠିକାଦାର ବିଜୟ କୁମାର ସାହୁ ୨୧ ନମ୍ବର ରାଜ୍ୟ ରାଜପଥରୁ ଶ୍ରୀ ବିହାର, ମଧୁସୁଦନ ନଗର, ଗଣପତିନଗର, ଅରବିନ୍ଦନଗର, ନାରାୟଣୀବିହାର, ନୀଳକଂଣ୍ଠ ବିହାର, ଶାସ୍ତ୍ରୀନଗର, ସୌଭାଗ୍ୟମଞ୍ଜରୀ ରୋଡ଼ ନିର୍ମାଣ ଦାୟିତ୍ୱ ନେଇଥିଲେ। ୭ କିମି ୯ ଶହ ମିଟର ରାସ୍ତା ନିର୍ମାଣ ପାଇଁ ୧୪ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଠିକାଦାର ୧୨ କୋଟି ୧୭ ଲକ୍ଷ ଟଙ୍କାରେ ଟେଣ୍ଡର ହାତେଇଥିଲେ । ମାର୍ଚ୍ଚ ୧୬ ତାରିଖରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ ମସିହା ଜାନୁୟାରୀ ୧୪ ତାରିଖରେ ଶେଷ ହେବାକୁ ଧାର୍ଯ୍ୟ କରାଯାଇଛି । ଏହି ରାସ୍ତା ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଏବଂ ଏଯାଏଁ ୫୦ ପ୍ରତିଶତ କାମ ଶେଷ ହୋଇନଥିବା ଅଭିଯୋଗ ହୋଇଛି । ନିର୍ମାଣ ସରିଥିବା ରାସ୍ତା ମଧ୍ୟରୁ ଅନେକ ଫାଟି ଆଁ କରିଥିବା ଦେଖିବାକୁ ମିଳିଥିବା ବେଳେ ଅନେକ ରାସ୍ତା ଅନାବଶ୍ୟକ ସ୍ଥାନରେ ନିର୍ମାଣ କରାଯାଉଛି ।

ପୂର୍ତ୍ତ ବିଭାଗର ଦାୟିତ୍ୱ ହୀନତା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଠିକାଦାର କାମ କରିବା ସମୟରେ ଯନ୍ତ୍ରୀ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ସହରବାସୀ ଅଭିଯୋଗ କରିଛନ୍ତି। ନିର୍ମାଣ କରାଯାଉଥିବା ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ, ଉକ୍ତ ରାସ୍ତାର ଫଟୋ ଦେଖିଛି । ଜଏଣ୍ଟ ସ୍ଥାନରେ ଫାଟ ହୋଇଛି । ଯାହା ହେଲେ ବ୍ୟବସ୍ଥା କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ କିଶୋର ସତପଥି ପ୍ରକାଶ କରିଛନ୍ତି ।